OCTOBER 04, 2026
SUNDAY, BHUBANESWAR

ଅକ୍ଟୋବର ୦୪, ୨୦୨୬
ରବିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ
ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅଖଡ଼ା
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 32 ବର୍ଷ- ୨ ● ସଂଖ୍ୟା- ୩୨ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ଓଡ଼ିଶା ଟ୍ରାଭେଲ ବଜାରର ସପ୍ତମ ସଂସ୍କରଣ ଉଦ୍‌ଘାଟିତ

ପର୍ଯ୍ୟଟନ ଓ କ୍ରୀଡ଼ାର ପ୍ରମୁଖ କେନ୍ଦ୍ର ହେବ ଓଡ଼ିଶା



- ଓଡ଼ିଶାକୁ ପର୍ଯ୍ୟଟକଙ୍କ ସର୍ଗ ଭାବେ ଗଢ଼ିତୋଳିବାକୁ ଆହ୍ୱାନ : ମୁଖ୍ୟମନ୍ତ୍ରୀ
- ଓଡ଼ିଶା କେବଳ ପର୍ଯ୍ୟଟନ ନୁହେଁ ଦେଶର ଅଗ୍ରଣୀ 'ସ୍ପୋର୍ଟ୍ସ ହବ୍' : କପିଲ ଦେବ
- ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ୨୯ଟି ସ୍ଥଳୀରେ 'ଟୁରିଷ୍ଟ ପୋଲିସ'
- 'ଓସ୍ୱାଲି' ଜରିଆରେ ୧୦୦୦ ଲାଇଫ୍ ଗାର୍ଡ ନିଯୁକ୍ତ ହେବେ
- ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ' ମଞ୍ଜୁର

ଭୁବନେଶ୍ୱର, ୦୩/୧୦ : ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ ଏବଂ ବ୍ୟାପକ ପୁଞ୍ଜିନିବେଶ ଆକୃଷ୍ଟ କରିବାର ଲକ୍ଷ୍ୟ ନେଇ ଭୁବନେଶ୍ୱରରେ 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହାକୁମ୍ଭକୁ ଉଦ୍‌ଘାଟନ କରିଛନ୍ତି। ଦେଶବିଦେଶରୁ ଆସିଥିବା ନିବେଶକ, ହସ୍ପିଟାଲିଟି ବ୍ରାଣ୍ଡ ଏବଂ ଟୁରିଜିମ୍ ପାର୍ଟନରମାନେ ଓଡ଼ିଶାର ଅସୀମ ସମ୍ଭାବନାକୁ ଉପଯୋଗ କରି ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସର୍ଗ ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବାବେଳେ ପୁଞ୍ଜି ସବ୍‌ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଗୁଣାତ୍ମକ ମୌଳିକ କାଠାମୋ ନିର୍ମାଣ ନିମନ୍ତେ ୨୦୨୬ ରୁ ୨୦୩୧ ମଧ୍ୟରେ ୧,୫୦୦ କୋଟି ଟଙ୍କାର ବଜେଟ୍ ଏବଂ ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ'କୁ ମଞ୍ଜୁରୀ ଦିଆଯାଇଛି, ଯାହା ଦ୍ୱାରା ରାଜ୍ୟରେ ନୂତନ ହୋଟେଲ ଓ ରିସର୍ଟ ନିର୍ମାଣ ପୃଷ୍ଠା-୨

ଏସୀୟ କ୍ରୀଡ଼ା କ୍ରିକେଟ

ଭାରତକୁ ସ୍ୱର୍ଣ୍ଣ ପଦକ



- ❖ ଫାଇନାଲ୍ ଲଢ଼େଇରେ ପାକିସ୍ତାନ ପରାସ୍ତ
- ❖ ଅଭିଷେକ ଓ ତିଳକଙ୍କ ବିସ୍ଫୋରକ ବ୍ୟାଟିଂ

ନିଶିନ, ୦୩/୧୦ : ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରିକେଟ୍ ଦଳ ନିଜର ଦବଦବା ବଜାୟ ରଖିଛି। ମହିଳା ଦଳ ପରେ ପୁରୁଷ କ୍ରିକେଟ୍ ଦଳ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ କରାୟତ କରିଛି। ଶନିବାର ଅନୁଷ୍ଠିତ ଅତ୍ୟନ୍ତ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ ଭାରତୀୟ ପୁରୁଷ ଦଳ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧୯ ରନ୍‌ରେ ପରାସ୍ତ କରିଛି। ମ୍ୟାଚରେ ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଓପନର୍ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ୬୧ ରନ୍ (୨୮ ବଲ୍) ଏବଂ ତିଳକ ବର୍ମାଙ୍କ ଅପରାଜିତ ୫୧ ରନ୍ (୨୨ ବଲ୍) ବଳରେ ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ଏକ ବିଶାଳ ସ୍କୋର (୨୧୧ ରନ୍) ଠିଆ କରିଥିଲା। ଏହାବ୍ୟତୀତ, ଶିବମ ଦୁବେଙ୍କ ଉପଯୋଗୀ ୨୭ ରନ୍ ଦଳୀୟ ସ୍କୋରକୁ ୨୦୦ ପାର୍ କରାଇବାରେ ସାହାଯ୍ୟ କରିଥିଲା। ୨୧୨ ରନ୍‌ର ବଡ଼ ଲକ୍ଷ୍ୟର ପିଛା କରି ପାକିସ୍ତାନ ଦଳ ମଧ୍ୟ ଜୋରଦାର ଲଢ଼େଇ କରିଥିଲା। ହାସନ ନୱାଜ ମାତ୍ର ୫୧ ବଲ୍‌ରୁ ୯୬ ରନ୍‌ର ଏକ ଦମଦାର ପାଳି ଖେଳିଥିଲେ ହେଁ ଭାରତୀୟ ବୋଲରଙ୍କ ଦୃଢ଼ ପ୍ରଦର୍ଶନ ଆଗରେ ପାକିସ୍ତାନ ୨୦ ଓଭରରେ ୧୯୨/୬ ରନ୍‌ରେ ସୀମିତ ରହିଯାଇଥିଲା। ଭାରତ ପକ୍ଷରୁ ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଏବଂ ଶିବମ ଦୁବେ ପ୍ରତ୍ୟେକେ ୨ଟି ଲେଖାଏଁ ୱିକେଟ୍ ନେଇ ଦଳର ବିଜୟକୁ ସୁନିଶ୍ଚିତ କରିଥିଲେ।ଏହି ବିଜୟ ସହିତ ଭାରତ ପୁଣିଥରେ ଏସୀୟ କ୍ରୀଡ଼ାରେ ନିଜର ଶ୍ରେଷ୍ଠତା ପ୍ରମାଣିତ କରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛି।

ସଂକ୍ଷିପ୍ତ ସ୍କୋର୍: ଭାରତ ୨୦ ଓଭରରେ ୨୧୧/୬ (ଅଭିଷେକ ଶର୍ମା ୬୧, ତିଳକ ବର୍ମା ୫୧*, ଶିବମ ଦୁବେ ୨୬, ଅରାଫତ ମିନ୍‌ହାନ୍ ୨/୨୫, ଅହମଦ ଡାନିୟଲ ୨/୪୩)। ପାକିସ୍ତାନ ୨୦ ଓଭରରେ ୧୯୨/୬ (ହାସନ ନୱାଜ ୯୬, ସୌମ ଆୟୁବ ୨୯, ଅକ୍ଷର ପଟେଲ ୨/୨୯, ୱାଶିଂଟନ ସୁନ୍ଦର ୨/୨୯, ଶିବମ ଦୁବେ ୨/୨୯)।

ଶିକ୍ଷକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା

ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତିକୁ ନେଇ ରାଜ୍ୟପାଳଙ୍କ ସମୀକ୍ଷା



ଭୁବନେଶ୍ୱର, ୦୩/୧୦ : ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ନଭେମ୍ବର ମାସର ପ୍ରଥମ ସପ୍ତାହ ସୁଦ୍ଧା ଆରମ୍ଭ କରି ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କୁଳାଧିପତି ତଥା ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ସମସ୍ତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଭବନ ପରିସରସ୍ଥିତ ନ୍ୟୁ ଅଭିଷେକ ହଲ୍‌ର ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ଏକ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଏହା କହିଛନ୍ତି। ବୈଠକରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବ,ବିଭାଗର ବରିଷ୍ଠ ଅଧିକାରୀ ଏବଂ ଲୋକଭବନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।ରାଜ୍ୟପାଳ କହିଥିଲେ ଯେ, ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପରେ ଖାଲି ଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ ପୃଷ୍ଠା-୨

ନଭେମ୍ବର ମଧ୍ୟରେ ପ୍ରକ୍ରିୟା ଶେଷ କରିବାକୁ ତାଗିଦ୍

ଓଡ଼ିଶାର ହକି ଗୌରବ ବଢ଼ାଇଲେ ଅମିତ୍ ଓ ଶିଳାନନ୍ଦ

ଏସିଆଡ୍ ହକି ବିଜୟ ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ



ଭୁବନେଶ୍ୱର, ୩/୧୦: ଏସିଆଡ୍ ହକିରେ ଭାରତୀୟ ପୁରୁଷ ହକି ଦଳର ବିଜୟ ପରେ ଦଳର ଦୁଇ ଓଡ଼ିଆ ଖେଳାଳି ଅମିତ୍ ଓ ଶିଳାନନ୍ଦଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଜୟ ପାଇଁ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଭାରତୀୟ ହକି ଦଳର ସଫଳତାରେ ଓଡ଼ିଶାର ଖେଳାଳିମାନଙ୍କ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଥିଲେ। ଦେଶ ପାଇଁ ଗୌରବ ଆଣିବା ସହ ଓଡ଼ିଶାର ହକି ପରମ୍ପରାକୁ ଆହୁରି ସମୃଦ୍ଧ କରିବା ଦିଗରେ ଉଭୟଙ୍କ ସଫଳତା ପ୍ରେରଣାଦାୟୀ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅମିତ୍ ଓ ଶିଳାନନ୍ଦଙ୍କ ସହ ଦଳର ଆଗାମୀ ସଫଳତା ନେଇ ଆଲୋଚନା କରିବା ସହ ସେମାନଙ୍କ ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ କାମନା କରିଥିଲେ। ଭାରତୀୟ ହକି ଦଳର ବିଜୟରେ ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

ଓଡ଼ିଶାରେ ବିଜେପିର ନୂଆ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ



- ❖ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷାକୁ ପ୍ରାଥମିକତା : ପୁରନ୍ଦେଶ୍ୱରୀ
- ❖ ସଂଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ, ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି


ଭୁବନେଶ୍ୱର, ୩/୧୦ : ଓଡ଼ିଶା ବିଜେପିର ନବନିଯୁକ୍ତ ପ୍ରଭାରୀ ତଥା ସାଂସଦ ଡି. ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ସଦେଶ ସିଂହ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ସାଂଗଠନିକ ସ୍ଥିତିର ସମୀକ୍ଷା କରିଛନ୍ତି। ରାଜ୍ୟରେ ବିଜେପି ସରକାର ଗଠନ ପରେ ସରକାର ଓ ଦଳୀୟ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା ସହ ସଂଗଠନକୁ ଆହୁରି ସୁଦୃଢ଼ କରିବା ଉପରେ ନୂଆ ପ୍ରଭାରୀ ଗୁରୁତ୍ୱ ଦେଇଛନ୍ତି। ବିମାନବନ୍ଦରରେ ପହଞ୍ଚିବା ପରେ ଉଭୟ ନେତାଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଥିଲେ ଯେ, ଦ୍ୱିତୀୟ ଥର ପାଇଁ ଓଡ଼ିଶାର ପ୍ରଭାରୀ ଦାୟିତ୍ୱ ମିଳିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ। ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ଦଳୀୟ ସଂଗଠନକୁ ମଜବୁତ କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଶ୍ରୀମତୀ ପୁରନ୍ଦେଶ୍ୱରୀ ଦଳୀୟ କର୍ମକର୍ତ୍ତାମାନେ ପ୍ରସ୍ତୁତ ଥିବା ଦାବି କରିଥିଲେ। କର୍ମକର୍ତ୍ତାଙ୍କ ପରିଶ୍ରମ ଓ ଲୋକଙ୍କ ସମର୍ଥନ ଉପରେ ଭରସା ରଖି ଦଳ ଆଗକୁ ବଢ଼ିବ ବୋଲି ସେ କହିଥିଲେ। ସେହିପରି ସହପ୍ରଭାରୀ ସଦେଶ ସିଂହ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ସାଧାରଣ ଲୋକଙ୍କ ପାଇଁ କାମ କରିବାକୁ ପ୍ରାଥମିକତା ଦେବା କଥା କହିଥିଲେ। ଯୁବ ସମାଜ ସହ ସଂଗଠନର ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ପୃଷ୍ଠା-୨

ଶୁଭାରମ୍ଭ ହେଲା 'କୃଷି ଉନ୍ନତ ସହଯୋଗୀ'

- ◆ କୃଷି ଶିକ୍ଷା ଓ ସମ୍ପ୍ରସାରଣର ଅଭିନବ ପ୍ରୟାସ
- ◆ ତିନି ମାସିଆ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ
- ◆ ୩୧୪ ବ୍ଲକରେ ମଇଦାନକୁ ଓହ୍ଲାଇବେ ୯୬୪ କୃଷି ଛାତ୍ର



ଭୁବନେଶ୍ୱର, ୩।୧୦ : କୃଷି ଶିକ୍ଷାକୁ କ୍ଷେତ୍ରସ୍ତରୀୟ ସମ୍ପ୍ରସାରଣ ସେବା ସହ ଯୋଡ଼ିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ 'କୃଷି ଉନ୍ନତ ସହଯୋଗୀ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଓୟୁଏଟିର କୃଷି ଶିକ୍ଷା ସଦନ ସମ୍ମିଳନୀ କକ୍ଷରେ ଆୟୋଜିତ ସତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ଚଳିତବର୍ଷ ରାଜ୍ୟର ୩୦ଟି ଜିଲ୍ଲାର ୩୧୪ଟି ବ୍ଲକରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯାଉଛି। ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ତିନି ମାସ ପାଇଁ ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟର କୃଷି ଓ ଉଦ୍ୟାନ କୃଷି ବିଭାଗର ଶେଷବର୍ଷର ୯୬୪ ଜଣ ଛାତ୍ରଛାତ୍ରୀଙ୍କୁ 'ସହଯୋଗୀ' ଭାବେ ନିୟୋଜିତ କରାଯାଇଛି। ପ୍ରତ୍ୟେକ ବ୍ଲକରେ ପ୍ରାୟ ୨ରୁ ୩ ଜଣ ଛାତ୍ରଛାତ୍ରୀ କାର୍ଯ୍ୟ କରିବେ। ଖରିଫ ଋତୁରେ ରୋଗପୋକ ସର୍ବେକ୍ଷଣ, କୃଷକଙ୍କ ସମସ୍ୟା ଚିହ୍ନଟ, ସରକାରୀ ଯୋଜନା ସମ୍ପର୍କରେ ସଚେତନତା ଏବଂ କୃଷି ପ୍ରଯୁକ୍ତିର ପ୍ରସାର ଏହି କାର୍ଯ୍ୟକ୍ରମର ପ୍ରମୁଖ ପୃଷ୍ଠା-୨



ବ୍ୟଙ୍ଗ ବିଚାର

ଡ.ଗିରୀଶ ରଂଜନ

ପର୍ଯ୍ୟଟନ ଆଉ କ୍ରୀଡ଼ାରେ
ଆଗେଇବ ଆମ ଓଡ଼ିଶା
ଡଙ୍ଗାରେ ବସି ଚିଲିକା ବୁଲିବେ
ମାଉସୀ ସାଥିରେ ମଉସା
ଇର୍ଷାରେ ଜଳିବେ ପଡ଼ିଶା
ମାଉସୀ ଦେଖିବ କ୍ରିକେଟ ଖେଳ
ମଉସାଠୁ ନେଇ ପଇସା

ଗଁଦିଆରେ 'ସେବା ସେତୁ ମେଳା'

ହିତାଧିକାରୀଙ୍କୁ ସହାୟତା ଓ ରାସନ କାର୍ଡ ବଣ୍ଟନ


ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଆମର ଲକ୍ଷ୍ୟ : ଯୋଗାଣ ମନ୍ତ୍ରୀ





ଢେଙ୍କାନାଳ, ୩/୧୦ (ବିଜ୍ଞାନ ମହାନ୍ତି): ରାଜ୍ୟର ଶେଷ ସୀମାରେ ଥିବା ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନିକଟରେ ସରକାରୀ ଯୋଜନା ଓ ଜନକଲ୍ୟାଣକାରୀ ସେବା ସହଜରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ପରିସରରେ 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅନ୍ତର୍ଗତ ଏକ ଭବ୍ୟ 'ସେବା ସେତୁ ମେଳା' ଅନୁଷ୍ଠିତ ହୋଇଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ସାସ୍ଥ୍ୟ କିଟ୍ ଏବଂ ବିଭିନ୍ନ ଆର୍ଥିକ ସହାୟତା ରାଶି ବଣ୍ଟନ କରିଛନ୍ତି।

ସଭାକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ସରକାରୀ ଯୋଜନାରୁ ଯେପରି କୌଣସି ଗରିବ କିମ୍ବା ଅସହାୟ ବ୍ୟକ୍ତି ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏହି 'ସେବା ସେତୁ ମେଳା'ର ଆୟୋଜନ କରାଯାଉଛି। ଲୋକଙ୍କୁ ସରକାରୀ ଦପ୍ତରକୁ ଦୌଡ଼ିବାକୁ ପଡ଼ିବ ନାହିଁ, ବରଂ ସରକାର ନିଜେ ଲୋକଙ୍କ ଦୁଆରମୁହଁରେ ପହଞ୍ଚି ସେବା ଯୋଗାଇ ଦେଉଛନ୍ତି। ଏହି ମେଳା ମାଧ୍ୟମରେ ସାଧାରଣ ଜନତା ସହଜରେ ସରକାରୀ ପୃଷ୍ଠା-୨



ରବିବାର ୦୪।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ପର୍ଯ୍ୟଟନ ଓ କ୍ରୀଡ଼ାର...

ପାଇଁ ପଥ ସୁଗମ ହୋଇଛି। ଅତିଥିମାନଙ୍କ ସୁରକ୍ଷା ଓ ଅତିଥି ସତ୍କାରକୁ ସର୍ବାଧିକ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ କିଛି ଗୁରୁତ୍ୱପୂର୍ଣ୍ଣ ଓ ଯୁଗାନ୍ତକାରୀ ଘୋଷଣା କରିଛନ୍ତି। ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ 'ଟୁରିଷ୍ଟ ପୋଲିସ' ବ୍ୟବସ୍ଥା ଆରମ୍ଭ କରାଯାଉଥିବାବେଳେ ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ 'ଓସାଲି' ମାଧ୍ୟମରେ ଏକ ହଜାର ପ୍ରଶିକ୍ଷିତ ଜୀବନରକ୍ଷକ ବା ଲାଇଫ୍ ଗାର୍ଡ ନିଯୁକ୍ତ କରାଯିବ। ଅଧିକ ଭିଡ଼ ପରିଲକ୍ଷିତ ହେଉଥିବା ସ୍ଥଳୀଗୁଡ଼ିକରେ 'ଡେଷ୍ଟିନେସନ୍ ମ୍ୟାନେଜର୍' ମଧ୍ୟ ନିଯୁକ୍ତ ହେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ରାଜ୍ୟବାସୀଙ୍କୁ ଆବାହନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର 'ଅତିଥି ଦେବୋ ଭବଃ' ଅନୁଯାୟୀ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ପଡ଼ିବ, ଯାହାଦ୍ୱାରା ସେମାନେ ହିଁ ଓଡ଼ିଶାର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡର ହୋଇପାରିବେ। ଆଜିର ସୋସିଆଲ ମିଡିଆ ଯୁଗରେ ଗୋଟିଏ ବି ଅପ୍ରୀତିକର ପରିସ୍ଥିତି ବିଜୁଳି ବେଗରେ ଖେଳିଯାଉଥିବାରୁ ସମସ୍ତଙ୍କୁ ମିଳିମିଶି ଓଡ଼ିଶାର ସୁଖଦ ଅନୁଭୂତି ବିସ୍ତାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ମରୁଭୂମିକୁ ବାଦ୍ ଦେଲେ ଭୂପୃଷ୍ଠର ସମସ୍ତ ପ୍ରକାର ପ୍ରାକୃତିକ ବିଭବ ଓ ସୌନ୍ଦର୍ଯ୍ୟ ଓଡ଼ିଶାମାଟିରେ ରହିଛି ବୋଲି ଗର୍ବର ସହ ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ଭଳି ବିଶ୍ୱସ୍ତରୀୟ ଐତିହାସିକ ସ୍ମାରକ ସାଙ୍ଗକୁ ରାଜ୍ୟରେ ୫୭୫ କିଲୋମିଟର ଦୀର୍ଘ ପ୍ରାକୃତିକ ସମୁଦ୍ରତଟ, ଭିତରକନିକାର ବିଶ୍ୱପ୍ରସିଦ୍ଧ ମ୍ୟାଙ୍ଗ୍ରୋଭ୍ ଜଙ୍ଗଲ, ଏସିଆର ସର୍ବବୃହତ ଲୁଣିଆ ପାଣି ହ୍ରଦ ଚିଲିକା ଏବଂ ହୀରାକୁଦ ଜଳଭଣ୍ଡାର ରହିଛି। ବିକଶିତ୍ ଓଡ଼ିଶା ଭିଜନ୍ ୨୦୩୬-୨୦୪୭ ରୋଡମ୍ୟାପ୍ ଅନୁଯାୟୀ ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରାଯାଉଛି। ରାଜ୍ୟର ସ୍ଥାନୀୟ କାରିଗର, ଗାଇଡ଼ ଏବଂ ଟୁର୍ ଅପରେଟରମାନଙ୍କୁ ଅତ୍ୟାଧୁନିକ ଡିଜିଟାଲ୍ ଜ୍ଞାନକୌଶଳରେ ସଜ୍ଜିତ କରାଯାଉଛି, ଯାହାଦ୍ୱାରା ପର୍ଯ୍ୟଟକଙ୍କ ଯାତ୍ରା ଅଧିକ ସୁଗମ ଓ ଅବିସ୍ମରଣୀୟ ହୋଇପାରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶା କେବଳ ଗୋଟିଏ ଗନ୍ତବ୍ୟସ୍ଥଳ ନୁହେଁ, ଓଡ଼ିଶା ନିଜେ ଏକ ବିଶ୍ୱ ଅନୁଭୂତି। ଆମର ବୌଦ୍ଧ ଐତିହ୍ୟ, ହସ୍ତତନ୍ତ, ଐତିହ୍ୟସ୍ଥଳୀ, ବିଶାଳ ଚିଲିକା ଏବଂ ଇକୋ-ଟୁରିଜିମ୍ ଏହାର ପ୍ରମାଣ। ଆମ ସଂସ୍କୃତି ପର୍ଯ୍ୟଟନ ପାଇଁ ସୃଷ୍ଟି କରାଯାଇନାହିଁ, ଏହା ନିଜ ମୌଳିକ ରୂପରେ ଜୀବନ୍ତ ଅଛି। ଆମ ସରକାର ସ୍ଥାୟୀ ପର୍ଯ୍ୟଟନ ପାଇଁ ଏକ ସୁଦୃଢ଼ ଏବଂ ଉତ୍ତମ ପରିବେଶ ସୃଷ୍ଟି କରୁଛନ୍ତି, ଯାହା ଦ୍ୱାରା ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶ ହେବ। ପର୍ଯ୍ୟଟନ ଅର୍ଥନୀତିରେ ଏକ ସଶକ୍ତ ଯୋଗଦାନକାରୀ ହେବା ଉଚିତ୍। ଆମ ପର୍ଯ୍ୟଟନରେ ସାହସିକ ପର୍ଯ୍ୟଟନ ମଧ୍ୟ ଅନ୍ତର୍ଭୁକ୍ତ ଏବଂ ଆମେ ତାହାକୁ ଅଧିକ ସୁଦୃଢ଼ କରୁଛୁ। କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ୟାପ୍ଟେନ୍ ତଥା କିମ୍ବଦନ୍ତୀ ଖେଳାଳି କପିଳ ଦେବ କ୍ରୀଡ଼ା ଏବଂ ଦେଶର ବିକାଶ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ସେ କହିଛନ୍ତି ଯେ ଯେକୌଣସି ଦେଶ ନିଜର କ୍ରୀଡ଼ା ଏବଂ କ୍ରୀଡ଼ାବିତ୍ମାନଙ୍କ ଜରିଆରେ ବିଶ୍ୱରେ ପରିଚିତ ହୋଇଥାଏ ଏବଂ ଆଜି ଆମ ଦେଶ କ୍ରୀଡ଼ା କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି। ଏସୀୟ କ୍ରୀଡ଼ା ତଥା ଅଲିମ୍ପିକ୍ସରେ ଆମର ଆଥଲେଟ୍‌ମାନେ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସେ ସତନ୍ତ୍ର ଭାବେ ମତ ଦେଇଛନ୍ତି ଯେ ଓଡ଼ିଶା କେବଳ ପର୍ଯ୍ୟଟନ ନୁହେଁ, ବରଂ ଭାରତୀୟ ହକିକୁ ଆଗକୁ ବଢ଼ାଇବାରେ ଏକ ବିଶାଳ ଭୂମିକା ଗ୍ରହଣ କରିଛି। ଆଜି ଆମେ ଗର୍ବର ସହ କହିପାରିବା ଯେ ଆଗାମୀ ଦିନରେ ଓଡ଼ିଶା କେବଳ ପର୍ଯ୍ୟଟନ କ୍ଷେତ୍ରରେ ନୁହେଁ, ବରଂ ଭାରତର 'ସ୍ପୋର୍ଟସ ହବ୍' ବା କ୍ରୀଡ଼ାର ପ୍ରମୁଖ କେନ୍ଦ୍ର ଭାବେ ପରିଣତ ହେବ ।କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ପୋର୍ଟାଲ ଏବଂ ଏକ ସତନ୍ତ୍ର କଫି ଟେବୁଲ୍ ବୁକ୍ 'ପିଠା, ମିଠା ପଣା' କୁ ଲୋକାର୍ପିତ କରିଛନ୍ତି।

ଶିକ୍ଷକ ନିଯୁକ୍ତିରେ ମେଧାକୁ...

କରିବା ଏବେ ଏକ ପ୍ରମୁଖ ଆହ୍ୱାନ। ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗୋଟିଏ ଦିନରେ ୧୪ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ ହୋଇଥିବା ଉଲ୍ଲେଖ କରି ସେ କହିଥିଲେ ଯେ, ଏବେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ପାଇଁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯିବା ଆବଶ୍ୟକ ।ଶିକ୍ଷକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା ଦିଆଯିବା ଉଚିତ। ଗୁଣବତ୍ତା ଓ ମେଧା ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ ବୋଲି ରାଜ୍ୟପାଳ କହିବା ସହ ସର୍ବୋତ୍ତମ ଯୋଗ୍ୟତାସମ୍ପନ୍ନ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାପକ ଭାବେ ପ୍ରାର୍ଥୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ ଓ ଯାଞ୍ଚ କରିବା ପରିବର୍ତ୍ତେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସାକ୍ଷାତକାର ପାଇଁ ଡାକିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏଭଳି ପ୍ରକ୍ରିୟା ଦ୍ୱାରା କୌଣସି ଯୋଗ୍ୟ ପ୍ରାର୍ଥୀ ନିଜକୁ ବାଦ ପଡ଼ିଥିବା ଅନୁଭବ କରିବେ ନାହିଁ ଏବଂ ସାକ୍ଷାତକାର ବୋର୍ଡକୁ ଅଧିକ ପ୍ରାର୍ଥୀଙ୍କ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ। ଓଡ଼ିଶା ଲୋକଭବନକୁ ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନ୍ସିଲ୍ ପକ୍ଷରୁ ପ୍ଲାଟିନମ୍ ସାର୍ଟିଫିକେସନ୍ ମିଳିଥିବା ଉଦାହରଣ ଦେଇ ରାଜ୍ୟପାଳ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମଧ୍ୟ ଗ୍ରୀନ୍ ସାର୍ଟିଫିକେସନ୍ ହାସଲ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଅଧିକାଂଶ ବିଶ୍ୱବିଦ୍ୟାଳୟ ପରିସରରେ ପର୍ଯ୍ୟାପ୍ତ ସବୁଜିମା ରହିଛି ଏବଂ ଆଉ କିଛି ଅତିରିକ୍ତ ପଦକ୍ଷେପ ନେଲେ ସେମାନେ ଏହି ସାର୍ଟିଫିକେସନ୍ ହାସଲ କରିପାରିବେ ବୋଲି ସେ ମତ ଦେଇଥିଲେ ।ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଆକ୍ରେଡିଟେସନ୍ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ରାଜ୍ୟପାଳ ସୂଚନା ନେଇଥିଲେ ।ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ପାଇଁ ସମାନ କାର୍ଯ୍ୟକାଳ ରହିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। କେତେକ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ କାର୍ଯ୍ୟକାଳ ତିନି ବର୍ଷ ଥିବାବେଳେ ଅନ୍ୟ କେତେକ ବିଶ୍ୱବିଦ୍ୟାଳୟରେ ଏହା ଚାରି ବର୍ଷ ରହିଛି। କୁଳପତିମାନଙ୍କ ପାଇଁ ସମାନ କାର୍ଯ୍ୟକାଳ ରହିବା ଉଚିତ ବୋଲି ସେ କହିଥିଲେ ।ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତିର ବ୍ୟବହାର ବୃଦ୍ଧି କରିବାକୁ ମଧ୍ୟ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜସ୍ୱ ପଦକ୍ଷେପରେ କିମ୍ବା ରିନ୍ୟୁଏବଲ୍ ଏନର୍ଜି ସର୍ଭିସ୍ କମ୍ପାନୀ ମଡେଲ୍ ଅଧୀନରେ ସୌର ଶକ୍ତି ଗ୍ରହଣ କରିପାରିବେ ବୋଲି ସେ ପରାମର୍ଶ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟପାଳଙ୍କ ପରାମର୍ଶକୁ ସମର୍ଥନ କରିବା ସହ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ପାଇଁ ସମସ୍ତ କୁଳପତିଙ୍କୁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରିବାକୁ କହିଥିଲେ ।ଏହି ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତିର ବର୍ତ୍ତମାନ ସ୍ଥିତି ଉପରେ ପ୍ରେଜେଣ୍ଟେସନ ମାଧ୍ୟମରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ।

ଶୁଭାରମ୍ଭ ହେଲା 'କୃଷି...

ଉଦ୍ଦେଶ୍ୟ। ଛାତ୍ର ସହଯୋଗୀମାନେ ଗ୍ରାମପଞ୍ଚାୟତସ୍ତରୀୟ ସମ୍ପ୍ରସାରଣ କର୍ମଚାରୀଙ୍କ ସହଯୋଗରେ ଇ-ପେଷ୍ଟ ଓ ଏନପିଏସଏସ ମାଧ୍ୟମରେ ରୋଗପୋକ ନିରୀକ୍ଷଣ କରିବେ। ପ୍ରତ୍ୟେକ ଛାତ୍ର ୧୦୦ ଜଣ କୃଷକଙ୍କ ଗୁଣାତ୍ମକ ସର୍ବେକ୍ଷଣ କରିବା ସହ ୫ଟି ଫସଲ ଅମଳ ପରୀକ୍ଷଣ କରିବେ। ଏଥିସହ କୃଷି ସାମଗ୍ରୀ ବିକ୍ରେତା, କୃଷକ ଉତ୍ପାଦକ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପିଏସିଏସ/ଏଲଏଏମପିଏସ ପରିଦର୍ଶନ କରି କୃଷକଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ କୃଷି ଆପ୍ଲିକେସନ୍ ସମ୍ପର୍କରେ ସଚେତନ କରାଇବେ। କୃଷକଙ୍କ ସମସ୍ୟା, ସଫଳତାର କାହାଣୀ ଓ ପ୍ରତିକ୍ରିୟା ମଧ୍ୟ ସଂଗ୍ରହ କରାଯିବ। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଛନ୍ତି ଯେ, କୃଷିର ବିକାଶ ସହ ଏକ ସୁଦୃଢ଼ କୃଷି ସମ୍ପ୍ରସାରଣ ବ୍ୟବସ୍ଥା ଗଠନରେ ଏହି ପଦକ୍ଷେପ ସହାୟକ ହେବ। କ୍ଷେତ୍ରସ୍ତରରେ କାମ କରି ଛାତ୍ରଛାତ୍ରୀମାନେ ବ୍ୟବହାରିକ ଅନୁଭୂତି ହାସଲ କରିବେ। ସେମାନେ ନିଷ୍ଠା, ନମ୍ରତା ଓ ସେବା ମନୋଭାବରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ସହଯୋଗୀମାନେ ସୋମବାରରୁ ଶୁକ୍ରବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କ୍ଷେତ୍ରସ୍ତରରେ କାର୍ଯ୍ୟ କରିବେ। ସେମାନଙ୍କ କାର୍ଯ୍ୟଦକ୍ଷତା କୁସ ଆପ ଓ ଆଡପ୍ଟ ଡ୍ୟାସବୋର୍ଡ ମାଧ୍ୟମରେ ଡିଜିଟାଲ୍ ଭାବେ ଅନୁଧ୍ୟାନ କରାଯିବ। ସମ୍ପୃକ୍ତ ବ୍ଲକ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀ ସାପ୍ତାହିକ ଭାବେ କାର୍ଯ୍ୟର ସମୀକ୍ଷା କରିବେ। ତିନି ମାସର ଇଣ୍ଟର୍ନସିପ୍ ସଫଳତାର ସହ ଶେଷ କରୁଥିବା ଛାତ୍ରଛାତ୍ରୀଙ୍କୁ ୨୧ ହଜାର ଟଙ୍କା ଷ୍ଟାଇପେଣ୍ଡ/ପ୍ରୋତ୍ସାହନ ରାଶି ସହ ସମାପ୍ତି ପ୍ରମାଣପତ୍ର ପ୍ରଦାନ କରାଯିବ। ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଜାଧବ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

'ଓଡ଼ିଶା ବିଜେପିର ନୂଆ...

ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଦଳୀୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ ଏବଂ ବିଭିନ୍ନ ମୋର୍ଚ୍ଚାର ସଭାପତିଙ୍କ ସହ ବୈଠକ ହୋଇଥିଲା। ବୈଠକରେ ସାଂଗଠନିକ ସ୍ଥିତି, 'ସେବା ସଂକଳ୍ପ ଅଭିଯାନ' ଏବଂ ଆଗାମୀ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିବା ଦଳୀୟ ସୂତ୍ରରୁ କୁହାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ ଯେ, ଶ୍ରୀମତୀ ପୁରନ୍ଦେଶ୍ୱରୀଙ୍କର ଓଡ଼ିଶା ସଂଗଠନ ସହ ଦୀର୍ଘଦିନର ସମ୍ପର୍କ ରହିଛି। ତାଙ୍କ ଅଭିଜ୍ଞତା ଦଳୀୟ ସଂଗଠନ ପାଇଁ ଉପଯୋଗୀ ହେବ। ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରଖି ସମସ୍ତଙ୍କୁ ସାଙ୍ଗରେ ନେଇ ଦଳ ଆଗକୁ ବଢ଼ିବ ବୋଲି ସେ କହିଥିଲେ। ଏହାପୂର୍ବରୁ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ଭୁବନେଶ୍ୱର ମହାନଗର ନିଗମର ୩୫ ନମ୍ବର ୱାର୍ଡର ଅଙ୍ଗନବାଡ଼ି କେନ୍ଦ୍ରରେ ଆୟୋଜିତ 'ଆଙ୍ଗନ୍ କି ଉତ୍ସବ'ରେ ପୁରନ୍ଦେଶ୍ୱରୀ ଯୋଗଦେଇଥିଲେ। ଅନ୍ୟପକ୍ଷରେ ସଦେଶ ସିଂହ ୪୦ ନମ୍ବର ୱାର୍ଡର କାର୍ଯ୍ୟକ୍ରମରେ ସାମିଲ ହୋଇ ଅଙ୍ଗନବାଡ଼ି କର୍ମଚାରୀଙ୍କ ସେବା ଏବଂ ଶିଶୁଙ୍କ ସାସ୍ଥ୍ୟ ଓ ପୋଷଣ ସମ୍ପର୍କରେ ଆଲୋଚନା କରିଥିଲେ।

ହିତାଧିକାରୀଙ୍କୁ ସହାୟତା...

ଯୋଜନାର ସୁଫଳ ପାଇପାରୁଛନ୍ତି ଏବଂ ଏହା ରାଜ୍ୟ ସରକାରଙ୍କ ଏକ ଅତ୍ୟନ୍ତ ସୁନ୍ଦର ଓ ଲୋକାଭିମୁଖୀ ପଦକ୍ଷେପ। ଗଁଦିଆ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ମେଳାରେ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରଥମେ ବିଭିନ୍ନ ବିଭାଗ ପକ୍ଷରୁ ଖୋଲାଯାଇଥିବା ପ୍ରଦର୍ଶନୀ ଓ ସେବା ଷ୍ଟଲ୍‌ଗୁଡ଼ିକୁ ବୁଲି ପରିଦର୍ଶନ କରିଥିଲେ। ଷ୍ଟଲ୍‌ଗୁଡ଼ିକରେ ଜନସାଧାରଣଙ୍କୁ କିପରି ସେବା ଯୋଗାଇ ଦିଆଯାଉଛି, ସେ ସମ୍ପର୍କରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ନୂତନ ଯୋଗ୍ୟ ହିତାଧିକାରୀମାନଙ୍କୁ ମନ୍ତ୍ରୀ ନିଜ ହାତରେ ନୂଆ ରାସନ କାର୍ଡ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ମା' ଓ ଶିଶୁଙ୍କ ପ୍ରାଥମିକ ସାସ୍ଥ୍ୟ ପରୀକ୍ଷାକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମନ୍ତ୍ରୀ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଆଶା (ASHA) କର୍ମୀମାନଙ୍କୁ 'ଆଶା କିଟ୍' ବଣ୍ଟନ କରିଥିଲେ। ସେହିପରି ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କୁ ବିବାହ ସହାୟତା, ଶିକ୍ଷା ସହାୟତା ଏବଂ ସେମାନଙ୍କର ସରକାରୀ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହାଦ୍ୱାରା ଶ୍ରମିକ ପରିବାରଗୁଡ଼ିକ ଆର୍ଥିକ ସମ୍ବଳ ପାଇପାରିବା ସହ ସାମାଜିକ ସୁରକ୍ଷା କ୍ଷେତ୍ରରେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ମହିଳା ସଶକ୍ତୀକରଣକୁ ପ୍ରାଥମିକତା ଦେଇ ମନ୍ତ୍ରୀ ଶ୍ରୀ ପାତ୍ର ସ୍ୱୟଂ ସହାୟକ ଗୋଷ୍ଠୀ (SHG)ର ମା'ମାନଙ୍କୁ ବିଭିନ୍ନ ଯୋଜନା ଅଧୀନରେ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ମା'ମାନେ ଆତ୍ମନିର୍ଭରଶୀଳ ହେଲେ ସମାଜ ଓ ରାଜ୍ୟର ପ୍ରଗତି ଦ୍ରୁତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସରକାରଙ୍କ ଏହି ସ୍ୱଚ୍ଛ ଓ ପ୍ରତ୍ୟକ୍ଷ ବ୍ୟବସ୍ଥା ଯୋଗୁଁ ଆଜି ଗ୍ରାମାଞ୍ଚଳର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ବିଶେଷ ନିଜର ହକ୍ ଓ ସୁବିଧା ପାଇପାରୁଛନ୍ତି। ଗଁଦିଆ ବ୍ଲକ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ (BDO) ପବିତ୍ର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ର ଏବଂ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡ ଧର ସାହୁ ପ୍ରମୁଖ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହାସହିତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ଶହ ଶହ ହିତାଧିକାରୀ ଯୋଗ ଦେଇଥିଲେ। ସରକାରୀ ସେବାକୁ ସିଧାସଳଖ ଜନସାଧାରଣଙ୍କ ଦୁଆରମୁହଁରେ ପହଞ୍ଚାଉଥିବା ଏହି 'ସେବା ସେତୁ ମେଳା' ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା ସାଉଁଟିଛି।

ନୂଆପଡ଼ାରେ ବ୍ଲକସ୍ତରୀୟ ସେବା ସଙ୍କଳ୍ପ ଅଭିଯାନ ୨୦୨୬ ଅନ୍ତର୍ଗତ 'ସେବା ସେତୁ ଶିବିର' ଅନୁଷ୍ଠିତ



ନୂଆପଡ଼ା, ୦୩/୧୦(ଅକ୍ଷର ଓଡିଶା) ନୂଆପଡ଼ା ବ୍ଲକରେ ବ୍ଲକସ୍ତରୀୟ ସେବା ସଙ୍କଳ୍ପ ଅଭିଯାନ ୨୦୨୬ ଅନ୍ତର୍ଗତ 'ସେବା ସେତୁ ଶିବିର' ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଓ ସରକାରୀ ସେବାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସହଜ, ସ୍ୱଚ୍ଛ ଓ ସମୟୋଚିତ ଭାବେ ପହଞ୍ଚାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ବିଧାୟକ, ନୂଆପଡ଼ା ଜୟ ଢୋଲକିଆ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି, ପ୍ରେମ ଅଗରୱାଲ, ପଞ୍ଚାୟତ ସମିତି ନୂଆପଡ଼ା ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଲ୍‌କର, ଜିଲ୍ଲା ପରିଷଦ ସଦସ୍ୟ ଉମା ଠାକୁର ଓ ଭାରତ ଲାଲ ରାଉତ, ସାହୁ ସମାଜ ସଭାପତି ଧନୀରାମ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡ଼ା ରୋହିତ ଭୋଇ, ତହସିଲଦାର, ନୂଆପଡ଼ା

କପିଳାସରେ ମା'ଙ୍କ ଷୋଡ଼ଶ ଦିନାତ୍ମକ ପୂଜା

ସୁନାବେଶରେ ଦର୍ଶନ ଦେବେ ଦେବୀ ପାର୍ବତୀ



ଗଁଦିଆ ୦୩/୧୦(ବେତୁଜୀ ପ୍ରସାଦ):ଜୟ ମା' ଚଣ୍ଡୀ ! ଜୟ ମା' ପାର୍ବତୀ ! ଶାରଦୀୟ ଆଗମନରେ ଏବେ ଉତ୍ସବମୁଖର ପ୍ରସିଦ୍ଧ ଶୈବପୀଠ କପିଳାସ । ଆଜି ମୂଳାଷ୍ଟମୀ ତିଥିଠାରୁ ଆରମ୍ଭ ହୋଇଛି ଜଗଦମ୍ବା ମହିଷାମର୍ଦ୍ଦିନୀ ଦେବୀ ପାର୍ବତୀଙ୍କ ଅତି ପବିତ୍ର ଷୋଡ଼ଶ ଦିନାତ୍ମକ ପୂଜା । ମା'ଙ୍କ ଏହି ଦିବ୍ୟ ଶାରଦୀୟ ଉତ୍ସବ ପାଇଁ ସମଗ୍ର ପୀଠରେ ଏକ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।ଷୋଡ଼ଶ ଦିନବ୍ୟାପୀ ଚାଲିବାକୁଥିବା ଏହି ମହୋତ୍ସବର ପ୍ରଥମ ଦିନରେ ମା'ଙ୍କ ସହସ୍ର କୁମ୍ଭାଭିଷେକ ଓ ଘଟ ସ୍ଥାପନ ନୀତି ଅନୁଷ୍ଠିତ ହେଉଛି । ପ୍ରତ୍ୟୁଷରେ ଦ୍ୱାରଫିଟା ନୀତି ଓ ମଙ୍ଗଳ ଆଳତୀ ପରେ ୧୦୮ କୁମ୍ଭ ଜଳରେ ମା'ଙ୍କ ମହାସ୍ନାନ କରାଯାଇଛି । ବିଲ୍ୱବରଣ, ହୋମଯଜ୍ଞ ଓ ଚଣ୍ଡୀପାଠ ସହ ଏହି ପୂଜାରେ ଏକ ବଡ଼ ବିଶେଷତ୍ୱ ହେଲା— ମା'ଙ୍କ ନିକଟରେ ସ୍ୱତନ୍ତ୍ର ମାଣ୍ଡୁଅ ଭୋଗ ଲାଗି କରାଯାଏ, ଯାହା ବର୍ଷର କେବଳ ଏହି ଶାରଦୀୟ ଉତ୍ସବରେ ହିଁ ଭୋଗ ହୋଇଥାଏ ।ଇତିହାସ ପ୍ରସିଦ୍ଧ ଏହି ପୀଠରେ ୧୨୪୬ ଖ୍ରୀଷ୍ଟାବ୍ଦରେ ଗଜପତି ମହାରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ସମୟରେ ନିର୍ମିତ ମନ୍ଦିରରେ ମା' ଚତୁର୍ଭୁଜା ରୂପରେ ବିରାଜମାନ । ଦୁର୍ଗାପୂଜା ଅବସରରେ ମା'ଙ୍କ ଅତି ମନୋମୁଗ୍ଧକର ସୁନାବେଶ ଅନୁଷ୍ଠିତ ହୋଇଥାଏ । ଢେଙ୍କାନାଳ ଟ୍ରେଜେରୀରୁ କଡ଼ା ପୋଲିସ ସୁରକ୍ଷାରେ ଅଣାଯାଇଥିବା ସ୍ୱର୍ଣ୍ଣ ନିର୍ମିତ ନୂପୁର, ତାଟଙ୍କ, କଙ୍କଣ, କିରୀଟ ଓ ପଦ୍ମମାଳ ଆଦି ଦିବ୍ୟ ଅଳଙ୍କାରରେ ମା' ଭୂଷିତା ହୋଇ ଭକ୍ତଙ୍କୁ ଦର୍ଶନ ଦେବେ ।ଷୋଳଦିନ ଧରି ଭକ୍ତମାନେ ମା'ଙ୍କ ବିଭିନ୍ନ ରୂପ ଓ ବେଶ ଦର୍ଶନ କରି କୃତାର୍ଥ ହେବେ । ଦଶହରା ଦିନ ମା'ଙ୍କ ଚଳନ୍ତି ପ୍ରତିମା ଶୋଭାଯତ୍ରାରେ ପାହାଡ଼ ପାଦଦେଶସ୍ଥ ଦେଓଗାଁ ଯାତ୍ରା ପଡ଼ିଆକୁ ବିଜେ କରିବେ, ଯେଉଁଠାରେ ପାରମ୍ପରିକ ପାଇକ ଆଖଡ଼ା ଓ ମହାସମାରୋହରେ ଦଶହରା ପାଳିତ ହେବ । ଦେବୋତ୍ତର ବିଭାଗ ଓ ସେବାୟତମାନଙ୍କ ସହଯୋଗରେ ସମସ୍ତ ନୀତିକାନ୍ତି ସୂଚାରୁରୂପେ ଚାଲିଥିବାବେଳେ କପିଳାସ ପୀଠରେ ଏବେ 'ଜୟ ମା' ଦୁର୍ଗା' ଧ୍ୱନି ପ୍ରକମ୍ପିତ ହେଉଛି ।

ଢେଙ୍କାନାଳରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ଢେଙ୍କାନାଳ, ୦୩/୧୦ (ବିଜ୍ଞାନ ମହାନ୍ତି): ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ପୂର୍ବାହ୍ନରେ ବସଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀ ପାର୍କ ଠାରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କ୍ଷ ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ଆଜିଙ୍କ୍ୟ ବାବୁରାଓ ମାନେ, ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଞ୍ଜନ ସେଠୀ, ଉପ-ଜିଲ୍ଲାପାଳ ପଦ୍ମ ଚରଣ ସାହୁ ଓ ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଡକ୍ଟର ଅନୁପମା ମିଶ୍ର ଗୀତା, ଶ୍ରୀ ନଜରୁଲ ଇସଲାମ କୋରାନ ଓ ଫାଦର ନକୁଳ ନାୟକ ବାଇବେଲ ପାଠ କରିଥିଲେ । ଏହାସହ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଉତ୍ସବରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ କର ପରିଚାଳନା କରିଥିବା ବେଳେ ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀନିବାସ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପୂର୍ବରୁ ଆଜି ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପରିବେଷଣ କରାଯାଇଥିଲା ।

ପାଠକ ବିଚାର ମଞ୍ଚ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ



କ।ମା।କ୍ଷ।ନ ଗ ର , ୩/ ୧ ୦ (ସୁ ମ ନ୍ତ ଜେନା)କାମାକ୍ଷାନଗର ପାଠକ ବିଚାର ମଞ୍ଚ ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଠକ ବିଚାର ମଞ୍ଚ ର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପାଠକ ବିଚାର ମଞ୍ଚର ସଭାପତି ଜ୍ଞାନରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ମେଜର ପ୍ରଭାତ କୁମାର ଦାଶ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । କାମାକ୍ଷାନଗର ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇ ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ଉପଦେଷ୍ଟା ଅମର ପ୍ରସାଦ ଶତପଥୀ,ସଦସ୍ୟ ମଙ୍ଗୁଳି ନାଏକ, ଶେଷଦେବ ପଣ୍ଡା,ମଦନ ମୋହନ ବରାଳ,ଭାସ୍କର ଚନ୍ଦ୍ର ରାଉଳ, ଗଜେନ୍ଦ୍ର ନାୟକ, ଦିବ୍ୟାସିଂହ ଲେଙ୍କା,ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ଆବାହକ ଶୁଭମୟ ନନ୍ଦଙ୍କ ଆବାହକତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେବରିଷ ସଦସ୍ୟ ରସାନନ୍ଦ ଦେହୁରୀ, ମଧୁସୂଦନ ରାଉତ, ବସନ୍ତ କୁମାର ସାହୁ,ସନ୍ତୋଷ କୁମାର ପତି, ପ୍ରଭୁପ୍ରସାଦ ନନ୍ଦ, ସମୀର କୁମାର ଦାସ, ଉପଖଣ୍ଡ ସାମ୍ବାଦିକ ସଙ୍ଘର ଉପସଭାପତି ଚିତ୍ତରଞ୍ଜନ ଦିବେଦୀ, ସାଧାରଣ ସଂପାଦକ ପ୍ରକାଶ କୁମାର ପାତ୍ର, ପ୍ରହଲ୍ଲାଦ ମୁଦୁଲି, ସୋମ୍ୟରଞ୍ଜନ ନାୟକ,ଦୟାନିଧି ସାହୁ,ଦୈତାରୀ ବେହେରା, ଧାରମାନନ୍ଦ ସେଠି, ବିଷ୍ଣୁ ପ୍ରସାଦ ସେଠି, ସନ୍ତୋଷ କୁମାର ସାହୁ,ମୁରଲୀଧର ବିଶ୍ୱାଳ, ଗୋପୀ ବେହେରା, ଅରୂପାନନ୍ଦ ପାତ୍ର, ସୁଧୀର କୁମାର ଜେନା ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

ନଗର ମଣ୍ଡଳ ପକ୍ଷରୁ ମାସିକ ସାଂଗଠନିକ ବୈଠକ



ଢେଙ୍କାନାଳ,୦୩/୧୦(ସୁଶାନ୍ତ କୁମାର ପାଣୀ): ଢେଙ୍କାନାଳ ସହରସ୍ଥିତ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରେ ବିଜେପି ନଗର ମଣ୍ଡଳ ପକ୍ଷରୁ ମାସିକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନଗର ମଣ୍ଡଳ ପ୍ରଭାରୀ ହର୍ଷବର୍ଦ୍ଧନ ସିଂ ଦେଓ, ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ସମବାୟବିତ୍ ଅକ୍ଷୟ କୁମାର ମହାନ୍ତି, ଜିଲ୍ଲା ଉପ-ସଭାପତି ଧ୍ରୁବ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।ବୈଠକ ପ୍ରାରମ୍ଭରେ ବରିଷ୍ଠ ଆରଏସଏସ ସଂଘ ପ୍ରଚାରକ ସ୍ୱର୍ଗତ ପବିତ୍ର କୁମାର ଦାସଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।ପରେ ପ୍ରଭାରୀ ଶ୍ରୀ ସିଂଦେଓ ବୁଥ୍ ସ୍ତରରେ ସଂଗଠନକୁ ଆହୁରି କିଭଳି ସୁଦୃଢ଼ କରାଯିବ ଏବଂ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ସମସ୍ତ ବୁଥରେ ବିଜେପି କିଭଳି ଆଗରେ ରହିବ ସେ ବିଷୟରେ ଆଲୋକପାତ କରିଥିଲେ ।ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ମାସ ଉପଲକ୍ଷେ ଆସନ୍ତା ୭ ତାରିଖରେ ହେବାକୁ ଥିବା ରକ୍ତଦାନ ଶିବିରରେ ଅଧିକରୁ ଅଧିକ ରକ୍ତ ସଂଗ୍ରହ ପାଇଁ କାର୍ଯ୍ୟକର୍ତ୍ତାମାନଙ୍କ ସହଯୋଗ ଲୋଡିଥିଲେ । ସମବାୟବିତ୍ ଶ୍ରୀ ମହାନ୍ତି ମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ ।ଶେଷରେ ଜିଲ୍ଲା ଉପ-ସଭାପତି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ନଗର ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତା ଓ କାଉନସିଲରମାନେ ଉପସ୍ଥିତ ଥିଲେ ।

୧୫୭ ତମ ଗାନ୍ଧୀ ଜୟନ୍ତୀ ପାଳିତ

କାମାକ୍ଷାନଗର,୩/୧୦(ସୁମନ୍ତ ଜେନା) କାମାକ୍ଷାନଗର ବିଜୁ ଜନତା ଦଳ ତରଫରୁ ଢ଼େଙ୍କାନାଳ ଜିଲ୍ଲା ବିଜେଡ଼ି ଯୁବ ସଭାପତି ତଥା କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା ଙ୍କ ଅଧ୍ୟକ୍ଷତାରେ ସହର ମଧ୍ୟରେ ଥିବା ଗାନ୍ଧୀ ମନ୍ଦିର ଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇ ଯାଇଛି । ଉକ୍ତ ଉତ୍ସବ ରେ ଢ଼େଙ୍କାନାଳ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ବିଷୟରେ ଆଲେଚନା ପାଠ କରିଥିଲେ । ସତ୍ୟ , ଅଂହିସା, ଶାନ୍ତି ର ପୂଜାରୀ ମହାତ୍ମା ଗାନ୍ଧୀ ଙ୍କ ଆଦର୍ଶ ଆମ ସମସ୍ତଙ୍କୁ ସଦା ସତ୍ୟ ଓ ନ୍ୟାୟ ପଥରେ ଚାଲିବା ପାଇଁ ସେ କହିଥିଲେ ।ତାସହ ଡ. ନୃସିଂହ ଚରଣ ସାହୁ କହିଛନ୍ତି ଯେ ଅକ୍ଟୋବର ୦୨ ଗାନ୍ଧୀ ଜୟନ୍ତୀ ଠାରୁ ନଭେମ୍ବର ୦୨ ପର୍ଯ୍ୟନ୍ତ ସାରା ଓଡ଼ିଶା ର ବିଜେଡ଼ି ର ଜନସଂପର୍କ ପଦ ଯାତ୍ରା ଆରମ୍ଭ ହେଉଛି । ଏହି ପରୀପ୍ରେକ୍ଷୀରେ ରେ ଆସନ୍ତା ଅକ୍ଟୋବର ୧୬ ତାରିଖ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ରେ କାମାକ୍ଷାନଗର ରେ ଜନସଂପର୍କ ପଦ ଯାତ୍ରା ଅନୁଷ୍ଠିତ ହେବ ।

ଶିଶୁ ଶ୍ରମିକ ମୁକ୍ତ ଢେଙ୍କାନାଳ ଗଠନ ନିମନ୍ତେ ୪୪ ଦିନିଆ ଅଭିଯାନ ଆରମ୍ଭ



ଢେଙ୍କାନାଳ, ୦୩/୧୦ (ବିଜ୍ଞାନ ମହାନ୍ତି)ଶିଶୁ ଶ୍ରମିକ ମୁକ୍ତ ଢେଙ୍କାନାଳ ଗଠନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଗାନ୍ଧୀ ଜୟନ୍ତୀ ଅବସରରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି ଯାହା ଆସନ୍ତା ନଭେମ୍ବର ୧୪ ଶିଶୁ ଦିବସ ପର୍ଯ୍ୟନ୍ତ ୪୪ ଦିନ ଧରି ଚାଲିବ । ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ପ୍ରଶାସନ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ପଞ୍ଚାୟତିରାଜ ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଅଭିଯାନ ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ବ୍ଲକରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଛି । ଢେଙ୍କାନାଳ ସଦର ବ୍ଲକର ଗୋବିନ୍ଦପୁର, ନଡିଆଭରଣା ଓ ଭାପୁର, ପରଜଙ୍ଗ ବ୍ଲକର କୁଆଲୋ, କଳାଡା ଓ ପିଟିରି, କାମାକ୍ଷାନଗର ବ୍ଲକର ବାଇସିଙ୍ଗା ଓ କାନପୁରା, ଓଡ଼ାପଡା ବ୍ଲକର ଓଡ଼ାପଡା, ବାଙ୍ଗୁରସିଙ୍ଗା ଓ ବଳରାମପ୍ରସାଦ ଏବଂ ଗନ୍ଧିଆ ବ୍ଲକର ଦେଓଗାଁ, ବିଧାରପୁର ଓ ସତ୍ୟାପୁର ପଞ୍ଚାୟତରେ ସଚେତନତା ସଭା ହୋଇଛି । ଗ୍ରାମସଭାରେ ସ୍କୁଲ ଛାଡିଥିବା ଓ ଶ୍ରମରେ ନିୟୋଜିତ ଶିଶୁମାନଙ୍କୁ ଚିହ୍ନଟ କରି ପୁନର୍ବାର ସ୍କୁଲରେ ନାମ ଲେଖାଇବା, ଶିଶୁ ଶ୍ରମ ପ୍ରଥାର ମୂଳୋତ୍ପାଟନ ଏବଂ ପଞ୍ଚାୟତକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ସଂକଳ୍ପ ନିଆଯାଇଛି । ଏହି ଅବସରରେ ଶପଥ ପାଠ ଓ ସଚେତନତା ପତ୍ରିକା ବଣ୍ଟନ କରାଯାଇଥିଲା । ଏହି ସଭାରେ ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶିଶୁ ବିକାଶ ଅଧିକାରୀ, ୱାର୍ଡ ସଭ୍ୟ, ଏଏନଏମ, ଅଙ୍ଗନୱାଡି, ଆଶା କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ ।

ସାମ୍ବାଦିକକୁ ଆକ୍ରମଣ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି
ନୋଟିସ ଜାରି କଲେ ଉଚ୍ଚନ୍ୟାୟାଳୟ

ପରଜଙ୍ଗ,୩।୧୦(ଅକ୍ଷର ଓଡ଼ିଶା): ସାମ୍ବାଦିକ ଙ୍କୁ ମରଣାନ୍ତକ ଆକ୍ରମଣର ସାତ ମାସ ରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଆକ୍ରମଣକାରୀଙ୍କୁ ଧରିବାରେ ପୋଲିସ ବିଫଳ ହୋଇପଡିଛି । ଗୃହ ବିଭାଗ ସମେତ ଚାରି ଅଧିକାରୀ ଙ୍କୁ ନୋଟିସ୍ ଜାରି କଲେ ହାଇକୋର୍ଟ । ସୂଚନା ମୁତାବକ ତାଳଚେର ଥାନା ଅନ୍ତର୍ଗତ ସତୁପଡା ଗ୍ରାମର ଶାନ୍ତନୁ କୁମାର ଭୁଲ୍ଲା ଦୀର୍ଘ ବର୍ଷ ଧରି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ସାମ୍ବାଦିକ ଭାବେ କାର୍ଯ୍ୟ କରୁଛନ୍ତି । ବିଭିନ୍ନ ସମୟରେ ବେଆଇନ୍ ଖଣି କାରବାର, ଜଙ୍ଗଲ ଜମି ଜବରଦଖଲ ଉଚ୍ଛେଦ ଉପରେ ନିରନ୍ତର ସତ୍ୟତା ଉପରେ ଖବର ପ୍ରକାଶ କରିଆସୁଥିଲେ । ଚଳିତ ବର୍ଷ ୧୯ ଫେବ୍ରୁଆରୀ ସକାଳୁ ଶାନ୍ତନୁ ଘର ପାଖ ବ୍ରାହ୍ମଣୀ ନଦୀ କୁ ଶୈଚ ହେବା ନିମନ୍ତେ ଯାଇଥିବା ସମୟରେ ଛଅ ଜଣ ମୁଖାଧାରୀ ଦୁର୍ବୃତ୍ତ ମୋଟରସାଇକେଲ ଯୋଗେ ଆସି ଅତର୍କିତ ଭାବେ ଠେଙ୍ଗା ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଶାନ୍ତନୁ ରକ୍ତାକ୍ତ ଅବସ୍ଥାରେ ବାଇକ୍ ପାଖକୁ ଆସି ପରିବାର ଲୋକଙ୍କୁ ଫୋନ୍ କରି ସୂଚନା ଦେଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲରେ ଦୀର୍ଘଦିନ ଧରି ଚିକିତ୍ସା କରାଯାଇଥିଲା । ଏନେଇ ତାଳଚେର ଥାନାରେ ଏତଲା ଆଧାରରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଆକ୍ରମଣକାରୀ ମାନଙ୍କୁ ପୋଲିସ ଧରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇପଡିଛି । କ୍ରାଇମବ୍ରାଞ୍ଚ କିମ୍ବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଉକ୍ତ ମାମଲାକୁ ହସ୍ତାନ୍ତର କରିବା ସହ ଯଥାଶୀଘ୍ର ଆକ୍ରମଣକାରୀ ମାନଙ୍କୁ ଗିରଫ କରିବା ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ମାନ୍ୟବର ନ୍ୟାୟାଳୟ ଅଭିଯୋଗ କୁ ବିଚାର କରି ଓଡିଶା ସରକାରଙ୍କ ଗୃହ ବିଭାଗ, ଅନୁଗୋଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ତାଳଚେର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଏବଂ ସଦର ଥାନା ଅଧିକାରୀଙ୍କୁ ମାମଲା କୁ ନେଇ ନୋଟିସ ଜାରି କରିଛନ୍ତି । ଆଗାମୀ ଶୁଣାଣି ନଭେମ୍ବର ମାସ ଥିବା ନେଇ ଆବେଦନକାରୀ ଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଆବେଦନକାରୀ ଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି, ଆଶୁତୋଷ ପାଢୀ ଓ ରାକେଶ ଷଡ଼ଙ୍ଗୀ କହିଛନ୍ତି ।

ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



ଢେଙ୍କାନାଳ, ୦୩/୦୯ (ବିଜ୍ଞାନ ମହାନ୍ତି)ସୁସ୍ଥ ଶିଶୁ, ସୁସ୍ଥ ପରିବାର ଓ ସୁସ୍ଥ ସମାଜ ଗଠନ ଲକ୍ଷ୍ୟ ନେଇ ଜିଲ୍ଲାରେ ୯ମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହେଉଛି । ଗତ ସେପ୍ଟେମ୍ବର ୯ ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଉପଲକ୍ଷେ ଆଜି ଜିଲ୍ଲା ପରିଷଦ ସନ୍ମିଳନୀ ହଲରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପଦ୍ମ ଚରଣ ସାହୁ ଯୋଗଦେଇ କହିଥିଲେ ଯେ, ଶିଶୁ ଓ ମହିଳାଙ୍କ ଶରୀର ସୁସ୍ଥ ଓ ନିରାମୟ ରହିଲେ ସମାଜର ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହୋଇପାରିବ । ନିୟମିତ ଶିଶୁର ଓଜନ ପରୀକ୍ଷା, ପରିଷ୍କାର ପରିଚ୍ଛନ୍ନତା ଓ ଅଙ୍ଗନୱାଡି କେନ୍ଦ୍ରର ରକ୍ଷଣାବେକ୍ଷଣ ପ୍ରତି ସମସ୍ତେ ସଜାଗ ରହିବା ଉଚିତ । କର୍ତ୍ତବ୍ୟନିଷ୍ଠ ହୋଇ କାର୍ଯ୍ୟ କଲେ ସୁସ୍ଥ ସମାଜ ଗଠନ ଲକ୍ଷ୍ୟ ହାସଲ ହେବ ବୋଲି ସେ କହିଥିଲେ । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳମଣି ଦିଲ୍ଲିପ ଚାନ୍ଦ ବେହେରା କହିଥିଲେ ଯେ, ନବଜାତ ଶିଶୁର ଯତ୍ନ ସହ ୬ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଓ ପରେ ସନ୍ତୁଳିତ ପୋଷକ ଖାଦ୍ୟ ଜରୁରୀ । ଏହି ଅବସରରେ

ସମ୍ପାଦକୀୟ

''ପ୍ରଥମେ ନାର୍ଜିତଂ ବିଦ୍ୟା ଦ୍ୱିତୀୟେ ନାର୍ଜିତଂ ଧନଂ
ତୃତୀୟେ ନାର୍ଜିତଂ ପୁଣ୍ୟଂ ଚତୁର୍ଥେ କିଂ କରିଷ୍ୟତି''

ଭାବାର୍ଥ | ପ୍ରଥମ ଅବସ୍ଥାକାଳେ ନ ଲଭିଲେ ଜ୍ଞାନ, ଦ୍ୱିତୀୟ ଅବସ୍ଥାବେଳେ ନ ଅର୍ଜିଲେ ଧନ
ତୃତୀୟ ସୋପାନେ ପୁଣି ତ ମିଳିଲେ ପୁଣ୍ୟ, ଚତୁର୍ଥରେ ଜୀବନଟା ହେବ ଅକାରଣ।

ରବିବାର ୪।୧୦।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ଛବି ନୁହେଁ, ଜୀବନ ମୂଲ୍ୟବାନ

ଗୋଟିଏ ମୁହୂର୍ତ୍ତରେ ହସ, ଗୋଟିଏ ଛବି, କିଛି ମୁହୂର୍ତ୍ତରେ ଚର୍ଚ୍ଚା ଏବଂ ତା'ପରେ ସବୁକିଛି ଶେଷ - ଏପରି ଅସଂଖ୍ୟ। ଘଟଣା ଆଜିର ସମାଜକୁ ଏକ ଅତ୍ୟନ୍ତ କଠୋର ପ୍ରଶ୍ନ ସାମ୍ନାରେ ଠିଆ କରିଛି। ଛବ ନେବା ନିଜେ ଅପରାଧ ନୁହେଁ, ନିଜ ସ୍ମୃତିକୁ ଧରି ରଖିବା ମଧ୍ୟ ଭୁଲ ନୁହେଁ, ବନ୍ଧମାନଙ୍କ ସହ ଆନନ୍ଦର ମୁହୂର୍ତ୍ତକୁ ସ୍ମରଣୀୟ କରିବା ମଧ୍ୟ ସାଭାବିକ, କିନ୍ତୁ ଯେତବଳେ ଗୋଟିଏ ଛବି ପାଇଁ ମଣିଷ ନିଜ ଜୀବନକୁ ବିପଦରେ ପକାଏ, ସେତବଳେ ଆମକୁ ରୁକି ଭାବିବାକୁ ପଡିବ-ଆମେ କେଉ ଦିଗକୁ ଯାଉଛୁ ? ଯୁବପିଢି ହେଉଛି ଦେଶର ଶକ୍ତି, ପରିବାରର ଆଶା ଏବଂ ଆଗାମୀ ଦିନର ନିର୍ମାତା, ତାଙ୍କ ଜୀବନ ଗୋଟିଏ ମୁହୂର୍ତ୍ତର ଦୃଶ୍ୟ ପାଇଁ ହରାଇଯିବା କେବଳ ଗୋଟିଏ ପରିବାରର ଦୁଖ ନୁହେଁ, ଏହା ସମାଜର ମନସାକ୍ଷୀ ପାଇଁ ଏକ ବଡ଼ ଚେତାବନୀ। ପାହାଡର ଧାର, ଉଚ୍ଚ ଅଟ୍ଟାଳିକାର ଛାତ, ରେଳପଥ, ନଦୀର ମଝିଭାଗ, ସମୁଦ୍ରର ଉତାଳ ତରଙ୍ଗ, ଜଳପ୍ରପାତର କିନାରା, ଗଭୀର ଖାଇ, ଚଳନ୍ତା ଯୋନ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ ସ୍ଥାନରେ ଗୋଟିଏ ଆକର୍ଷଣୀୟ ଛବି ପାଇଁ ଜୀବୀନକୁ ବାଜି ଲଗାଇବାର ପ୍ରବୃତି ଆମକୁ ଭିତରୁ ନଡାଇ ଦେବା ଉଚିତ। ଦୁର୍ଘଟଣା କେବେ ସୂଚନା ଦେଇ ଆସେ ନାହିଁ, ଗୋଟିଏ ପାଦ ଖସିଯିବା, ଗୋଟିଏ ପଥର ଖସିବା, ଗୋଟିଏ ତରଙ୍ଗ ହଠାତ୍ ଦିଗ ବଦଳାଇବା, ଗୋଟିଏ ଯାନ ଅସାବଧାନତାରେ ଆଗକୁ ବଢିଯିବା କିମ୍ବା ଗୋଟିଏ ମୁହୂର୍ତ୍ତର ଧ୍ୟାନଭଙ୍ଗ ଜୀବନକୁ ଚିରଦିନ ପାଇଁ ବଦଳାଇ ଦେଇପାରେ। ଯେଉ ଛବିକୁ ନେଇ ଯୁବକ କିମ୍ବା ଯୁବତୀ କିଛି ମୁହୂର୍ତ୍ତ ପାଇଁ ଗର୍ବ ଅନୁଭବ କରିବାକୁ ଚାହୁଁଥାଏ, ସେହି ଛବି ପରିବାର ପାଇଁ ଶେଷ ସ୍ମୃତି ହୋଇଯାଇପାରେ। ଏହାଠାରୁ ବଡ ବିଡମ୍ବନା ଆଉ କ'ଣ ହୋଇପାରେ ? ସଚେତନତା ଅଭିଯାନ ହେଉଛି, ପ୍ରଶାସନ ଚେତାବନୀ ଦେଉଛି, ବିଭିନ୍ନ ସ୍ଥାନରେ ବିପଦ ସଙ୍କେତ ଲଗାଯାଉଛି, ପରିବାର ପିଲାମାନଙ୍କୁ ସାବଧାନ କରୁଛି, ଶିକ୍ଷକମାନେ ଉପଦେଶ ଦେଉଛନ୍ତି, ତଥାପି କାହିଁକି ଏହି ପ୍ରବୃତି ଥମୁନାହିଁ ? ଏହି ପ୍ରଶ୍ନର ଉତର କେବଳ ଯୁବପିଢିଙ୍କୁ ଦୋଷ ଦେଇ ମିଳିବ ନାହିଁ। ଏହା ପଛରେ ରହିଛି ତୁରନ୍ତ ପ୍ରଶଂସା ପାଇବାର ଇଚ୍ଛା, ଅନ୍ୟମାନଙ୍କ ଠାରୁ ଅଲଗା ଦେଖାଯିବାର ଆକାଂକ୍ଷା, ବିପଦକୁ ରୋମାଞ୍ଚ ଭାବିବାର ମୁଳ ଧାରଣା, ବନ୍ଧୁମାନଙ୍କ ଚାପ, ଏବଂ ନିଜ ସୁରକ୍ଷା ସମ୍ପର୍କରେ ଅତ୍ୟଧିକ ଆତ୍ମବିଶ୍ୱାସ। ଅନେକ ସମୟରେ ଯୁବମନ ଭାବେ-ମୋ ସହ କିଛି ହେବ ନାହିଁ, ମୁଁ ସମ୍ଭାଳି ନେବି, ଅନ୍ୟମାନେ ଯାହା କରିଛନ୍ତି ମୁଁ ମଧ୍ୟ କରିପାରିବି। କିନ୍ତୁ ପ୍ରକୃତି କାହାର ଆତ୍ମବିଶ୍ୱାସକୁ ସମ୍ମାନ କରେ ନାହିଁ, ଦୁର୍ଘଟଣା କାହାର ବୟସ ଦେଖେ ନାହିଁ, ମୃତ୍ୟୁ କହାର ସପ୍ନ ଜାଣେ ନାହିଁ। ଜୀବନ ଏକଥର ମିଳେଇ ହରାଇଯାଇଥିବା ଜୀବନକୁ ପୁଣି ଫେରାଇ ଆଣିବାର କୌଣସି ଉପାୟ ନାହିଁ। ତେଣୁ ଆବଶ୍ୟକ ହେଉଛି ଆଉ ଗୋଟିଏ ସାଧାରଣ ସଚେତନତା ବାର୍ତ୍ତା ନୁହେଁ, ବରଂ ଏକ କଠୋର ଜୀବନଶିକ୍ଷା-ବିପଦରେ ଛବି ନୁହେଁ, ଜୀବନକୁ ବାଛ। ଜଣେ ଯୁବକ ଯଦି ଯଦି ନଦୀକୂଳକୁ ଯାଏ, ତାର ଲକ୍ଷ୍ୟ ହେଉ ସୌନ୍ଦର୍ଯ୍ୟ ଉପଭୋଗ କରିବା, ବିପଦକୁ ଆମନ୍ତ୍ରଣ କରିବା ନୁହେଁ। ଜଣେ ଯୁବତୀ ଯଦି ପାହାଡକୁ ଯାଏ, ତାର ଲକ୍ଷ୍ୟ ହେଉ ପ୍ରକୃତିକୁ ଅନୁଭବ କରିବା, ଖାଇର ଧାରରେ ଠିଆ ହୋଇ ନିଜକୁ ବିପଦରେ ପକାଇବା ନୁହେଁ। ଜଳପ୍ରପାତ ନିକଟକୁ ଯାଇଥିବା ବ୍ୟକ୍ତି ଜଳର ସୌନ୍ଦର୍ଯ୍ୟ ଦେଖୁ, କିନ୍ତୁ ପ୍ରବାହର ଶକ୍ତିକୁ ଅବହେଳା ନକରୁ। ସମୁଦ୍ରକୂଳରେ ଠିଆ ହୋଇ ତରଙ୍ଗକୁ ଦେଖିବା ଆନନ୍ଦନାୟକ, କିନ୍ତୁ ତରଙ୍ଗର ଅନୁମାନ କରିବା ମଣିଷର ଶକ୍ତିରେ ନାହିଁ। ଯେଉଠି ପ୍ରଶାସନ ବିପଦସଙ୍କେତ ଦେଇଛି, ସେଠାରେ ନିୟମକୁ ଅବହେଳା କରିବା ସାହସ ନୁହେଁ, ଏହା ଅସାବଧାନତା ଆଜିର ପିଢିକୁ ଆମେ ଏହି ପାର୍ଥକ୍ୟ ବୁଝାଇବାକୁ ପଡ଼ିବ। ସାହସ ହେଉଛି ବିପଦକୁ ଜିତିବା ପାଇଁ ପ୍ରସ୍ତୁତି, ମୂର୍ଖତା ହେଉଛି ବିପଦକୁ ଜାଣି ମଧ୍ୟ ତାହାରେ ଝାପ ଦେବା। ଗୋଟିଏ ଛବି ଆମକୁ କିଛି ମୁହୂର୍ତ୍ତର ଖ୍ୟାତି ଦେଇପାରେ, କିନ୍ତୁ ଜୀବନ ଆମକୁ ଅସଂଖ୍ୟ। ସମ୍ଭାବନା ଦେଇଥାଏ। ଆଜି ଯେଉ ଯୁବକ ଏକ ବିପଦପୂର୍ଣ୍ଣ ଛବି ପାଇଁ ନିଜକୁ ଆଗକୁ ଠେଲୁଛି, ସେ ମନେ ରଖୁ-ତାର ଘରେ ଜଣେ ମା' ଅପେକ୍ଷା କରୁଛନ୍ତି, ଜଣେ ବାପା ଆଶା ରଖିଛନ୍ତି, ଭାଇ କିମ୍ବା ଭଉଣୀ ତାକୁ ନିଜ ଭବିଷ୍ୟତର ଅଂଶ ଭାବୁଛନ୍ତି, ବନ୍ଧୁମାନେ ତାର ଫେରିବା ପଥ ଚାହିଁ ରହିଛନ୍ତି। ତାର ଜୀବନ କେବଳ ତାର ନୁହେଁ, ତା ସହ ଅନେକ ଲୋକଙ୍କ ସପ୍ନ ଜଡିତ। ଏହି କଥା ପିଲାମାନଙ୍କୁ ଛୋଟବେଳୁ ଶିଖାଇବା ଆବଶ୍ୟକ। ବିଦ୍ୟାଳୟରେ କେବଳ ପାଠ୍ୟପୁସ୍ତକର ଶିକ୍ଷା ନୁହେଁ, ଜୀବନ ସୁରକ୍ଷାର ଶିକ୍ଷା ମଧ୍ୟ ଦିଆଯିବା ଦରକାର। ବିପଦସ୍ଥାନ ଚିହ୍ନଟ କରିବା, ପାଣିର ଗଭୀରତା ବୁଝିବା,ପାହାଡ ଓ ଖାଇର ଦୂରେ ରହିବା, ଚଳନ୍ତା ଯାନରେ ଅସାବଧାନତା ନକରିବା, ଆପଦକାଳରେ ସହାୟତା ଡାକିବା ଏବଂ ବିପଦ ଦେଖିଲେ ଅନ୍ୟକୁ ରୋକିବା ଭଳି ଜୀବନରକ୍ଷାକରୀ ଅଭ୍ୟାସ ଶିକ୍ଷାର ଅଂଶ ହେବା ଦରକାର। ଅଭିଭାବକମାନଙ୍କର ଭୂମିକା ମଧ୍ୟ ଅତ୍ୟନ୍ତ ବଡ। ପିଲାଙ୍କୁ କେବଳ ଏହା କରନି କହିଲେ ହେବ ନାହିଁ, କାହିଁକି କରିବା ନାହିଁ, ତାହା ବୁଝାଇବା ଦରକାର। ଯୁବମାନଙ୍କ ସହ ଖୋଲା ଆଲୋଚନା ହେବା ଦରକାର। ସେମାନଙ୍କୁ ଭୟଭୀତ କରି ନୁହେଁ, ବୁଝାଇ ଦାୟିତ୍ୱଶୀଳ କରିବାକୁ ପଡିବ।

ଯୁଦ୍ଧ ଜମି ପାଇଁ ନୁହେଁ, ତଥ୍ୟ ପାଇଁ !



ସୌଭାଗ୍ୟ ରଞ୍ଜନ ମହାନ୍ତି
୯୪୩୭୯୯୪୩୭୯

ଓଡ଼ିଶାର ଆଗାମୀ ଯୁଦ୍ଧ ଜମି ପାଇଁ ନୁହେଁ, ତଥ୍ୟ ପାଇଁ ! ଦିନ ବଦଳୁଛି, ଓଡ଼ିଶା ବଦଳୁଛି, ବଦଳୁଛି ବିକାଶର ପରିଭାଷା। ଦିନେ ଯେଉଁ ଜମିକୁ ନେଇ ଶକ୍ତିର ମାପ ହେଉଥିଲା, ଯେଉଁ ଖଣିକୁ ନେଇ ଅର୍ଥନୀତିର ଭବିଷ୍ୟତ ନିର୍ଣ୍ଣୟ ହେଉଥିଲା, ଆଗାମୀ ଦିନରେ ସେହି ମାପଦଣ୍ଡରେ ଆଉ ଗୋଟିଏ ଅଦୃଶ୍ୟ ସମ୍ପଦ ଯୋଡ଼ିବତଥ୍ୟ। ଆମ ନାମ, ଠିକଣା, ଜନ୍ମତାରିଖ, ଶିକ୍ଷା, ଜମିର ରେକର୍ଡ, ବ୍ୟାଙ୍କ ସମ୍ପର୍କିତ ସୂଚନା, କୃଷି, ସାସ୍ଥ୍ୟ, ଯାତାୟାତ, କାର୍ଯ୍ୟକଳାପ, ପସନ୍ଦ, ଆବଶ୍ୟକତା ଓ ଆମ ଦୈନନ୍ଦିନ ଜୀବନର ଅସଂଖ୍ୟ ଚିହ୍ନ ଆଜି ଡିଜିଟାଲ ଜଗତରେ ସଂରକ୍ଷିତ ହେଉଛି। ତେଣୁ ପ୍ରଶ୍ନ ଏବେ କେବଳ ଏତିକି ନୁହେଁ ଯେ ଓଡ଼ିଶା କେତେ ରାସ୍ତା କଲା, କେତେ ଶିଳ୍ପ ଆଣିଲା କିମ୍ବା କେତେ ପୁଞ୍ଜି ଆକର୍ଷଣ କଲାଟ ପ୍ରଶ୍ନ ହେଉଛି ଓଡ଼ିଶା ନିଜ ତଥ୍ୟକୁ କେତେ ସୁରକ୍ଷିତ ରଖିପାରିବ, କେତେ ସଠିକ୍ ଭାବେ ବ୍ୟବହାର କରିପାରିବ ଏବଂ ଏହାର ଲାଭ ସାଧାରଣ ଲୋକଙ୍କ ପାଖକୁ କେତେ ନ୍ୟାୟସଙ୍ଗତ ଭାବେ ପହଞ୍ଚାଇପାରିବ। ଓଡ଼ିଶା ଏହି ନୂଆ ପରିବର୍ତ୍ତନକୁ ଚିହ୍ନିଛି। ରାଜ୍ୟର କୃତ୍ରିମ ବୁଦ୍ଧିମତ୍ତା ନୀତିରେ ତଥ୍ୟ ଶାସନ, ତଥ୍ୟର ଗୁଣମାନ, ନାଗରିକ ଅଧିକାରର ସୁରକ୍ଷା ଏବଂ ସାଇବର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ନୀତିରେ ୨୦୨୯ ସୁଦ୍ଧା ଇଣ୍ଟରନେଟ୍ ପ୍ରବେଶ ହାରକୁ ୯୦ ପ୍ରତିଶତ ଏବଂ ୨୦୩୬ ସୁଦ୍ଧା ୧୩୦ ପ୍ରତିଶତ ପର୍ଯ୍ୟନ୍ତ ନେବାର ଲକ୍ଷ୍ୟ ରହିଛି। ଏହା କେବଳ ସଂଯୋଗର ବିସ୍ତାର ନୁହେଁ, ଏହା ସହିତ ତଥ୍ୟର ପରିମାଣ ମଧ୍ୟ ବଢ଼ିବ। ରାଜ୍ୟ ନୀତିରେ ତଥ୍ୟ ଭିତ୍ତିଭୂମି, କମ୍ପ୍ୟୁଟର ଶକ୍ତି, ଓଡ଼ିଆ ଭାଷାର ତଥ୍ୟଭଣ୍ଡାର, ଶିକ୍ଷା, କୃଷି, ସାସ୍ଥ୍ୟ ଓ ଶାସନରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଏଠାରେ ଓଡ଼ିଶା ପାଇଁ ସୁଯୋଗ ଯେତେ ବଡ଼, ବିପଦ ମଧ୍ୟ ସେତେ ବଡ଼। ଏକ ଚାଷୀଙ୍କ ଜମିର ତଥ୍ୟ ସଠିକ୍ ଥିଲେ ତାଙ୍କୁ ଯୋଜନାର ଲାଭ ସହଜରେ ମିଳିପାରେ। ଭୁଲ ଥିଲେ ତାଙ୍କର ଅଧିକାର ଅଟକି ପାରେ। ଜଣେ ଛାତ୍ରଙ୍କ ଶିକ୍ଷାଗତ ତଥ୍ୟ ସଠିକ୍ ଥିଲେ ତାଙ୍କ ପାଇଁ ଉପଯୁକ୍ତ ସୁଯୋଗ ଚିହ୍ନଟ ହୋଇପାରେଟ ଭୁଲ ଥିଲେ ସେହି ଭୁଲ ତାଙ୍କ ଭବିଷ୍ୟତକୁ ପ୍ରଭାବିତ କରିପାରେ। ଜଣେ ରୋଗୀଙ୍କ ସାସ୍ଥ୍ୟ ସୂଚନା ଠିକ୍ ହାତରେ ଥିଲେ ଚିକିତ୍ସା ଉନ୍ନତ ହୋଇପାରେ। ଅସୁରକ୍ଷିତ ହେଲେ ତାଙ୍କ ଗୋପନୀୟତା ବିପଦରେ ପଡ଼ିପାରେ। ତେଣୁ ତଥ୍ୟ ଆଉ କେବଳ କମ୍ପ୍ୟୁଟରରେ ରହୁଥିବା ଅକ୍ଷର ଓ ସଂଖ୍ୟା ନୁହେଁ। ଏହା ନାଗରିକଙ୍କ ଅଧିକାର, ଅର୍ଥନୈତିକ ସୁଯୋଗ ଓ ସାମାଜିକ ସୁରକ୍ଷା ସହ ଜଡ଼ିତ ଏକ ମୂଲ୍ୟବାନ ସମ୍ପଦ। ଭାରତର ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ଓ ୨୦୨୫ର ନିୟମାବଳୀ ଏହି ଦିଗରେ ଏକ ଆଇନଗତ ଢାଞ୍ଚା ଦେଇଛି।

ନିୟମଗୁଡ଼ିକର କାର୍ଯ୍ୟକାରିତା ଧାପେ ଧାପେ ହେବାକୁ ଥିବାରୁ ରାଜ୍ୟ ସ୍ତରରେ ମଧ୍ୟ ସଚେତନତା, ପ୍ରଶିକ୍ଷଣ, ସୁରକ୍ଷା ବ୍ୟବସ୍ଥା ଓ ଦାୟିତ୍ୱ ନିର୍ଦ୍ଧାରଣ ଅତ୍ୟନ୍ତ ଆବଶ୍ୟକ। ଆଜି ଅନେକ ଲୋକ ନିଜର ତଥ୍ୟ କେଉଁଠି ଯାଉଛି, କିଏ ଦେଖୁଛି, କେତେଦିନ ରହୁଛି ଏବଂ କେଉଁ ଉଦ୍ଦେଶ୍ୟରେ ବ୍ୟବହାର ହେଉଛିତାହା ଜାଣନ୍ତି ନାହିଁ। ଏହି ଅଜ୍ଞତା ହିଁ ଆଗାମୀ ଦିନର ସବୁଠାରୁ ବଡ଼ ଦୁର୍ବଳତା ହୋଇପାରେ। ଏକ ଠକେଇକାରୀ ଯଦି କାହାର ବ୍ୟକ୍ତିଗତ ସୂଚନା ଜାଣିଯାଏ, ତେବେ ଠକେଇର ରୂପ ଆହୁରି ବିଶ୍ୱସନୀୟ ହୋଇପାରେ। ଜଣେ ନାଗରିକଙ୍କ ଅନଲାଇନ୍ ଅଭ୍ୟାସ, ଆର୍ଥିକ ସାମର୍ଥ୍ୟ କିମ୍ବା ଦୈନନ୍ଦିନ ଚଳାଚଳ ସମ୍ପର୍କିତ ସୂଚନା ଅସତ୍ ହାତରେ ପଡ଼ିଲେ କ୍ଷତି କେବଳ ଟଙ୍କାରେ ସୀମିତ ରହିବ ନାହିଁ। ତେଣୁ ସାଇବର ସୁରକ୍ଷାକୁ କେବଳ ପୁଲିସ କିମ୍ବା ପ୍ରଯୁକ୍ତି ବିଭାଗର କାମ ବୋଲି ଭାବିବା ଭୁଲ। ଏହା ପ୍ରତ୍ୟେକ ପରିବାରର ଦାୟିତ୍ୱ। ଓଡ଼ିଶା ପୁଲିସ ମଧ୍ୟ ସାଇବର ଠକେଇ ରୋକିବା, ଡିଜିଟାଲ ନିରୀକ୍ଷଣ ଓ ଆଧୁନିକ ଅନୁସନ୍ଧାନ ପ୍ରଣାଳୀକୁ ସୁଦୃଢ଼ କରିବା ଉପରେ ଜୋର ଦେଇଛି। କିନ୍ତୁ ପ୍ରଯୁକ୍ତି ବଢ଼ିଲେ ମାତ୍ର ସୁରକ୍ଷା ଆସିବ ନାହିଁ। ଆବଶ୍ୟକ ହେଉଛି ଦାୟିତ୍ୱବୋଧ। ସରକାରୀ କାର୍ଯ୍ୟାଳୟରେ ନାଗରିକଙ୍କ ତଥ୍ୟ ସଂଗ୍ରହ ହେଉଥିଲେ ସେହି ତଥ୍ୟର ଉଦ୍ଦେଶ୍ୟ ସ୍ପଷ୍ଟ ହେବା ଦରକାର। ଯେତିକି ତଥ୍ୟ ଆବଶ୍ୟକ, ସେତିକି ମାତ୍ର ସଂଗ୍ରହ ହେବା ଉଚିତ। ତଥ୍ୟ କିଏ ବ୍ୟବହାର କରିବ, କିଏ ଅନୁମତି ଦେବ, କେବେ ନଷ୍ଟ କରାଯିବ, ତଥ୍ୟ ଚୋରି ହେଲେ କାହାକୁ ଜଣାଯିବ ଏସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ରହିବା ଦରକାର। ଆଉ ଗୋଟିଏ ବଡ଼ ପ୍ରଶ୍ନ ହେଉଛି ଓଡ଼ିଆ ଭାଷା। ଯଦି ଆଗାମୀ ଡିଜିଟାଲ ଓଡ଼ିଶାରେ ତଥ୍ୟ ଓ ସେବା କେବଳ ଅନ୍ୟ ଭାଷାରେ ରହିଯାଏ, ତେବେ ଗ୍ରାମର ସାଧାରଣ ଲୋକ ଡିଜିଟାଲ ବିକାଶର ଦର୍ଶକ ହୋଇ ରହିଯିବେ।

ଓଡ଼ିଆ ଭାଷାରେ ତଥ୍ୟଭଣ୍ଡାର, ସରଭିଉକ ସେବା, ସହଜ ଭାଷାରେ ସରକାରୀ ସୂଚନା ଓ ନାଗରିକ ସହାୟତା ବଢ଼ିବା ଦରକାର। ରାଜ୍ୟ ନିଜ ନୀତିରେ ଓଡ଼ିଆ ଭାଷାକୁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସହ ଯୋଡ଼ିବା ଦିଗରେ ଲକ୍ଷ୍ୟ ରଖିଛି। ଏହାର ଅର୍ଥ ହେଉଛି ଆଗାମୀ ଦିନରେ ଜଣେ ଚାଷୀ ନିଜ ଭାଷାରେ ପାଣିପାଗ, ବଜାର ଓ ଫସଲ ସମ୍ପର୍କିତ ସୂଚନା ପାଇପାରିବେଟ ଜଣେ ଛାତ୍ର ନିଜ ଭାଷାରେ ଶିକ୍ଷା ସହାୟତା ପାଇପାରିବେଟ ଜଣେ ବୃଦ୍ଧ ଜଟିଳ ଆବେଦନ ପ୍ରକ୍ରିୟା ବିନା ସରକାରୀ ସେବା ବୁଝିପାରିବେ। ଏହା ହେବ ପ୍ରଯୁକ୍ତିର ପ୍ରକୃତ ଲୋକତନ୍ତ୍ରୀକରଣ। ତଥ୍ୟ ନୂଆ ଶକ୍ତି ହେବ, କିନ୍ତୁ ଏହି ଶକ୍ତି କାହା ହାତରେ ରହିବ ତାହା ଅଧିକ ମହତ୍ତ୍ୱପୂର୍ଣ୍ଣ। ତଥ୍ୟ ଯଦି ଲୋକଙ୍କ ସେବାରେ ବ୍ୟବହୃତ ହୁଏ, ତେବେ ଏହା ଓଡ଼ିଶାକୁ ଅଧିକ ସୁଦୃଢ଼ କରିବ। ଯଦି ଅସ୍ପଷ୍ଟତା, ଅବହେଳା କିମ୍ବା ଅସତ୍ ବ୍ୟବହାରର ଶିକାର ହୁଏ, ତେବେ ସେହି ତଥ୍ୟ ନିଜେ ବିପଦର କାରଣ ହେବ। ତେଣୁ ଆଗାମୀ ଓଡ଼ିଶାର ପ୍ରତିଯୋଗିତା କେବଳ ଶିଳ୍ପ, ଖଣି କିମ୍ବା ପୁଞ୍ଜିରେ ନୁହେଁ, ନିର୍ଭରଯୋଗ୍ୟ ତଥ୍ୟ, ଦକ୍ଷ ମାନବସମ୍ପଦ, ସୁରକ୍ଷିତ ପ୍ରଯୁକ୍ତି ଓ ନାଗରିକ ବିଶ୍ୱାସରେ ହେବ। ଯେଉଁ ରାଜ୍ୟ ତଥ୍ୟକୁ ସୁରକ୍ଷା ଦେଇପାରିବ, ତଥ୍ୟକୁ ସଠିକ୍ ଭାବେ ବୁଝିପାରିବ ଏବଂ ତଥ୍ୟର ଲାଭକୁ ଶେଷ ଲୋକ ପର୍ଯ୍ୟନ୍ତ ପହଞ୍ଚାଇପାରିବ, ସେହି ରାଜ୍ୟ ଆଗାମୀ ଦଶକରେ ନୂଆ ଅର୍ଥନୀତିର ନେତୃତ୍ୱ ନେବ। ଓଡ଼ିଶା ଏବେ ସେହି ମୋଡ଼ରେ ଠିଆ ହୋଇଛି। ଆମେ ଯଦି ଆଜିଠାରୁ ନିଜ ତଥ୍ୟର ମୂଲ୍ୟ ବୁଝିବା, ଶିଶୁମାନଙ୍କୁ ଡିଜିଟାଲ ସଚେତନତା ଶିଖାଇବା, ସରକାରୀ ବ୍ୟବସ୍ଥାରେ ଦୃଢ଼ ସୁରକ୍ଷା ଗଢ଼ିବା, ଓଡ଼ିଆ ଭାଷାରେ ଡିଜିଟାଲ ସାମର୍ଥ୍ୟ ବଢ଼ାଇବା ଏବଂ ତଥ୍ୟ ବ୍ୟବହାରରେ ଜବାବଦେହିତା ନିଶ୍ଚିତ କରିବା, ତେବେ ଏହି ଅଦୃଶ୍ୟ ସମ୍ପଦ ଓଡ଼ିଶାର ଦୃଶ୍ୟମାନ ବିକାଶର ନୂଆ ଭିତ୍ତି ହୋଇପାରିବ।

ଲିଭି ଯାଉଥିବା ଦୀପ ଆଲୁଅରେ ଭାଗବତ ଟୁଙ୍ଗୀ



ମିଲନ କୁମାର ମିଶ୍ର
୭୦୦୮୨୪୧୨୮୭


ସେତେବେଳେ ସନ୍ଧ୍ୟା ହେଉ ହେଉ ଗାଁ ଦାଣ୍ଡ ଉପରେ ଧୀରେ ଧୀରେ ଅନ୍ଧାର ଓହ୍ଲାଇ ଆସୁଥିଲା। ଦିନସାରା ମାଟିର ଛାତିରେ ଖଟିଥିବା ମଣିଷମାନେ ଘରମୁହାଁ ହେଉଥିଲେ। ଦୂରରୁ କେଉଁଠି ଗୋରୁଗାଈଙ୍କ ଗଳାର ଘଣ୍ଟି ରୁଣୁଝୁଣୁ ହୋଇ ଶୁଭୁଥିଲା। ଘର ଅଗଣାରେ ଜଳି ଉଠୁଥିଲା ସଞ୍ଜବତୀର ମୃଦୁ ଆଲୁଅ। ତୁଳସୀ ଚଉରା ମୂଳରେ ଦୀପଟିଏ ଜଳାଇ ଘରଣୀ ଫେରୁଥିଲେ ରୋଷେଇଘରକୁ। ଚୁଲିରୁ ଉଠୁଥିବା ଧୂଆଁ ଧୀରେ ଧୀରେ ସଞ୍ଜର ପବନରେ ମିଶିଯାଉଥିଲା। କେଉଁ ଘରୁ ଶଙ୍ଖର ଧ୍ୱନି, କେଉଁଠୁ ଘଣ୍ଟିର ଶବ୍ଦ, ଆଉ କେଉଁଠି ମା'ର କଣ୍ଠରେ ସନ୍ଧ୍ୟା ପ୍ରାର୍ଥନା। ମନେହେଉଥିଲା, ସାରା ଗାଁଟି ଦିନର କ୍ଲାନ୍ତି ଝାଡ଼ି ଆଧ୍ୟାତ୍ମିକତାର ଏକ ନରମ ଚାଦର ତଳେ ଆଶ୍ରୟ ନେଉଛି।

ଠିକ୍ ସେତିକିବେଳେ ଗାଁର କେଉଁ ଏକ କୋଣରୁ ଭାସିଆସୁଥିଲା ଏକ ପରିଚିତ ଡାକ''ଭାଗବତ ପଢ଼ା ହେବ... ସମସ୍ତେ ଆସନ୍ତୁ...''। ସେ ଡାକ କେବଳ ଡାକ ନଥିଲାଟ ତା' ଭିତରେ ଥିଲା ଆତ୍ମୀୟତାର ସ୍ ?ର, ଏକାଠି ହେବାର ଆନନ୍ଦ ଓ ନିଜ ଲୋକଙ୍କ ପାଖକୁ ଫେରିଯିବାର ଏକ ଅଦୃଶ୍ୟ ଆହ୍ୱାନ। ସେ ଡାକ ଶୁଣିଲେ ଯେମିତି ଗାଁର ପ୍ରତ୍ୟେକ ଘର ଜାଣିଯାଉଥିଲାଦିନ ସରିଲା, ଏବେ ମଣିଷ ମଣିଷ ପାଖରେ ବସିବାର ସମୟ। ବୟସ୍କମାନେ ଧୋତି-ଗାମୁଛା ପିନ୍ଧି ଧୀର ପାଦରେ ଚାଲିଆସୁଥିଲେ। କେହି ହାତରେ ତାଳପତ୍ର ପଙ୍ଖା ଧରିଥିଲେ, କେହି କାନ୍ଧରେ ଚାଦର ପକାଇଥିଲେ। ମହିଳାମାନେ ମଧ୍ୟ ଘରକାମ ସାରି ଟୁଙ୍ଗୀ ଆଡ଼କୁ ମୁହଁ କରୁଥିଲେ। ପିଲାମାନେ ଆସୁଥିଲେ ବଡ଼ମାନଙ୍କ ପଛେ ପଛେକାହା ହାତ ଧରି, କାହା ଆଙ୍ଗୁଠି ଧରି। କାହା ମୁହଁରେ ଥିଲା ଦିନସାରାର କ୍ଲାନ୍ତି, କାହାର ମୁହଁରେ ଥିଲା ଗପ ଶୁଣିବାର ଉତ୍ସାହ। କିନ୍ତୁ ଟୁଙ୍ଗୀର ଦୁଆର ପାଖରେ ପହଞ୍ଚିଗଲେ ସମସ୍ତେ ଯେମିତି ଏକବୟସର ଭେଦ ନାହିଁ, ସ୍ଥିତିର ଭେଦ ନାହିଁ, ଧନୀ-ଗରିବର ପରିଚୟ ନାହିଁଟ ସମସ୍ତେ ଥିଲେ ଗାଁର ଗୋଟିଏ ପରିବାରର ସଦସ୍ୟ।

ସେଇ ଛୋଟ ଚାଳଘରଟି ଭିତରେ ବସିଗଲେ ଯେମିତି ଖୋଲିଯାଉଥିଲା ଏକ ବିଶାଳ ଜଗତ। ସାମ୍ନାରେ ଥିଲା ଭାଗବତ ପୋଥି, ପାଖରେ ଜଳୁଥିଲା ଦୀପ, ଆଉ ଚାରିପାଖରେ ବସିଥାଉଥିଲେ ଗାଁର ମଣିଷ। କାହାର କଣ୍ଠରେ ଭାଗବତର ପଦ, କାହାର ବ୍ୟାଖ୍ୟାରେ ଜୀବନର ଅର୍ଥ, କାହାର ପ୍ରଶ୍ନରେ ଜିଜ୍ଞାସା। ସେଠାରେ ଭକ୍ତି ଥିଲା, ଜ୍ଞାନ ଥିଲା, ହସ ଥିଲା, ଆଲୋଚନା ଥିଲାଟ ତା'ଠାରୁ ବଡ଼ କଥାସେଠାରେ ଥିଲା ମଣିଷ ମଣିଷ ପ୍ରତି ମଣିଷ ହୋଇ ରହିବାର ଶିକ୍ଷା। ଭାଗବତର କଥା ଶୁଣୁ ଶୁଣୁ ଲୋକେ ନିଜ ଜୀବନର କଥା ମଧ୍ୟ ଶିଖୁଥିଲେ। ସେଇ ଛୋଟ ଟୁଙ୍ଗୀଟି ତେଣୁ କେବଳ ଭାଗବତ ପଢ଼ାର ଘର ନଥିଲାଟ ତାହା ଥିଲା ଗାଁର ମନ, ମିଳନ ଓ ମାନବିକତାର ଏକ ଜୀବନ୍ତ ଠିକଣା।

ଓଡ଼ିଶାର ଗ୍ରାମ୍ୟ ଜୀବନରେ ଭାଗବତ ଟୁଙ୍

ସହସ୍ରା କୁମ୍ଭାଭିଷେକ ପରେ ଆରମ୍ଭ ହୋଇଛି ଶାରଦୀୟ ଦୁର୍ଗାପୂଜା



କାକଟପୁରମ୍ବା/୧୦ (ଅକ୍ଷର ଓଡିଶା)ପ୍ରତ୍ୟେକ ମାତୃ ଉପାସକ ମାନେ ଅପେକ୍ଷା କରିଥାନ୍ତି କେବେ ଆସିବ ଶାରଦୀୟ ଷୋହଳ ଦିନାତ୍ମକ ପାର୍ବଣ ଦୁର୍ଗା ପୂଜା, ଆଶ୍ୱିନ ମାସ କୃଷ୍ଣ ପକ୍ଷ ମୂଳାଷ୍ଟାମୀ ରୁ ଏହି ପବିତ୍ର ଷୋହଳ ଦିନାତ୍ମକ ଦୁର୍ଗା ପୂଜା ରାଜ୍ୟ ର ବିଭିନ୍ନ ଶକ୍ତି ପୀଠ ରେ ଧୁମଧାମ ରେ ପାଳିତ ହୁଏ, ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ର ଏହି ପବିତ୍ର ମୂଳାଷ୍ଟାମୀ ରୁ ଆରମ୍ଭ ହୋଇଛି ଶାରଦୀୟ ଷୋହଳଦିନାତ୍ମକ ପୂଜା, ମଧ୍ୟାହ୍ନ ଧୂପ ଉଠିବା ପରେ ମା ଙ୍କର ସହସ୍ରା କୁମ୍ଭାଭିଷେକ ହୋଇଛି, ୧୦୮ କଳସ ରେ ସୁବାସିତ ଦ୍ରବ୍ୟ ପକାଯାଇ ମା ଙ୍କର ଏହି ଦୁର୍ଲଭ ମହାସ୍ନାନ ନୀତି ଅନୁଷ୍ଠିତ ହେବା ପରେ ମା ଙ୍କର ରାଜରାଜେଶ୍ୱରୀ ବେଶ ଲାଗି ହୋଇଛି, ମା ଙ୍କ ଦକ୍ଷିଣ ଦିଗ ରୋଷଶାଳ ନିକଟରେ ଥିବା ଗୁପ୍ତ କୂପ ରୁ ସେବାୟତ ମାନଙ୍କ ଦ୍ୱାରା କଳସ ରେ ଜଳ ଆସିବା ପରେ ସେଥିରେ ଚନ୍ଦନ, ଶ୍ରୀ କର୍ପୁର, ଅଗୁର, ଯାଇଫଳ ଓ ଅନେକ ସୁବାସିତ ଦ୍ରବ୍ୟ ଏକତ୍ରିତ କରାଯାଇ ମା ଙ୍କର ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି, ଏହି ମହାସ୍ନାନ କୁ ସାହାଣ ମେଳା ଦର୍ଶନ ରେ ହଜାର ହଜାର ମାତୃ ଭକ୍ତ ମାନେ ଦର୍ଶନ କରି ମା ଙ୍କର କୃପା ଲାଭ କରିଛନ୍ତି, ଆଜିଠୁ ଅଖଣ୍ଡ ଜଳିବା ପରେ ମାଙ୍କର କଳସ ସ୍ଥାପନା କରାଯାଇଛି, ଷୋଡଶ ଉପଚାର ପୂଜା ପଣ୍ଡା ଙ୍କ ଦ୍ୱାରା ଏହି ଘଟ ସ୍ଥାପନା ପରେ ଆରମ୍ଭ କରାଯାଇଛି ମା ଙ୍କର ଷୋହଳ ପୂଜା, ପବିତ୍ର ପ୍ରାଚୀ ତଟ ରେ ମା ଙ୍କର ସ୍ୱତନ୍ତ୍ର ଦେଉଳ, କୁସୁମ ସହିତ ବିଭିନ୍ନ ଫୁଲ ରେ ମା ଙ୍କର ଦେଉଳ ର ସାଜସୁଜା ଆଜି ଭକ୍ତ ମାନଙ୍କୁ ଟାଣି ଆଣିଛି, ବରିଷ୍ଠ ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ସେବାୟତ ତାପସ ଦୀକ୍ଷିତ ଓ ମହେନ୍ଦ୍ର ଦୀକ୍ଷିତ କୁହନ୍ତି ଏହି ଷୋହଳ ଦିନାତ୍ମକ ଷୋଡଶ ଉପଚାର ପୂଜା ଏକ ଅନନ୍ୟ ଭକ୍ତିମୟ ପରିବେଶ ମାଙ୍କ ପୀଠରେ ସୃଷ୍ଟି କରେ, ଯିଏ ଯେଉଁ ପ୍ରକାର ଭକ୍ତ ଯେତେ ବାଧା ବିଘ୍ନ ରେ ଥାଉ ମାଙ୍କୁ ଏହି ପାର୍ବଣ ସମୟ ରେ ଦର୍ଶନ କଲେ ସେ ନିଶ୍ଚୟ ତାର ମାନସିକ ପୂରଣ କରେ, ଆଜିଠୁ ମା ଙ୍କ ନିକଟରେ ନାନାଦି ପ୍ରକାର ଫଳ, ମିଠା ପୀଠ ସହିତ ସ୍ୱତନ୍ତ୍ର ଅନ୍ନ ପ୍ରସାଦ ସେବାୟତ ଙ୍କ ଦ୍ୱାରା ଲାଗି ହୁଏ, ମହଣ ମହଣ ସୁନା ରୁପା ଅଳଙ୍କାର କୁ ପାଟ ବସ୍ତ୍ର ରେ ମା ଙ୍କର ଦୁର୍ଲଭ ବେଶ ସ୍ୱତନ୍ତ୍ର ଓ ନିଆରା, ଆସନ୍ତା ୧୧ ତାରିଖ ରୁ ନାବପତ୍ରିକା ପୂଜା ପରେ ମା ଙ୍କ ନିକଟରେ ନବରାତ୍ର ପୂଜା ହେବ ।

ପିକନିକ ସାରି ଫେରୁଥିବା ବିଟେକ ଛାତ୍ରଙ୍କ ମୃତ୍ୟୁ

ପିକଅପ ଭ୍ୟାନ ମାଡି ଯାଇ ୫ ଆହତ

ପାରଳାଖେମୁଣ୍ଡି, ୩/୧୦(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରେ ପୃଥକ -ପୃଥକ ଦୁର୍ଘଟଣାରେ ପିକନିକ ସାରି ବାଇକ ଯୋଗେ ଫେରୁଥିବା ବେଳେ ଜଣେ ବିଟେକ ଛାତ୍ରଙ୍କ କାର ସହ ଧକ୍କା ହୋଇ ମୃତ୍ୟୁବରଣ ହୋଇଥିବା ବେଳେ ପିକଅପ ଭ୍ୟାନ ମାଡି ଯାଇ ଅନ୍ୟ ୫ ଜଣ ଆହତ ହୋଇଥିବା ସୂଚନା ମିଳିଛି. ଏହି ୨ ଗୋଟି ଦୁର୍ଘଟଣା ଗଜପତି ଜିଲ୍ଲାର ମୋହନା ବ୍ଲକରେ ଘଟିଥିବା ଜଣାପଡିଛି. ବ୍ରହ୍ମପୁରସ୍ଥିତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ୧୦ ଜଣ ଛାତ୍ର ୫ ଗୋଟି ବାଇକ ଯୋଗେ ଗଜପତି ଜିଲ୍ଲାର ମୋହନା ବ୍ଲକରେ ଥିବା ଖସଡ଼ା ଜଳପ୍ରପାତ ଓ ଜିରାଙ୍ଗ ବୌଦ୍ଧ ମନ୍ଦିର ଦର୍ଶନ ପରେ ପିକନିକ ସାରି ବ୍ରହ୍ମପୁର ଫେରୁଥିବା ବେଳେ ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ଅନ୍ତର୍ଗତ ଏକଲବ୍ୟ ଆବାସିକ ବିଦ୍ୟାଳୟ ସମ୍ମୁଖରେ ବାଇକ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨୦ ବର୍ଷ ବୟସର ଦ୍ୱିତୀୟ ବାର୍ଷିକ ବି-ଟେକ୍ ଛାତ୍ର ସତ୍ୟବ୍ରତ ସାହୁଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ବିଟେକ ଛାତ୍ର ଶୁଭଙ୍କର ଗୁରୁତର ଆହତ ହୋଇଛନ୍ତି। ମୃତ ବିଟେକ ଛାତ୍ରଙ୍କ ଘର ଭୁବନେଶ୍ୱର ହୋଇଥିବା ବେଳେ ଗୁରୁତର ବିଟେକ ଛାତ୍ରଙ୍କ ଘର ଜଗତସିଂହପୁର ବୋଲି ଜଣା ପଡିଛି. ସେହିପରି ଏହି ଜିଲ୍ଲାର ଅଡବା ଥାନାର ଅନ୍ତରବା ଗ୍ରାମରେ ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ପଥଚାରୀ ଓ ଦୁଇଗୋଟି ବାଇକ ଉପରେ ମାଡି ଯାଇଛି. ଏହି ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି. ସେମାନେ ହେଲେ ଅନ୍ତରବା ଗ୍ରାମର ଅବିନ ସାହୁ, ବିକ୍ରମ ବେହେରା, ଗୋପାଳ ବେହେରା, ଶୁଣ୍ଡିପଦା ଗ୍ରାମର ରମେଶ ନାୟକ ଏବଂ ବାମପଦ ଗ୍ରାମର ପ୍ରଭାକର ଜାନି. ଏହି ୫ ଜଣଙ୍କୁ ଅଞ୍ଚଳବାସୀ ଉଦ୍ଧାର କରି ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ. ହେଲେ ଗୋପାଳ, ରମେଶ ଏବଂ ପ୍ରଭାକରଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି. ଏହି ୨ ଗୋଟି ଘଟଣାରେ ମୋହନା ଓ ଅଡବା ଥାନାରେ ମାମଲା ରୁଜୁ ହେବ ସହ ତଦନ୍ତ ଜାରି ରହିଥିବା ଜଣାପଡିଛି ।

ଯୋଡ଼ା ଟ୍ରକ୍ ମାଲିକ ସଂଘ ନିର୍ବାଚନ

ଦ୍ୱିତୀୟ ଦିନରେ ୯ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଯୋଡ଼ା,୦୩/୧୦ (ଶାନ୍ତସ ନାୟକ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ଅଞ୍ଚଳରେ ଅକ୍ଟୋବର ୧୨ରେ ହେବାକୁ ଥିବା ଯୋଡ଼ା ଟ୍ରକ୍ ମାଲିକ ସଂଘ ନିର୍ବାଚନକୁ ନେଇ ତତ୍ପରତା ବଢ଼ିଛି । ନାମାଙ୍କନ ଦାଖଲର ଦ୍ୱିତୀୟ ଦିନରେ ମୋଟ ୯ ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।ନିର୍ବାଚନ ଅଧିକାରୀଙ୍କ



ସୂଚନାନୁସାରେ, ସଭାପତି ପଦ ପାଇଁ ରାଜେଶ ରୋଶନ, ଉପସଭାପତି ପାଇଁ ଦୀପକ ମହାନ୍ତ, ସମ୍ପାଦକ ପାଇଁ ରବି ନାରାୟଣ ଦାସ, ସହସମ୍ପାଦକ ପାଇଁ ମହେଶ କୁମାର ସିଂ ଏବଂ କୋଷାଧ୍ୟକ୍ଷ ପାଇଁ ଲକ୍ଷ୍ମଣ ବାରିକ ନାମାଙ୍କନ ଦାଖଲ କରିଛନ୍ତି । ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ ଯୁଗ୍ମ ସମ୍ପାଦକ ପଦ ପାଇଁ ମାୟାଧର ପାତ୍ର ଏବଂ କୋଷାଧ୍ୟକ୍ଷ ପଦ ପାଇଁ ନିର୍ମଳ ସିଂ ଓ ବବଲୁ ତ୍ରିୟା ନାମାଙ୍କନ ଦାଖଲ କରିଛନ୍ତି ।ଅନ୍ୟପକ୍ଷରେ, ବିଧାୟକ ସନାତନ ମହାକୁଡ଼ଙ୍କ ସମର୍ଥିତ ପ୍ରାର୍ଥୀମାନେ ଶୁକ୍ରବାର ଅପରାହ୍ନ ପ୍ରାୟ ୧୨ଟା ୩୦ରେ ମା' ଲକ୍ଷ୍ମୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ନାମାଙ୍କନ ଦାଖଲ ପାଇଁ ବାହାରିଥିଲେ । ବାଜାବାଣ ଓ ସମର୍ଥକଙ୍କ ଉପସ୍ଥିତିରେ ହୋଇଥିବା ଏହି ଶୋଭାଯାତ୍ରାରେ ପ୍ରାୟ ଏକ ହଜାର ଲୋକ ସାମିଲ ହୋଇଥିବା ସମର୍ଥକମାନେ ଦାବି କରିଛନ୍ତି ।ଶୋଭାଯାତ୍ରାରେ ପ୍ରାର୍ଥୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ତେବେ ଏହି ଜନସମାଗମକୁ ନେଇ ସଂଘର କିଛି ସଦସ୍ୟ ଓ ଅନ୍ୟ ଗାଡ଼ି ମାଲିକଙ୍କ ମଧ୍ୟରେ ଭିନ୍ନମତ ପ୍ରକାଶ ପାଇଛି । ସଂଘରେ ୧୦୭୭ ଜଣ ସଦସ୍ୟ ଥିବାବେଳେ ଶୋଭାଯାତ୍ରାରେ ଯୋଗଦେଇଥିବା ଲୋକଙ୍କ ମଧ୍ୟରୁ କେତେଜଣ ସଂଘର ପ୍ରକୃତ ସଦସ୍ୟ ଓ କେତେଜଣ ବାହାରୁ ଆସିଥିଲେ, ତାହାକୁ ନେଇ ଆଲୋଚନା ଚାଲିଛି ।ତେବେ ଶୋଭାଯାତ୍ରାରେ ହୋଇଥିବା ଜନସମାଗମକୁ ନିର୍ବାଚନୀ ସମର୍ଥନର ମାପକାଠି ଭାବେ ଗ୍ରହଣ କରାଯିବ କି ନାହିଁ, ତାହା ନିର୍ବାଚନ ଫଳାଫଳ ପରେ ହିଁ ସ୍ପଷ୍ଟ ହେବ ।

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ବିଶ୍ୱ ସଂସ୍କୃତ ଦିବସ ପାଳିତ



କୋରାପୁଟ ୦୩/୧୦ (ସମୀର) କୋରାପୁଟ ସ୍ଥିତ ପିଏମଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ବିଶ୍ୱ ସଂସ୍କୃତ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି ।ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ,କୋରାପୁଟ ଜିଲ୍ଲାର ସଭାପତି ଡ.ଏସ ଏନ ଅମିତାଭ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ପ୍ରତ୍ୟେକ ଘରେ ସଂସ୍କୃତ ଭାଷାର ବହୁଳ ପ୍ରଚାର ଓ ପ୍ରସାର ହେଉ ଏହାହିଁ ଆଜି ଦିବସର ଆଭିମୁଖ୍ୟ ଅଟେ ।ଇଂରାଜୀ ଯେପରି ବାଧ୍ୟତାମୂଳକ ବିଷୟ ରହିଛି ସେହିପରି ସଂସ୍କୃତକୁ ମଧ୍ୟ ବାଧ୍ୟତାମୂଳକ ବିଷୟ ରଖାଯାଉ ବୋଲି ସଂସ୍କୃତ ଶିକ୍ଷକ ତପନ କୁମାର ପରିଡା ସରକାରଙ୍କ ନିକଟରେ ଦାବି କରିଛନ୍ତି ।ଅନ୍ୟ ଅତିଥି ଭାବେ ବିଜ୍ଞାନ ପରିଦର୍ଶକ ଜୟନ୍ତ କୁମାର ପାଳ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀମତୀ ରଶ୍ମିତା କୁମାରୀ ବେହେରା, ମୁଖ୍ୟବକ୍ତା ଭାବେ ଗୋକୁଳା ନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ଆଲୋକପାତ କରିଥିଲେ। ସଂସ୍କୃତ ଶିକ୍ଷକ ମନୋଜ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘର ସଂପାଦକ ଜ୍ୟୋତି ରଞ୍ଜନ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ ।ସେହିପରି କୃତି ପ୍ରତିଯୋଗୀଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ସଂଘର ସମସ୍ତ କର୍ମକର୍ତ୍ତା ଓ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷକ ଭୀମ ବେହେରା କାଯ୍ୟକ୍ରମରେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।ଜିଲ୍ଲାର ସମସ୍ତ ବ୍ଲକର ସରକାରୀ ବିଦ୍ୟାଳୟ ସଂସ୍କୃତ ଓ ଶିକ୍ଷକ ଶିକ୍ଷୟତ୍ରୀ ଏହି କାଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଗଣମାଧ୍ୟମ ପ୍ରତିନିଧି ଓ କଣ୍ଟେଣ୍ଟ କ୍ରିଏଟରଙ୍କୁ ଏବିଭିପିର ସମ୍ବର୍ଦ୍ଧନା

ଜୟପୁର, ୩।୧୦(ସମୀର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ପକ୍ଷରୁ ଗଣମାଧ୍ୟମ ପ୍ରତିନିଧି ଓ କଣ୍ଟେଣ୍ଟ କ୍ରିଏଟରଙ୍କୁ ନେଇ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପାରାବେଡ଼ାସ୍ଥିତ ମିଶନ ଶକ୍ତି ହଲ୍‌ରେ ଅନୁଷ୍ଠିତ ହୋଇଛି । ସମାଜ ଓ ରାଷ୍ଟ୍ର ପ୍ରତି ଗଣମାଧ୍ୟମର ଅବଦାନକୁ ସ୍ୱୀକୃତି ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଫେଲିସିଟେସନ୍ ପ୍ରୋଗ୍ରାମ୍ ଆୟୋଜିତ ହୋଇଥିଲା ।କାର୍ଯ୍ୟକ୍ରମରେ ଜୟପୁର ଅଞ୍ଚଳର ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ, ପ୍ରତିନିଧି ଓ କଣ୍ଟେଣ୍ଟ କ୍ରିଏଟରଙ୍କୁ ଏବିଭିପି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଗଣମାଧ୍ୟମ ଓ ଚଳଚ୍ଚିତ୍ର ମାଧ୍ୟମରେ ସୃଜନଶୀଳତା ତଥା ସମାଜ ସହ ଜଡ଼ିତ ବିଭିନ୍ନ ବିଷୟବସ୍ତୁ ଲୋକଙ୍କ ନିକଟରେ ପହଞ୍ଚାଇବା ନେଇ କାର୍ଯ୍ୟକ୍ରମରେ ମତବିନିମୟ ହୋଇଥିଲା । ଏବିଭିପି କୋରାପୁଟ ଜିଲ୍ଲା ସଂଯୋଜକ ସୁରଜ ବାହିନୀପତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ନିଜର ମତ ରଖିଥିଲେ। ସାମ୍ବାଦିକ ଓ କଣ୍ଟେଣ୍ଟ କ୍ରିଏଟରଙ୍କ ଅବଦାନକୁ ସମ୍ମାନ ଜଣାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ ।ଏହି ଅବସରରେ ମନୋଜ ଦାସ, ମଧୁସ୍ମିତା ମିଶ୍ର, ହୃଷୀକେଶ ମିଶ୍ର, ଚନ୍ଦ୍ରକାନ୍ତ ସୁତାର, ଗଜେନ୍ଦ୍ର କୁମାର ସାହୁ, ସନ୍ତୋଷ ପାତ୍ର, ତରୁଣ କୁମାର ମହାପାତ୍ର, ନୃସିଂହ ଚୌଧୁରୀ, ଦେବାଶିଷ ସାହୁ, ଶ୍ରୀକାନ୍ତ ସାହୁ, କୋମଳ ଭତ୍ରା, ଯୋଗେନ୍ଦ୍ର ସିଂ, ମନୋହର ତ୍ରିପାଠୀ ଓ ଅନିତା ଦାସ, ଦେବବ୍ରତ ପାଣି ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।କାର୍ଯ୍ୟକ୍ରମକୁ ଏବିଭିପି କୋରାପୁଟ ବିଭାଗ ସଂଗଠନ ସମ୍ପାଦକ ଦିବ୍ୟଜ୍ୟୋତି ନନ୍ଦ ପରିଚାଳନା କରିଥିଲେ । ଏବିଭିପି ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ସମ୍ପାଦକ ମନୋଜ ସାହୁ, ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଉପସଭାପତି ଶିବାଶିଷ ବିଶୋଇ, ଆଦିତ୍ୟ ଦତ୍ତଙ୍କ ସମେତ ଏବିଭିପିର ବହୁ ଛାତ୍ର ସଦସ୍ୟ ଉପସ୍ଥିତ ଥିଲେ ।

ଭଲିବଲ ଟୁର୍ନାମେଣ୍ଟ ଗଜପତି ବିଜୟୀ



ବାଲିଗୁଡା ୧୩/୧୦(ଅକ୍ଷର ଓଡିଶା) କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡିରେ ଇମାନୁଏଲ ଯୁବକ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଏକଦିବସୀୟ ଭଲିବଲ ପ୍ରତିଯୋଗିତା ଆୟୋଜିତ ହୋଇଛି । ଏଥିରେ ଗଜପତି ଓ କନ୍ଧମାଳର ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ଜୋରଦାର ମୁକାବିଲା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବାଲିଗୁଡା ର ସମାଜସେବୀ ଟୁନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଅନ୍ୟତମ ଅତିଥି ରୂପେ ପୂର୍ବତନ ଏନଏସି ଅଧ୍ୟକ୍ଷ ଲୋକନାଥ ପାଢ଼ୀ,ବାଲିଗୁଡା ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକ, ଥାନା ଅଧିକାରୀ ସଂଗ୍ରାମ କେଶରୀଜେନା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । କନ୍ଧମାଳରେ ଭଲିବଲ ଏକ ଲୋକପ୍ରିୟ ଖେଳ ହୋଇଥିବାରୁ ଏହାର ପ୍ରଚାର ଓ ପ୍ରସାର ପାଇଁ ଆୟୋଜକ ସଂଘକୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ । ଏଥିସହ ଆଗାମୀ ଦିନରେ ଆହୁରି ବଡ଼ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ସେ ଆୟୋଜକଙ୍କୁ ପ୍ରୋତ୍ସାହିତ କରି ଥିଲେ । ବିଜୟୀ ଗଜପତି ଟିମ କୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା ।

ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖଣ୍ଡପଡା ସହର ପରିକ୍ରମା କଲା ସୁଜଳ ରଥ



ଖଣ୍ଡପଡ଼ା ୩।୧୦ (ଅକ୍ଷର ଓଡ଼ିଶା) ପାନୀୟ ଜଳର ସୁ ବିନିଯୋଗ ସହ ଜଳବାହିତ ରୋଗର କାରଣ ଓ ଭୟାବହତା ସଂପର୍କରେ ସହରବାସୀଙ୍କୁ ସଚେତନ କରିବାର ମହତ ଲକ୍ଷ୍ୟ ନେଇ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁଜଳ ରଥ ଖଣ୍ଡପଡ଼ା ସହର ପରିକ୍ରମା ଆରମ୍ଭ କରିଥିବା ଜଣାଯାଇଛି ।ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ବେହେରା କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ସୁଜଳ ରଥ ପରିକ୍ରମା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ପରେ ସୁଜଳ ରଥ ଖଣ୍ଡପଡ଼ା ସହରର ୧୩ ଟି ୱାର୍ଡ ପରିକ୍ରମା ଆରମ୍ଭ କରିଥିବା ଜଣାଯାଇଛି ।ପାନୀୟ ଜଳର ଅପଚୟ ରୋକିବା,ଜଳର ସୁ ବିନିଯୋଗ କରି ଭବିଷ୍ୟତ ପିଢୀ ପାଇଁ ଜଳ ସଂରକ୍ଷଣ କରି ରଖିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଟେ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

ଓ.ପି. ଏସ୍ ମହାବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଖଜୁରିଆକଟା ୩/୧୦(ନିଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦ୍ୱାରା 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇଂରାଜୀ ବିଭାଗର ପ୍ରାଧାପକ କପିଳ ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ.ରାଜକିଶୋର ସାମଲ ଓ ରବିନାରାୟଣ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସୁସ୍ଥ, ସୁନ୍ଦର ପରିବେଶ ଗଠନ କରିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ପ୍ରାଧାପକ ଗୁରୁ ଚରଣ ରାଉତରାୟ ମୁଖ୍ୟବକ୍ତା ଭାବରେ ଯୋଗଦେଇ 'ବିକଶିତ ଭାରତ ଗଠନ ନିମନ୍ତେ ସ୍ୱଚ୍ଛତାର ଭୂମିକା ଗୁରୁତ୍ୱପୂର୍ଣ୍ଣ' ବୋଲି ନିଜର ବକ୍ତବ୍ୟରେ କହିଥିଲେ। ସଭାପତି ଶ୍ରୀଯୁକ୍ତ ମହାନ୍ତି ପରିବାରରୁ ପ୍ରଥମେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।ମହାବିଦ୍ୟାଳୟର ଏନ୍.ସି.ସି, ଜାତୀୟ ସେବା ଯୋଜନା, ରୋଭର୍, ରେଞ୍ଜର୍ସ, ଯୁବ ରେଡକ୍ରସର ସମସ୍ତ ସ୍ୱେଚ୍ଛାସେବୀଙ୍କ ସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ କଲେଜ ପରିସରକୁ ସ୍ୱଚ୍ଛ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ମଙ୍ଗରାଜ ମହାପାତ୍ର ପରିଚାଳନା କରିଥିଲେ।

ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୨୧ ପରୀକ୍ଷାର୍ଥୀ ଅନୁପସ୍ଥିତ

ଭାପୁର ୩।୧୦ (ଅକ୍ଷର ଓଡ଼ିଶା) ଭାପୁର ବାଲୁକେଶ୍ୱର ଦେବ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୫ମ ବୃତ୍ତି ପରୀକ୍ଷା ଶନିବାର ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି ।ଭାପୁର ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ୧୪୨ ଜଣ ଛାତ୍ରଛାତ୍ରୀ ବୃତ୍ତି ପରୀକ୍ଷା ନିମନ୍ତେ ଆବେଦନ କରିଥିଲେ ହେଁ ସର୍ବମୋଟ ୧୨୧ ଜଣ ପରୀକ୍ଷା ଦେଇଥିବା

ଅଖଦ
AKHYARA ODISHA ଓଡ଼ିଶା

ଗୋଟିଏ ଦିନରେ ୬ ସ୍ୱର୍ଣ୍ଣ ପଦକ

୪୪ ବର୍ଷ ପରେ ଏସିଆନ୍ ଗେମ୍ସରେ ମହିଳା ହକି ସ୍ୱର୍ଣ୍ଣ ଦଳକୁ ମୋଦୀଙ୍କ ଅଭିନନ୍ଦନ

ନୂଆଦିଲ୍ଲୀ:ଏସିଆନ୍ ଗେମ୍ସରେ ଭାରତୀୟ ମହିଳା ହକି ଦଳର ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁସି ପ୍ରକାଶ କରିଛନ୍ତି। ଫାଇନାଲରେ ଦଳର ଚମତ୍କାର ପ୍ରଦର୍ଶନ ପାଇଁ ସେ ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।ଦୀର୍ଘ ଚାରି ଦଶନ୍ଧି ପରେ ଏସିଆନ୍ ଗେମ୍ସରେ ଭାରତୀୟ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବାକୁ ମୋଦୀ ଏକ 'ଅତ୍ୟନ୍ତ ସତନ୍ତ୍ର ମୁହୂର୍ତ୍ତ' ବୋଲି ବର୍ଣ୍ଣନା କରିଛନ୍ତି। ଏହି ସଫଳତା ଉତ୍କୃଷ୍ଟ ଦକ୍ଷତା,ଦୃଢ଼ ନିଷ୍ଠା ଏବଂ ଚମତ୍କାର ଦଳଗତ କାର୍ଯ୍ୟର ଫଳ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅଫିସିଆଲ୍ 'ଏକ୍ସ' ହ୍ୟାଣ୍ଡେଲରେ ମଧ୍ୟ ଏନେଇ ପୋଷ୍ଟ କରାଯାଇଛି। ଏଥିରେ ମହିଳା ହକି ଦଳର ଐତିହାସିକ ବିଜୟକୁ ପ୍ରଶଂସା କରାଯାଇଛି। ମୋଦୀ କହିଛନ୍ତି ଯେ ଦଳର ଏହି ଉଲ୍ଲେଖନୀୟ ବିଜୟ ଦେଶର ଯୁବପିଢ଼ିଙ୍କୁ ପ୍ରେରଣା ଦେବ। ଏଥିସହ ସାରା ଦେଶରେ ହକିର ଲୋକପ୍ରିୟତା ଆହୁରି ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।ଭାରତୀୟ ମହିଳା ହକି ଦଳର ଏହି ସଫଳତା କେବଳ ସ୍ୱର୍ଣ୍ଣ ପଦକରେ ସୀମିତ ନୁହେଁ, ଏହା ଭାରତୀୟ ହକିର ଦୀର୍ଘ ପ୍ରତୀକ୍ଷାର ମଧ୍ୟ ଅନ୍ତ ଘଟାଇଛି। ଦଳର ଐତିହାସିକ ପ୍ରଦର୍ଶନ ପରେ ଦେଶବ୍ୟାପୀ ଅଭିନନ୍ଦନର ସୁଅ ଛୁଟିଛି।



ସ୍ୱର୍ଣ୍ଣ ଜିତିଲେ ଆଦିବାସୀ ଝିଅ ଝରଣା

ଅମରପାଲି:ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଓ ନିରନ୍ତର ପରିଶ୍ରମ ଆଗରେ ହାର ମାନିଛି ଆର୍ଥିକ ଅନଟନ। ଏହାର ଉଦାହରଣ ସାଜିଛନ୍ତି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ପଞ୍ଚାୟତ ସାନକିରାସିରା ଗ୍ରାମର ଆଦିବାସୀ ଝିଅ ଝରଣା ନାଏକ (୧୫)। ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ମୁଷ୍ଟିଯୁଦ୍ଧ (ବକ୍ସିଂ) ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରି ସେ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ଜିଲା ସମେତ ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଛି। ଝରଣା ବର୍ତ୍ତମାନ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାସ୍ଥିତ ବାପୁଜୀ ହାଇସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସେ ଜୀବର୍ଦ୍ଧନ ନାଏକ ଓ ଦୀପା ନାଏକଙ୍କ ଏକମାତ୍ର ସନ୍ତାନ। ତାଙ୍କ ମା'ବାପା ଉଭୟ ଶ୍ରମିକ ଭାବେ କାମ କରି ପରିବାର ଚଳାଇଥାନ୍ତି। ଆର୍ଥିକ ସମସ୍ୟା ସତ୍ତ୍ୱେ ଝିଅର ଖେଳ ପ୍ରତି ଥିବା ଆଗ୍ରହକୁ ଦେଖି ସେମାନେ ତାଙ୍କୁ ସବୁବେଳେ ଉତ୍ସାହିତ କରିଆସୁଛନ୍ତି। ବ୍ରହ୍ମପୁରସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ୭୦ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବକ୍ସିଂ ଓ ଟେବୁଲ ଟେନିସ ପ୍ରତିଯୋଗିତାରେ ଝରଣା ଅଂଶଗ୍ରହଣ କରିଥିଲେ। ଏହା ପୂର୍ବରୁ ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ବକ୍ସିଂ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ସେ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ରାଜ୍ୟସ୍ତରରେ ମଧ୍ୟ ନିଜର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ବଳରେ ସେ ଜାତୀୟସ୍ତରୀୟ ବିଦ୍ୟାଳୟ ସମୂହ ବକ୍ସିଂ ପ୍ରତିଯୋଗିତାରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଏସିଆନ ଗେମ୍ସରେ ଇତିହାସ ରଚିଲେ ପ୍ରଣବୀ: ଗଲ୍ଫରେ କଲେ ବଡ଼ କାରନାମା

ନୂଆଦିଲ୍ଲୀ: ଏସିଆନ ଗେମ୍ସ ୨୦୨୬ରେ ଭାରତୀୟ ଗଲ୍ଫ ପାଇଁ ଆସିଛି ବଡ଼ ସଫଳତା। ଭାରତୀୟ ଗଲ୍‌ଫର୍ ପ୍ରଣବୀ ଶରଥ ଉର୍ସ ମହିଳା ଗଲ୍‌ଫରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ସେ ଏସିଆନ ଗେମ୍ସରେ ଗଲ୍ଫରେ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ଭାରତୀୟ ମହିଳା ଗଲ୍ଫର୍ ହୋଇଛନ୍ତି।

ମୈସୁରର ୨୩ ବର୍ଷୀୟା ପ୍ରଣବୀ ଶେଷ ରାଉଣ୍ଡରେ ନିଜର ଏକ ଷ୍ଟ୍ରୋକ୍‌ରେ ଅଗ୍ରଣୀ ବଜାୟ ରଖି ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ପ୍ରଣବୀଙ୍କ ବ୍ୟକ୍ତିଗତ ସ୍ୱର୍ଣ୍ଣ ସହ ଭାରତୀୟ ମହିଳା ଗଲ୍ଫ ଟିମ ମଧ୍ୟ ରୌପ୍ୟ ପଦକ ଜିତିଛି। ପ୍ରଣବୀଙ୍କ ସହ ଅଦିତି ଅଶୋକ ଏବଂ ଦୀକ୍ଷା ଡାଗର ଭାରତୀୟ ଦଳର ଅଂଶ ଥିଲେ। ଚାଇନା ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଭାରତକୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏସିଆନ ଗେମ୍ସରେ ଗଲ୍ଫରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିବାର ଇତିହାସ ମଧ୍ୟ ରହିଛି। ୨୦୦୨ ବୁସାନ ଏସିଆନ ଗେମ୍ସରେ ଶିବ କପୁର ପୁରୁଷ ଗଲ୍ଫରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ। କିନ୍ତୁ ମହିଳା ଗଲ୍ଫରେ ପ୍ରଣବୀ ଶରଥ ଉର୍ସଙ୍କ ଏହି ସଫଳତା ଭାରତୀୟ କ୍ରୀଡ଼ା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି।

୧୭ ବର୍ଷୀୟା କୁମକୁମଙ୍କ ହ୍ୟାଟ୍ରିକ୍: ଏସିଆନ ଗେମ୍ସରେ ପୁଣି ସ୍ୱର୍ଣ୍ଣ ଜିତିଲେ

ନୂଆଦିଲ୍ଲୀ,୩।୧୦: ଏସିଆନ ଗେମ୍ସ ୨୦୨୬ରେ ଭାରତୀୟ ତୀରନ୍ଦାଜଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ମାତ୍ର ୧୭ ବର୍ଷ ବୟସରେ କୁମକୁମ ମୋହଦ ଭାରତକୁ ଦେଇଛନ୍ତି ୧୭ତମ ସ୍ୱର୍ଣ୍ଣ ପଦକ। ମହିଳା ରିକର୍ଭ ବ୍ୟକ୍ତିଗତ ବର୍ଗରେ ସେ ଚମତ୍କାର ପ୍ରଦର୍ଶନ କରି ଦକ୍ଷିଣ କୋରିଆର ୟେଜିନ ଓହଙ୍କୁ ଶୁଟ-ଅଫ୍‌ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି। ଫାଇନାଲ ମୁକାବିଲା ଅତ୍ୟନ୍ତ ରୋମାଞ୍ଚକର ରହିଥିଲା। ପାଞ୍ଚଟି ସେଟ ପରେ ଉଭୟ ତୀରନ୍ଦାଜ ୫-୫ରେ ସମାନ ସ୍ଥିତିରେ ଥିଲେ। ଫଳରେ ସ୍ୱର୍ଣ୍ଣ ପଦକ ପାଇଁ ଶୁଟ-ଅଫ୍‌ର ସହାୟତା ନିଆଯାଇଥିଲା। ଏଠାରେ କୁମକୁମଙ୍କ ଚାପମୁକ୍ତ ପ୍ରଦର୍ଶନ ତାଙ୍କୁ ବିଜୟ ଦେଇଥିଲା। ଫାଇନାଲ୍ ଆରମ୍ଭ କୁମକୁମଙ୍କ ପାଇଁ ଭଲ ହୋଇ ନ ଥିଲା। ସେ ପ୍ରଥମ ସେଟକୁ ୨୭-୨୯ରେ ହାରିଥିଲେ। ଦ୍ୱିତୀୟ ସେଟ ୨୯-୨୯ରେ ଡ୍ର' ହୋଇଥିଲା। ଏହାପରେ ମଧ୍ୟ ଭାରତୀୟ ତୀରନ୍ଦାଜ ପଛରେ ରହିଥିଲେ। ତେବେ କୁମକୁମ ଧୈର୍ଯ୍ୟ ହରାଇ ନ ଥିଲେ। ତୃତୀୟ ସେଟ୍‌ରେ ସେ ତିନୋଟି ପରଫେକ୍ଟ-୧୦ ସହ ୩୦ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟପଟେ ୟେଜିନ ୨୯ ପଏଣ୍ଟ କରିଥିଲେ। ଫଳରେ ମୁକାବିଲା ୩-୩ରେ ସମାନ ହୋଇଥିଲା। ଚତୁର୍ଥ ସେଟ୍‌ରେ କୁମକୁମ ୨୭ ପଏଣ୍ଟ କରିଥିବା ବେଳେ କୋରିଆର ତୀରନ୍ଦାଜ ୨୮ ପଏଣ୍ଟ କରି ସେଟ ଜିତିଥିଲେ। କିନ୍ତୁ ପଞ୍ଚମ ସେଟ୍‌ରେ କୁମକୁମ ପୁଣି ଚମତ୍କାର ପ୍ରଦର୍ଶନ କରି ପରଫେକ୍ଟ ୩୦ ସ୍କୋର କରିଥିଲେ। ପାଞ୍ଚଟି ସେଟ ପରେ ସ୍କୋର ୫-୫ ହେବାରୁ ଶୁଟ-ଅଫ ହୋଇଥିଲା। ଏଠାରେ ୟେଜିନ ଓହ ୮ ପଏଣ୍ଟରେ ତୀର ମାରିଥିଲେ। କୁମକୁମ ମଧ୍ୟଭାଗର ନିକଟତର ଟାର୍ଗେଟ କରି ବିଜୟ ନିଶ୍ଚିତ କରିଥିଲେ। ଶୁଟ-ଅଫ୍‌ରେ ଯେଉଁ ଖେଳାଳିଙ୍କ ତୀର ମଧ୍ୟବିନ୍ଦୁର ଅଧିକ ନିକଟରେ ଲାଗେ, ତାଙ୍କୁ ବିଜେତା ଘୋଷଣା କରାଯାଏ। ଏହି ନିୟମରେ କୁମକୁମ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲେ। ୨୦୨୬ ଏସିଆନ ଗେମ୍ସରେ କୁମକୁମ ମୋହଦଙ୍କ ପାଇଁ ଏହା ତୃତୀୟ ପଦକ। ସେ ଏପର୍ଯ୍ୟନ୍ତ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ମହିଳା ରିକର୍ଭ ଏକକ ବର୍ଗର ସ୍ୱର୍ଣ୍ଣ ସହ ସେ ଏସିଆନ ଗେମ୍ସରେ ପଦକ ହ୍ୟାଟ୍ରିକ ପୂରଣ କରିଛନ୍ତି। ଏଥର ତୀରନ୍ଦାଜୀରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ଚର୍ଚ୍ଚାରେ ରହିଛି। ଏହି କ୍ରୀଡ଼ାରେ ଦକ୍ଷିଣ କୋରିଆର ଦୀର୍ଘଦିନର ପ୍ରଭାବ ଥିବା ସତ୍ତ୍ୱେ ଭାରତୀୟ ତୀରନ୍ଦାଜମାନେ ଚଳିତ ସଂସ୍କରଣରେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଏସିଆନ ଗେମ୍ସ ୨୦୨୬ରେ ଭାରତ ଏପର୍ଯ୍ୟନ୍ତ ମୋଟ ୭୭ଟି ପଦକ ଜିତିଛି। ଏଥିରେ ୧୭ଟି ସ୍ୱର୍ଣ୍ଣ ରହିଛି। ପଦକ ତାଲିକାରେ ଭାରତ ବର୍ତ୍ତମାନ ପଞ୍ଚମ ସ୍ଥାନରେ ରହିଛି। ପଦକ ତାଲିକାର ଶୀର୍ଷରେ ଚାଇନା ରହିଥିବା ବେଳେ ଜାପାନ, ଦକ୍ଷିଣ କୋରିଆ ଏବଂ ଉଜବେକିସ୍ତାନ ଭାରତଠାରୁ ଉପରେ ରହିଛନ୍ତି। ଉଜବେକିସ୍ତାନର ୨୦ଟି ସ୍ୱର୍ଣ୍ଣ ଥିବାରୁ ଭାରତଠାରୁ ଆଗରେ ରହିଛି।



ଭାରତର ପ୍ରଥମ ଏଆଇ ଉପଗ୍ରହ ଉତ୍କ୍ଷେପଣ



ହାଇଦରାବାଦ : ଭାରତର ପ୍ରଥମ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପଗ୍ରହ ଉତକ୍ଷେପଣ ହୋଇଛି। ହାଇଦରାବାଦ କମ୍ପାନୀ 'ଟେକମିଟୁସ୍ପେସ' ଦ୍ୱାରା ନିର୍ମିତ ଏହି ଉପଗ୍ରହକୁ ସ୍ପେସଏକ୍ସର ଟ୍ରାନ୍ସପୋର୍ଟର-୧୮ ଅଭିଯାନରେ ଗୁରୁବାର ରାତି ୧୧ଟା୪୮ରେ ମହାକାଶକୁ ପଠାଯାଇଛି। ଏହି ଉପଗ୍ରହର ନାମ ଏମଓଆଇ-୧ଏ ରଖାଯାଇଛି। ବିଶ୍ୱର ଚତୁର୍ଥ ରାଷ୍ଟ୍ର ଭାବେ ଭାରତ ଏହି ସଫଳତା ହାସଲ କରିଛି। ଏହା କେବଳ ଫଟୋ ଉଠାଇ ପୃଥିବୀକୁ ପଠାଇବ ନାହିଁ, ବରଂ ମହାକାଶରେ ଫଟୋ ଗୁଡିକର ବିଶ୍ଳେଷଣ ମଧ୍ୟ କରିବ। ଏହା ଦ୍ୱାରା ସୀମାର ପର୍ଯ୍ୟବେକ୍ଷଣ ଓ ବିପର୍ଯ୍ୟୟ ସମୟରେ ତୁରନ୍ତ ସହାୟତା ମିଳିପାରିବ। ଫଟୋ ଓ ଡାଟାକୁ ପୃଥିବୀକୁ ପଠାଇବାରେ ଲାଗୁଥିବା ସମୟ ଓ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ଏହା ଭାରତର ପ୍ରଥମ ଅର୍ବିଟାଲ କମ୍ପ୍ୟୁଟିଂ ଉପଗ୍ରହ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଆମେରିକା, ୟୁରୋପୀୟ ସଂଘ ଓ ଚୀନ ଏଭଳି ଉପଗ୍ରହ ଉତକ୍ଷେପଣ କରିଥିଲେ। ଏମଓଆଇ-୧ଏର ଓଜନ ୧୩ୀ କେଜି। ଏଆଇ ମଡେଲ ଚଲାଇବା ପାଇଁ ଏଥିରେ ଏନଭିଡିଆ ଏନଓରିନ ଏନଏକ୍ସ ଚିପ୍ ଲାଗିଛି।

ଫୋବ୍ର୍ସ ତାଲିକା : ଶୀର୍ଷରେ ଆଦାନୀ

ମୁମ୍ବଇ: ଶିଳ୍ପପତି ଗୌତମ ଆଦାନୀ ତିନି ବର୍ଷ ପରେ ପୁଣି ଏକ ନମ୍ବର ସ୍ଥାନକୁ ଫେରିଛନ୍ତି। ସେ ଭାରତର ସବୁଠାରୁ ଧନୀ ବ୍ୟକ୍ତି ହୋଇଛନ୍ତି। ଫୋର୍ବସ-୨୦୨୬ର ଭାରତର ଶ୍ରେଷ୍ଠ ଶହେ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ସେ ଶୀର୍ଷରେ ଅଛନ୍ତି। ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ ଓ ତାଙ୍କ ପରିବାରର ମୋଟ ସମ୍ପତ୍ତି ୧୦.୮୫ ଲକ୍ଷ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଆଦାନୀଙ୍କ ସମ୍ପତ୍ତି ୧.୯୯ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ଡଲାର ଆଧାରରେ ଚଳିତ ବର୍ଷ ଆଦାନୀଙ୍କ ସମ୍ପତ୍ତି ଅନ୍ୟ ବ୍ୟବସାୟୀଙ୍କ ତୁଳନାରେ ସର୍ବାଧିକ ବଢ଼ିଛି। ତେବେ ୨୦୨୨ରେ ଆଦାନୀଙ୍କ ସମ୍ପତ୍ତି ୧୪.୪୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ଯାଇଥିଲା। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ତାଙ୍କ ସମ୍ପତ୍ତି ୧.୮୦ ଲକ୍ଷ କୋଟି ହ୍ରାସ ପାଇ ୮.୩ ଲକ୍ଷ କୋଟିକୁ ଖସି ଆସିଛି। ବ୍ୟବସାୟରେ ଲାଭ ହ୍ରାସ ପାଇବାର ପ୍ରଭାବ ରିଲାଏନ୍ସ ଗ୍ରୁପର ସେୟାର ଉପରେ ପଡ଼ିଥିଲା।

ଏସ୍‌ଆଇଆର୍ ପ୍ରସଙ୍ଗ, ବାଦ୍ ଭୋଟର୍‌ଙ୍କ ଘରେ ବିଏଲ୍‌ଓ



ନୂଆଦିଲ୍ଲୀ: ସତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଯେଉଁ ସବୁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ସମାପ୍ତ ହୋଇଛି। ସେଠାରେ ଚୂଡ଼ାନ୍ତ ଭୋଟର୍ ତାଲିକାରୁ ବାଦ୍ ପଡ଼ିଥିବା ଭୋଟର୍ ଏବଂ ପ୍ରଥମଥର ପାଇଁ ଭୋଟର ତାଲିକାରେ ସାମିଲ ହେଉଥିବା ଯୁବ ଭୋଟରଙ୍କୁ ପଞ୍ଜୀକରଣ ପାଇଁ ଏକ ସତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଛି। ଏହି କ୍ରମେ ଓଡ଼ିଶାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ବୁଥ୍ ଲେଭେଲ ଅଧିକାରୀ (ବିଏଲ୍‌ଓ)ମାନେ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟର୍ ଏବଂ ପ୍ରଥମଥର ପାଇଁ ଭୋଟର୍ ତାଲିକାରେ ପଞ୍ଜିକୃତ ହେବାକୁ ଥିବା ଯୁବବର୍ଗଙ୍କ ପାଖରେ ପହଞ୍ଚି ଯାଞ୍ଚ ଆରମ୍ଭ କରି ଦେଇଛନ୍ତି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ବିଶେଷକରି ଏସ୍‌ଆଇଆର୍ ପ୍ରକ୍ରିୟା ଚାଲିଥିବା ସମୟରେ ଅନେକ ଭୋଟରଙ୍କ ଅନୁପସ୍ଥିତି, ସ୍ଥାନାନ୍ତରଣ, ମୃତ୍ୟୁ ଏବଂ ନକଲି ଭୋଟର ପରିଚୟପତ୍ର ଥିବା ବ୍ୟକ୍ତିବିଶେଷ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି। ଏହି ଭୋଟର୍‌ଙ୍କ ପାଖରେ ବିଏଲ୍‌ଓମାନେ ପୁଣି ପହଞ୍ଚିବେ। ସେମାନଙ୍କ କାଗଜପତ୍ର ଯାଞ୍ଚ କରିବା ସହ ଆବଶ୍ୟକସ୍ଥଳେ ଭୋଟର ତାଲିକାରେ ସାମିଲ କରିପାରିବେ। ଯେଉଁମାନେ ଚୂଡ଼ାନ୍ତ ଭୋଟର୍ ତାଲିକାରୁ ବାଦ୍ ପଡ଼ିଛନ୍ତି, କେଉଁ କାରଣରୁ ବାଦ୍ ପଡ଼ିଛନ୍ତି, ଅଭିଯୋଗ ଶୁଣାଣି କରାଯିବ। ସେମାନଙ୍କ ନାମ ତାଲିକା ପ୍ରସ୍ତୁତ ହେବ। ଅନ୍ୟପଟେ ୨୦୨୬ ଅକ୍ଟୋବର ୧ ସୁଦ୍ଧା ୧୮ବର୍ଷରେ ପଦାର୍ପଣ କରୁଥିବା ଯୁବବର୍ଗ ଫର୍ମ-୬ରେ ଭୋଟର ତାଲିକାରେ ସାମିଲ ହୋଇପାରିବେ। ଇଆରଓଙ୍କ ଅଭିଯୋଗ ଶୁଣାଣି ପରେ ସାନି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ପ୍ରାକ୍ ଏସ୍‌ଆଇଆର୍ ପ୍ରକ୍ରିୟାର ଭୋଟର ତାଲିକା ଏବଂ ଏସ୍‌ଆଇଆର୍ ପ୍ରକ୍ରିୟା ସରିବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ନୂତନ ଚୂଡ଼ାନ୍ତ ଭୋଟର ତାଲିକା ପଞ୍ଚାୟତ କାର୍ଯ୍ୟାଳୟ, ସହରାଞ୍ଚଳରେ ପୌରପରିଷଦ, ଏନ୍‌ଏସି କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟରେ ଝୁଲାଯିବ। ଏହାର ଏକ ନକଲ କପି ପ୍ରତି ରାଜନୈତିକ ଦଳ ଏବଂ ବୁଥ୍ ଲେଭେଲ୍ ଏଜେଣ୍ଟଙ୍କୁ ଦିଆଯିବ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟ୍‌ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।


ଏସ୍‌ଆଇଆର୍ ପ୍ରକ୍ରିୟା ସରିବା ପରେ ଓଡ଼ିଶାରେ ସେପ୍ଟେମ୍ବର ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଚୂଡ଼ାନ୍ତ ଭୋଟର ତାଲିକାରେ ମୋଟ ଭୋଟର ସଂଖ୍ୟା ୩କୋଟି ୧୬ଲକ୍ଷ ୩୨ହଜାର ୭୫୪ଜଣ ରହିଛନ୍ତି। ସର୍ବମୋଟ ୨୦ଲକ୍ଷ ୫୭ ହଜାର ୩୩୪ ଭୋଟର୍ ତାଲିକାରୁ ବାଦ୍ ପଡ଼ିଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟା ପୂର୍ବରୁ ରାଜ୍ୟରେ ମୋଟ ୩ କୋଟି ୩୩ଲକ୍ଷ ୯୯ ହଜାର ୫୯୧ ଭୋଟର ଥିଲେ। ପ୍ରକ୍ରିୟାରେ ୩କୋଟି ୧୩ଲକ୍ଷ ୮୭ହଜାର ୦୩୪ ଭୋଟରଙ୍କୁ ପରିଗଣନା ଫର୍ମ ବିତରଣ କରାଯାଇଛି, ଯାହା ସମୁଦାୟ ଭୋଟରଙ୍କ ୯୩.୯୭%। ୨୦ଲକ୍ଷ ୧୨ହଜାର ୫୫୭ଜଣ ଚିଠା ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ଡ୍ରାଫ୍ଟ ରୋଲ୍ ପୂର୍ବରୁ ୨୦,୧୨,୫୫୭ଜଣ ଭୋଟରଙ୍କ ନାମ ଚିଠା ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ଚିଠା ତାଲିକା ପ୍ରକାଶ ପରେ ଦାବି ଓ ଆପତ୍ତିରେ ୪୪,୭୭୭ଭୋଟର୍ ତାଲିକାରୁ ବାଦ୍ ପଡ଼ିଛନ୍ତି। ଚିଠା ତାଲିକା ପୂର୍ବରୁ ଏବଂ ଡ୍ରାଫ୍ଟ ରୋଲ ପରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କୁ ମିଶାଇ ସର୍ବମୋଟ ୨୦,୫୭,୩୩୪ଜଣଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି ବୋଲି ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା।

ଓଡ଼ିଶାରେ ବିଜେପି ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ



- ୬ ଦୁଇ ଦିନ ଓଡ଼ିଶାରେ ରହିବେ
- ୬ କର୍ମୀଙ୍କୁ ଦେବେ ଗୁରୁମନ୍ତ୍ର

ନୂଆଦିଲ୍ଲୀ: ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଏବଂ ସହ ପ୍ରଭାରୀ ସଦେଶ ସିଂ ଭୁବନେଶ୍ୱରରେ ପହଁଚିଛନ୍ତି । ନୂତନ ଭାବେ ରାଜ୍ୟ ପ୍ରଭାରୀ ଭାବେ ଦାୟିତ୍ୱ ନେବା ପରେ ପୁରନ୍ଦେଶ୍ୱରୀଙ୍କ ଏହା ପ୍ରଥମ ଗସ୍ତ । ଉଭୟ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରରେ ଦଳ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି । ପୁରନ୍ଦେଶ୍ୱରୀ ବିଭିନ୍ନ ଦଳୀୟ ବୈଠକରେ ଯୋଗ ଦେବେ । ରାଜ୍ୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସିଂ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ । ଏହି ବୈଠକରେ ୩୭ଟି ସାଙ୍ଗଠନିକ ପ୍ରଭାରୀଙ୍କ ସହିତ ଆଲୋଚନା କରିବେ । ଆଗାମୀ ନିର୍ବାଚନରେ ଦଳର ରଣନୀତି ନେଇ ଗୁରୁମ



ରବିବାର ୪ ।୧୦ ।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ଅଭିଯାନ



ହିଞ୍ଜିଳିକାଟୁ, ୩ ।୧୦(ଅବନି କାନ୍ତ ପଟ୍ଟନାୟକ): ଗାନ୍ଧୀ ଜୟନ୍ତୀ ଅବସରରେ ହିଞ୍ଜିଳିକାଟୁ ପୌରପରିଷଦ ତରଫରୁ ସ୍ୱଚ୍ଛତା ସେବା ଅଭିଯାନ ଅନୁଷ୍ଠିତ ହୋଇଥିଲା ଏ ପୌରପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଲେଇ,ପୌରପରିଷଦର କାର୍ଯ୍ୟନିବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ବରିଷ୍ଠ ବିଜେପି ନେତା ମାଧବ ଗୌଡ଼,ଜିଲ୍ଲା ଉପସଭାପତି ସନ୍ତୋଷ ପାଣିଗ୍ରାହୀ, ମଣ୍ଡଳ ସଭାପତି ସୁଧାଂଶୁ ସାବତ,ବରିଷ୍ଠ ବିଜେପି ନେତା ରାକେଶ ରଥ,ସମ୍ପାଦକ ଅନ୍ତର୍ଯ୍ୟାମୀ ପାତ୍ର,ଯୁବମୋର୍ଚ୍ଚର ସଦସ୍ୟ ବଳରାମ ପଣ୍ଡା,ନାରାୟଣ ପାଢ଼ୀ, ନେତେସ ପଣ୍ଡା, ସନ୍ତୁନୁ ପୃଷ୍ଟି,ସରୋଜ ପାତ୍ର ବରିଷ୍ଠ ବିଜେଡି ନେତା ଯୁଧିଷ୍ଠିର ଦଳେଇ ପ୍ରମୁଖ ଯୋଗଦେଇ ପୂଜ୍ୟ ପିତାଜୀଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଗାନ୍ଧି ଜୟନ୍ତୀରେ ଗ୍ରାଜୁଏଟ୍‌ସ କ୍ଲବର ରକ୍ତଦାନ ଶିବିର, ୬୦ ୟୁନିଟ ରକ୍ତ ସଂଗୃହୀତ



ଆଠଗଡ, ୩ ।୧୦ (ଅକ୍ଷର ଓଡ଼ିଶା): ପବିତ୍ର ଗାନ୍ଧି ଜୟନ୍ତୀ ଅବସରରେ ଆଠଗଡର ଅଗ୍ରଣୀ ସେଚ୍ଛାସେବୀ ସଂଗଠନ ଗ୍ରାଜୁଏଟ୍‌ସ କ୍ଲବ ଆନୁକୂଲ୍ୟରେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ମୁଖ୍ୟଅତିଥି ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ଏହି ଶିବିରରେ ମୋଟ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । କ୍ଲବର ସଭାପତି ପ୍ରଫେସର ଡ.ନିରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ସ୍ୱାଇଁଙ୍କ ସମେତ ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ଅନିମେଷ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଡାକ୍ତରଖାନା ଅଧିକ୍ଷକ ଡାକ୍ତର ମାନସ ରଞ୍ଜନ ପାଣି, ଉପନଗରପାଳ ବି ଶୁଭ୍ରଶଙ୍କର ଜ୍ୟୋତି ଓ ବିଶ୍ୱନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷୟତ୍ରୀ କସୁମାଞ୍ଜଳି ଜେନା ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଆଠଗଡ ଅଞ୍ଚଳରେ ଗ୍ରାଜୁଏଟ୍‌ସ କ୍ଲବ ରକ୍ତଦାନକୁ ଏକ ଆନ୍ଦୋଳନରେ ପରିଣତ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ଉଦାହରଣ ସୃଷ୍ଟି କରିଛନ୍ତି। ଗ୍ରାଜୁଏଟ୍‌ସ କ୍ଲବ ଦ୍ୱାରା ୧୯ ବର୍ଷ ହେଲା ଆଠଗଡରେ ରକ୍ତଦାନକୁ ଏକ ଆନ୍ଦୋଳନର ରୂପ ଦେଇ ରକ୍ତଦାନ କ୍ଷେତ୍ରରେ ପଥ ପ୍ରଦର୍ଶକ ସାଜିଥିବାରୁ ଏହି କ୍ଲବ ସାଧୁବାଦ ଓ ଧନ୍ୟବାଦ ପାତ୍ର ବୁଲି ଆତିଥିମାନେ ମତବ୍ୟକ୍ତ କରିଥିଲେ । ବରିଷ୍ଠ ସଦସ୍ୟ ଯଶୋବନ୍ତ ବାରିକ ଅତିଥି ପରିଚୟ ପ୍ରଦାନ ଏବଂ ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ସୁଧି ରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଟକ ରେଡକ୍ରସ ରକ୍ତ ଭଣ୍ଡାରର ଡାକ୍ତର ସନତ ସତ୍‌ଯଜିତଙ୍କ ସହ ଅନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ଆଠଗଡ ଷ୍ଟେଟ ବ୍ୟାଙ୍କ ଓ ଉପଖଣ୍ଡ ଡାକ୍ତରଖାନା ରକ୍ତଦାନ ଶିବିର ଆୟୋଜନରେ ସହଯୋଗ କରିଥିଲେ । ଆଠଗଡ ରୋଟାରୀ କ୍ଲବ, ଇନରହ୍ୱିଲ କ୍ଲବ, ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ସଂଘ, ପୌରାଞ୍ଚଳ ବରିଷ୍ଠ ନାଗରିକ ସଂଘ, ଆଠଗଡ ସେବା ଫାଉଣ୍ଡେସନ, ଜଷ୍ଟ ଫର ୟୁ ସେବା ସଂଘ ଏବଂ ଗଡଜାତ ପରିକ୍ରମା ଆଦି ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଗୋପବନ୍ଧୁ ବିଜ୍ଞାନ କଲେଜ, ଗୋପବନ୍ଧୁ ମହିଳା ଡିଗ୍ରୀ କଲେଜ, ଗୋପବନ୍ଧୁ ମହିଳା କନିଷ୍ଠ କଲେଜ ଓ ବିଶ୍ୱନାଥ ବିଦ୍ୟାପୀଠର ଏନସିସି, ଏନଏସଏସ, ଯୁବ ରେଡକ୍ରସର ଛାତ୍ରଛାତ୍ରୀ ଏବଂ ଗ୍ରାଜୁଏଟ୍‌ସ କ୍ଲବର ସମସ୍ତ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ କ୍ଲବର ଉପଦେଷ୍ଟା ଶ୍ୟାମାନନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ଦିତିବାହନ ଓଷା, ବଜାର ଭିଡ଼

ନୂଆପଡା, ୩ ।୧୦(ଅକ୍ଷର ଓଡ଼ିଶା): ଆସନ୍ତା କାଲି ପଶ୍ଚିମ ଓଡ଼ିଶାରେ ମହାନ ପର୍ବ ଦିତିବାହନ ଓଷା ବା ପୁଅ ଜିଉଁନ୍ତିଆ ପାଳନ ହେବ ।ପୁଅ ଝିଅର ମଙ୍ଗଳ କାମନା କରି ମାଆ ମାନେ ଉପବାସ ରହି ଏହି ପୂଜା କରିବେ। ସେଥିପାଇଁ ଆଜି ଜିଉଁତିଆ ବଜାରରେ ଭିଡ ଦେଖା ଜମିଛି ।ବିଭିନ୍ନ ପ୍ରକାର ଫଳ ସହ ଗଛ ଡାଳ, ପଦ୍ମ ଫୁଲ ଓ ରଙ୍ଗବେରଙ୍ଗର ଜିଉଁତିଆ କିଣିବା ପାଇଁ ବ୍ରତ ଧାରିଣୀ ମାନେ ବଜାର ଆସିଥିଲେ । ଆଖୁ,ଚୁଡା ଓ ଖଇ ଆଦି କ୍ରୟ ବିକ୍ରୟ ହୋଇଥିଲା । ଏହି ପୂଜାରେ ଏକୋଇଶି ପ୍ରକାରର ଫୁଲ ଫଳ ଡାଳ ଲାଗୁଥିବାରୁ ସମସ୍ତେ ଏହସବୁ କିଣିଥିଲେ।

ନିଶାମୁକ୍ତ ଗାଁ ଫଳକ ମାରି ନିଶାକୁ ନା କଲେ ରାଇପାହାଡ଼ ଓ ଗଙ୍ଗାଗୁଡ଼ା ଗ୍ରାମବାସୀ

ନନ୍ଦପୁର ୩ ।୧୦ (ଶ୍ରୀରାମ ଖରା): ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତର ଦୁଇ ଗ୍ରାମ ରାଇପାହାଡ ଓ ଗଙ୍ଗାଗୁଡା ଗ୍ରାମବାସୀ ନିଜ ଗ୍ରାମ ପ୍ରବେଶ ପଥରେ ନିଶାମୁକ୍ତ ଗ୍ରାମ ଫଳକ ସ୍ଥାପନ କରି ଗ୍ରାମକୁ ନିଶାମୁକ୍ତ ଗ୍ରାମ ଭାବେ ଘୋଷଣା କରିଛନ୍ତି । ଆଧ୍ୟାତ୍ମିକ ପରିବେଶରେ ଗ୍ରାମବାସୀଙ୍କୁ ନିଶାର ଭୟାବହତା ସମ୍ପର୍କରେ ଦୀର୍ଘ ଦିନହେଲା ସଚେତନ କରି ନିଶାଡିଙ୍କୁ ନିଶା ଠାରୁ ଦୂରେଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ତଥା ବୈଶାଖୀ ପରିବାରକୁ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି ।ସୂଚନା ମୁତାବକ ଏକଦା ଦୁଇ ରାଜ୍ୟ ଆନ୍ଧ୍ର ଓଡିଶା ମଧ୍ୟରେ ବିବାଦୀୟ ସ୍ଥିତି ସୃଷ୍ଟି କରି ଚର୍ଚ୍ଚିତ ଥିବା ରାଇପାହାଡ ଗ୍ରାମ ଶୁକ୍ରବାର ନିଶାମୁକ୍ତ ଗ୍ରାମ ଭାବେ ନନ୍ଦପୁର ଅତିରିକ୍ତ ତହସିଲଦାର ସହ ମିଶି ନିଜ ଗ୍ରାମର ନିଶାମୁକ୍ତ ଘୋଷଣା କରାଯାଇଛି ।



ଘୋଷଣା ହୋଇଛି । ଗ୍ରାମରେ ବସବାସ କରୁଥିବା ୧୬ ପରିବାରର ୭୦ ରୁ ଉର୍ଦ୍ଧ ଗ୍ରାମବାସୀ କେହି ହେଲେ ନିଶା ସେବନ କରୁ ନାହାନ୍ତି । ସେହିଭଳି ଗଙ୍ଗାଗୁଡା ଗ୍ରାମର ୬୦ ପରିବାରର ୩୦୦ ରୁ ଉର୍ଦ୍ଧ ଗ୍ରାମବାସୀ ଏକଜୁଟ ହୋଇ ନିଜ ଗ୍ରାମକୁ ନିଶାମୁକ୍ତ ଗ୍ରାମ ଘୋଷଣା କରିଛନ୍ତି । ଗ୍ରାମବାସୀଙ୍କୁ ନିଶାଠୁ ଦୂରେଇ ରହିବାକୁ ଦୀର୍ଘଦିନ ହେଲା ସଚେତନ କରୁଥିବା ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ତଥା ବୈଶାଖୀ ପରିବାରର କର୍ମକର୍ତ୍ତା, ମାଧବ ପାଙ୍ଗି, ପରଜା ଆଦିବାସୀ ସଂଘର ସଭାପତି ହରିଶ ଚନ୍ଦ୍ର ଖିଲ, ପାଡୁଆ ଥାନାଧିକାରୀ ଚୁନା ପିଡିକା, ଏସଆଇ ସୁରେନ୍ଦ୍ର ସେଠୀ ଗୋଲୁର ପଞ୍ଚାୟତର ସମିତିସଭ୍ୟ ଲକ୍ଷ୍ମୀ ମାଟାମ ପ୍ରମୁଖଙ୍କ ଉପସ୍ଥିତିରେ ଏକ ବର୍ଣ୍ଣାଢ୍ୟ ଉତ୍ସବର ଆୟୋଜନ କରାଯାଇ ଦୁଇ ଗ୍ରାମ ସମ୍ମୁଖରେ ନିଶାମୁକ୍ତ ଗ୍ରାମ ଫଳକ ସ୍ଥାପନ କରାଯାଇଛି । ସମସ୍ତ ଅତିଥି ଗ୍ରାମବାସୀଙ୍କ ଏକମନା ଓ ଉତ୍ସାହ, ସଂସଦର ପ୍ରଚେଷ୍ଟାକୁ ପ୍ରଶଂସା କରିଛନ୍ତି । ଲୋକେ ଅଧିକାରୀଙ୍କ ସଫଳତା ପାରିପାର୍ଶିକ ଗ୍ରାମବାସୀଙ୍କ ସହ ବାଣ୍ଟି ସେମାନଙ୍କୁ ମଦ୍ୟ ନିଶା ଠାରୁ ଦୂରେଇବାକୁ କାର୍ଯ୍ୟ କରିବେ ବୋଲି ଶପଥ ପାଠ କରିଛନ୍ତି । କାର୍ଯ୍ୟକ୍ରମରେ ସ୍ମୃତି ସାହିତ୍ୟ ସଂସଦ ତଥା ବୈଶାଖୀ ପରିବାରର କାର୍ଯ୍ୟକାରୀ ସଭାପତି ଟୁନେଶ ପାତ୍ର, ଉପସଭାପତି ଶତ୍ରୁଘ୍ନ ହିକାବାଡ଼ି, ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, ଯୁଗ୍ମ ସମ୍ପାଦକ ତୁଷାର କାନ୍ତ ମହାନ୍ତି, ଯୋଗଗୁରୁ ଗୋପାଳ ମହାନ୍ତି, ସଦସ୍ୟ, ନିହାର ରଞ୍ଜନ ସାହୁ, କୁନା ଚାଲାଣ, କାମ ମାଟାମ, ରେଲି ସୀସା, ବିରଞ୍ଚି ମାଟାମ ପ୍ରମୁଖଙ୍କ ସମେତ ୭ ଗାଁ ର ସଂକୀର୍ତ୍ତନ ମଣ୍ଡଳୀ, ଦୁଇ ଗ୍ରାମର ସମସ୍ତ ଗ୍ରାମବାସୀ, ପଞ୍ଚାୟତର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ନିଶାମୁକ୍ତ ହୋଇଥିବା ଆଜିର ଦୁଇ ଗ୍ରାମ ସମେତ ସଂସଦ ଅଦ୍ୟାବଧି ୭ ଗ୍ରାମକୁ ଏଭଳି ନିଶାମୁକ୍ତ ଗ୍ରାମ ଘୋଷଣା କରାଯାଇଛି ।

ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

ପୁରୁଷୋତ୍ତମପୁର, ୩ ।୧୦ (ପ୍ରସନ୍ନ କୁମାର ଦାଶ): ପୁରୁଷୋତ୍ତମପୁର ବ୍ଲକ ବୈଠକ ହଲ ପରିସରରେ ବରିଷ୍ଠ ନାଗରିକ ଦିବସ ବି ଏସ ଏସ ଓ କାହ୍ନୁ ଚରଣ ସୋରେନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହିକାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବ୍ଲକଅଧକ୍ଷା ପିଙ୍କି ବେହେରା, ଓ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ବ୍ଲକ ଗୋଷ୍ଠି ଅଧୁକାରୀ ନାୟକ, ବ୍ଲକ ବରିଷ୍ଠ କଳାକାର ସଙ୍ଘର ସଭାପତି ବଳରାମ ପଣ୍ଡା ଓ ମୁଖ୍ୟ ବକ୍ତା ରୂପେ ତାରାତାରିଣୀ ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ ପ୍ରବୀର କେଶରୀ ପ୍ରଧାନ, ମଞ୍ଚାସିନ ଥିଲେ । ବକ୍ତାମାନେ ବରିଷ୍ଠ ନାଗରିକ ମାନେ ସମାଜରେ ପ୍ରେରଣାର ବତୀଘର ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମତପୋଷଣ କରିଛନ୍ତି । ଗୁରୁବାର ଦିନ ବିଶ୍ୱ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ



ସମାଜକୁ ଦିଗ ଦର୍ଶନ ଦେଉଥିବା ବରିଷ୍ଠ ନାଗରିକ ମାନଙ୍କ ଦୀର୍ଘ ଅଭିଜ୍ଞତା ସବୁବେଳେ ଅନୁକରଣୀୟ ବୋଲି ପ୍ରକାଶ କରିଥିଲେ । ଅନ୍ୟ ଅତିଥି ମାନେ ବର୍ତମାନ ସମୟରେ ସନ୍ତାନ ମାନେ ଶ୍ରବଣ କୁମାର ଭଳି ତ୍ୟାଗପୁତ ସେବା କରିବା ଉଚିତ । ଏ ଅବସର ରେ ବରିଷ୍ଠ ନାଗରିକ ମାନଙ୍କୁ ଉପଢୌକନ ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବହୁ ମହିଳା ଓ ବରିଷ୍ଠ ନାଗରିକ ମାନଙ୍କ ସହ ବ୍ଲକର ଷ୍ଟାଫ ମାନେ ଏହିକାର୍ଯ୍ୟ କ୍ରମ ରେ ସହଯୋଗ କରିଥିଲେ ।

ସୁବର୍ଣ୍ଣପୁରରେ ବରିଷ୍ଠ ନାଗରିକ ଦିବସ ପାଳିତ



ସୁବର୍ଣ୍ଣପୁର, ୩ ।୧୦(ସଂଗ୍ରାମ ମହାପାତ୍ର): ସୁବର୍ଣ୍ଣପୁର ଜିଲ୍ଲାର ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ୭ଟାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା । ପରେ ସେମାନଙ୍କର ସାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସଂସ୍କୃତି ଭବନର ସଭାଗୃହରେ ଅନୁଷ୍ଠିତ ସାଧାରଣ ସଭାରେ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ଅଧକ୍ଷତା କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ସୋନପୁର ଉପଜିଲ୍ଲାପାଳ ଡ଼. ସୌମ୍ୟା ରୂପା ରଥ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ । ଶ୍ରୀ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ଉଷାରାଣୀ ଦାସ ବରିଷ୍ଠ ନାଗରିକମାନେ କିପରି ନିଜ ସାସ୍ଥ୍ୟର ଯତ୍ନ ନେବେ, ଦୈନନ୍ଦିନ ଜୀବନରେ ସନ୍ତୁଳନ ବଜାୟ ରଖିବେ ଏବଂ ସେମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁବିଧା ଓ ସେବା ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ପାଇଁ ବିଭିନ୍ନ ଖେଳକୁଦ ଓ ମନୋରଞ୍ଜନମୂଳକ କାର୍ଯ୍ୟକ୍ରମ ସହିତ ଆଲୋଚନା ଓ ଭାବ ବିନିମୟ ଅଧିବେଶନ ଆୟୋଜିତ ହୋଇଥିଲା । ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ଉପହାର ପ୍ରଦାନ କରାଯିବା ସହ ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା ।

ସଭାରେ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ବରିଷ୍ଠ ନାଗରିକମାନଙ୍କ ପ୍ରତି ସମ୍ମାନ ଓ ଯତ୍ନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପିଢ଼ି ମଧ୍ୟରେ ଥିବା ଦୂରତାକୁ ଦୂର କରି ବରିଷ୍ଠ ନାଗରିକମାନଙ୍କୁ ପରିବାର ଓ ସମାଜରେ ଉଚିତ ସମ୍ମାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ ।

ରାମଚନ୍ଦ୍ର ପୁରରେ ଗାନ୍ଧୀ ଜୟନ୍ତୀ ପାଳିତ

ବଲାଙ୍ଗୀର, ୩ ।୧୦: ବଲାଙ୍ଗୀର ଜିଲ୍ଲା ଦେଓଗାଁ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହ ରେ ଗାନ୍ଧୀ ଜୟନ୍ତୀ ପାଳନ ହୋଇଯାଇଛି । ବୈଠକରେ ସରପଞ୍ଚ ଶ୍ରୀମତୀ ପଦ୍ମିନୀ ମିଶ୍ର ସଭାପତିତ୍ୱ କରିଥିଲେ । ଗ୍ରାମସଭା ରେ ଭି, ବି, ଜି, ରାମ. ଜି, ଗ୍ରାମ ଗୁଡିକ ସଚ୍ଛତା ରଖିବା,ଗ୍ରାମ ଗୁଡିକ ରେ ନିଶା ମୁକ୍ତ କରିବା, ବିଦ୍ୟାଳୟ ଭିର୍ତ୍ତୀଭୂମି, କୃଷକମାନେ ଆଗ୍ରୀଷ୍ଟାକ କରିବା, ଫାର୍ମର ଆ ଇ ଡ଼ି, କୃଷକ ଓଡିଶା ପୋର୍ଟାଲ ରେ ରେଜିଷ୍ଟ୍ରସନ କରିବା, ପଡିଆ ରୁ ବଢ଼ିଆ ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକର ସଭ୍ୟାମାନେ ଏକତା ରହି ଠିକ ରୂପେ ସଦୁପଯୋଗ କରିବା ଗ୍ରାମ ଗୁଡିକ ରେ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ଚିହ୍ନଟ କରି ଅଧିବେଶନରେ ଲେଖିବାକୁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଅଙ୍ଗନଓ୍ୱାଡି କର୍ମୀ ସାସ୍ଥ୍ୟ କର୍ମୀ, ରାଜସ୍ୱ ନିରୀକ୍ଷକ ଅଧିକାରୀ, ଗ୍ରାମ୍ୟ କୃଷି ଅଧିକାରୀ, ସଭ୍ୟ ସଭ୍ୟା ୱାର୍ଡ ସଭ୍ୟ ସଭ୍ୟା ବିଦ୍ୟାଳୟ ପରିଚାଳନା କମିଟି ର ସଭ୍ୟ ସଭ୍ୟା ଓ ଲୋକ ଉନ୍ନତି ସଂଗଠନ ର କର୍ମକର୍ତ୍ତା ସୁଶୀଲ ନନ୍ଦ ଉପସ୍ଥିତ ଥିଲେ ।

ବିଭିନ୍ନ ସ୍ଥାନରେ ବିଜେଡିର ଜନ ସମ୍ପର୍କ ପଦ ଯାତ୍ରା



ଅସ୍ତରଙ୍ଗ, ୩ ।୧୦(ଅକ୍ଷର ଓଡ଼ିଶା): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଶୁକ୍ରବାର ଦିନ ତଥା ମହାତ୍ମା ଗାନ୍ଧୀ ଜୟନ୍ତୀରୁ ବିଜେଡିର ପ୍ରଥମ ପର୍ଯ୍ୟାୟ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ବ୍ଲକ୍ ବିଜୁ ଜନତା ଦଳ ସଭାପତି ପଞ୍ଚାନନ ସ୍ୱାଇଁ ଙ୍କ ନେତୃତ୍ୱ ରେ ଅସ୍ତରଙ୍ଗ ମା ଉପୁଲେଇଛକରୁ ଜନ ସମ୍ପର୍କ ପଦ ଯାତ୍ରାର ଏକ ବିରାଟ ମଟର ସାଇକେଲ ପଟୁଆର ବାହାରି କୁହୁଡି ସ୍ଥିତ ଲବଣ ସତ୍ୟାଗ୍ରହ ମହାତ୍ମା ଗାନ୍ଧୀଙ୍କ ସ୍ମୃତି ପୀଠରେ ପହଞ୍ଚି ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତି ମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ରେ ଅସ୍ତରଙ୍ଗ ବଜାର ଦେଇ ଦଳୀୟ କାର୍ଯ୍ୟାଳୟ ରେ ପହଂଚି ଥିଲେ । ଉପୁଲେଇ ଠାରେ ବହୁ ମହିଳା ସଂଗଠନ ଏକତ୍ରିତ ହୋଇ ପୂର୍ବତନ ଗୃହ ରାଷ୍ଟ୍ର ମନ୍ତ୍ରୀ ତଥା ବିଧାୟକ ତୁଷାର କାନ୍ତି ବେହେରା ,ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ ?ାଧୀନ କୁମାର ନାୟକ ପ୍ରମୁଖଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଆଗାମୀ ୨୦୨୭ ପଂଚାୟତ ନିର୍ବାଚନ ପାଇଁ ବିଜେଡି ପୂର୍ବ ସରକାର ସମୟର ସଚ୍ଛତା , ଜନହିତକର ଯୋଜନା ଓ ବିକାଶକୁ ପ୍ରାଧାନ୍ୟ ଦେଇ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ ବ୍ୟକ୍ତିତ୍ୱ ସଫଳ ରାଜନୈତିକ ଯାତ୍ର ପାଇଁ କର୍ମୀମାନଙ୍କ ମଧ୍ୟର ଉତ୍ସାହ ଦେଖିବାକୁ ମିଳିଥିଲା । ଏହି ପଦ ଯାତ୍ରା କାକଟପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ନେତୃତ୍ୱମାନଙ୍କୁ ନେଇ ଯେଉଁ ଭଳି ଭାବେ ସଙ୍ଗଠନକୁ ସୁଦୃଢ କରାଯାଉଛି ତାହା ନବୀନଙ୍କ ନେତୃତ୍ୱ ପ୍ରତି ବଳ ଯୋଗାଉଛି । ଦୁଇ ନେତାଙ୍କ ଭୂମିକାକୁ କର୍ମୀମାନେ ଆଗ୍ରହର ସହିତ ଗ୍ରହଣ କରି ଦୃଢ଼ ସମର୍ଥନ ଦେଉଥିବା ଦେଖିବାକୁ ମିଳୁଛି । ନବୀନଙ୍କ ସଫଳତାର ଶ୍ରେୟ ଯେମିତି ବିଜେଡି କର୍ମୀମାନେ ଭୁଲି ନ ଯାଆନ୍ତି ସେଥିପ୍ରତି ପଞ୍ଚାୟତ ସ୍ତରରେ ଜିଲ୍ଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ସଭ୍ୟା ୱାର୍ଡ ସଭ୍ୟ ସଭ୍ୟା ମାନେ କର୍ମୀମାନଙ୍କ ସହିତ ଯୋଡି ହୋଇ ରହିବାକୁ ଦଳୀୟ ପରାମର୍ଶ ଦିଆଯାଇଛି । ପୂର୍ବ ସରକାର ସମୟରେ ନବୀନଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଓ ଜନସାଧାରଣଙ୍କ ସାର୍ଥ ଜଡ଼ିତ ଜନହିତକାରୀ ପୂର୍ବ ଯୋଜନାକୁ ସଫଳ ରୂପାୟନ ଓ ବିଜେପି ସରକାର ର

ଜଙ୍ଗଲୀ ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ଦେବଗଡ, ୩/୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ କୁରଡପୋଷି ଗ୍ରାମରେ ଜଙ୍ଗଲୀ ବାର୍ହା ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ କୁରଡପୋଷି ଗ୍ରାମର ପରମେଶ୍ୱର ସାହୁଙ୍କ ପୁଅ କଷ୍ଟୁ ସାହୁ (୪୩) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟା ସମୟରେ କଷ୍ଟୁ ସାହୁ ସାଇକେଲ ଯୋଗେ ଗାଁ ମୁଣ୍ଡକୁ ଯାଉଥିବା ବେଳେ ହଠାତ୍ ଏକ ଜଙ୍ଗଲୀ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣରେ ସେ ଗୁରୁତର ଆହତ ହୋଇ ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ନିକଟସ୍ଥ ପଡ଼ୋଶୀମାନେ ଘଟଣାସ୍ଥଳକୁ ଧାଇଁ ଆସିବାରୁ ବାର୍‌ହାଟି ସେଠାରୁ ପଳାଇ ଯାଇଥିଲା।ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମୁଲାନ୍ସ ଯୋଗେ ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ଡାକ୍ତରଖାନାକୁ ନେଇଥିବା ଜଣାପଡ଼ିଛି।

୩ୟ ଓ ୫ମ ବୃତ୍ତି ପରୀକ୍ଷାରେ ୧୪ ଛାତ୍ରଛାତ୍ରୀ ଅନୁପସ୍ଥିତ

ଖଣ୍ଡପଡ଼ା, ୩/୧୦ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ କଲିଲୋସ୍ଥିତ ନୀଳମାଧବ ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ୩ୟ ଓ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୧୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡିଛି। ୩ ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୧୭୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭୪ ଜଣ ପରୀକ୍ଷା ଦେବା ସହ ୪ ଜଣ ଅନୁପସ୍ଥିତ ଥିବା ଜଣାପଡିଛି।ସେହିପରି ୫ ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୧୬୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫୭ ଜଣ ପରୀକ୍ଷା ଦେବା ସହ ୧୦ ଜଣ ଅନୁପସ୍ଥିତ ଥିବା ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ଠାରୁ ପ୍ରକାଶ।ଉକ୍ତ ୨ ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ପରିଚାଳନାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗ କରିଥିବା ବେଳେ ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ ଓ ପ୍ରଦୀପ୍ତ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିବା ଜଣାପଡିଛି।

ଉତ୍କଳ ରେନାଇସାନ୍ସ କ୍ଲବପକ୍ଷରୁ ରକ୍ତଦାନ ଶିବିର

ବୋଲଗଡ଼, ୩/୧୦(ଅକ୍ଷର ଓଡିଶା) ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ସ୍ଥିତ ଅଗ୍ରଣୀ ସେଚ୍ଛାସେବୀ ଉତ୍କଳ ରିନାଇସାନ୍ସ କ୍ଲବ ଓ ସୂର୍ଯ୍ୟପ୍ରଭା ଫାଉଣ୍ଡେସନ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏବଂ ଉତ୍କଳ ରିନାଇସାନ୍ସ କ୍ଲବ ଫାଉଣ୍ଡର ଜିତେଶ ରଞ୍ଜନ ସାହୁଙ୍କ ଆବାହକତ୍ୱରେ ଶନିବାରଦିନ ବୋଲଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ସରସତୀ ଶିଶୁବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଜୀବନ ପାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ବୋଲଗଡ଼ ଥାନା ସବ ଇନ୍‌ସ୍ପେକଟିର ଯଶୋଦା ଦେଇ,ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ରେଡକ୍ରସ ନିର୍ଦ୍ଦେଶକ ଡାକ୍ତର ପ୍ରସନ୍ନ କୁମାର ଦାସ ଓ ସମ୍ମାନିତ ଅତିଥିଭାବେ ସୂର୍ଯ୍ୟ ପ୍ରଭା ଫାଉଣ୍ଡେସନର ଫାଉଣ୍ଡର ପ୍ରିୟଙ୍କା ତ୍ରିପାଠୀ, ଫାଉଣ୍ଡେସନର ସଦସ୍ୟା ପ୍ରଭାତୀ ଲତା ଶତପଥୀ, ସମାଜସେବୀ ତଥା ଯୁବ ବ୍ୟବସାୟୀ ବିନୟ ରାଉତରାୟ, ସମାଜ ସେବୀ ସୁଶ୍ରୀ ସାଗରୀକା ସାଥୁଆ ପ୍ରମୁଖ ଯୋଗଦେଇ ଭାରତ ମାତାଙ୍କ ଫୋଟଚିତ୍ରରେ ପୁଷ୍ପ ଓ ପ୍ରଦୀପ ପ୍ରଜ୍ୱଳନ କରି ଓ ନଡ଼ିଆ ବଡାଇ ଏହାକୁ ଶୁଭ ଉଦଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ଓମ ସାରଦା କାନୁଗୋ ଅତିଥିମାନଙ୍କ ପରିଚୟ ପ୍ରଦାନ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ ରକ୍ତଦାତାଙ୍କୁ ଆୟୋଜକଙ୍କ ତରଫରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

ବିଦ୍ୟୁତ ଆଘାତରେ ଯୁବକ ଗୁରୁତର

କୁଚିଣ୍ଡା, ୩/୧୦ (ଚତୁର୍ଭୁଜ ଜୟପୁରିଆ) : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ମାର୍କେଟ କମ୍ପ୍ଲେକ୍ସରେ ଏକ ଅଭାବନୀୟ ଘଟଣା ଘଟିଛି। ସେଠାରେ ସେଡିଙ୍ଗ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ହେଲେ ସଇଡ଼ା ଗ୍ରାମର ଆଶୀଷ ବାଦୀ (୩୫) ବୋଲି ଜଣାପଡିଛି। ସୂଚନା ଅନୁସାରେ, ମାର୍କେଟ କମ୍ପ୍ଲେକ୍ସ ଛାତ ଉପରେ ସେଡିଙ୍ଗ କାମ ଚାଲିଥିବା ସମୟରେ ଅସାବଧାନତାବଶତଃ ଉପରେ ଯାଇଥିବା ୩୩ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆଶୀଷ ଆସିଯାଇଥିଲେ। ଫଳରେ ସେ ଗୁରୁତର ଭାବେ ଝୁଲି ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଉନ୍ନତ ଚିକିତ୍ସା ପାଇଁ ବୁର୍ଲା ଭିମସାର ସ୍ଥାନାନ୍ତର କରିଛନ୍ତି।

ଶିକ୍ଷକଙ୍କ ପଦୋନ୍ନତି ଓ ବଦଳି: ଅର୍ଦ୍ଧବାର୍ଷିକ ପରୀକ୍ଷା ପୂର୍ବରୁ ଉଠିଲା ପ୍ରଶ୍ନ

କେସିଙ୍ଗା, ୩/୧୦ (ଅକ୍ଷର ଓଡ଼ିଶା): ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନଙ୍କ ପଦୋନ୍ନତି ପରେ ଅନ୍ୟ ସ୍କୁଲକୁ ବଦଳି କରାଯାଇଥିବା ଘଟଣାକୁ ନେଇ ଶିକ୍ଷା ବ୍ୟବସ୍ଥାରେ ଏବେ ବିଭିନ୍ନ ପ୍ରଶ୍ନ ଉଠିଛି। ବିଶେଷକରି ସାମ୍ନାରେ ଥିବା ଅର୍ଦ୍ଧବାର୍ଷିକ ପରୀକ୍ଷା ପୂର୍ବରୁ ଶିକ୍ଷକ ବଦଳି ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା କେତେ ପ୍ରଭାବିତ ହେବ, ତାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ଯେଉଁ ବିଦ୍ୟାଳୟରୁ ଶିକ୍ଷକମାନଙ୍କୁ ପଦୋନ୍ନତି ଦେଇ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଇଛି, ସେଠାରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀରେ ନୂଆ ଶିକ୍ଷକ ନିଯୁକ୍ତ ହୋଇଛନ୍ତି କି ନାହିଁଏହା ଏବେ ମୁଖ୍ୟ ପ୍ରଶ୍ନ ହୋଇଛି। ଅନ୍ୟପଟେ, ଯଦି କୌଣସି ବିଦ୍ୟାଳୟରେ ନୂଆ ଶିକ୍ଷକ ଏପର୍ଯ୍ୟନ୍ତ ଯୋଗ ଦେଇନାହାନ୍ତି, ତେବେ ଛାତ୍ରଛାତ୍ରୀଙ୍କ ଅଧାରୁ ରହିଯାଇଥିବା ପାଠ୍ୟକ୍ରମ କିପରି ସମ୍ପୂର୍ଣ୍ଣ ହେବ ? ନୂଆ ଶିକ୍ଷକ ଯୋଗଦେବା ପରେ ପୂର୍ବରୁ ପଢ଼ାଯାଇଥିବା ପାଠରୁ ଆଗକୁ ପଢ଼ାଇବେ ନା ସମ୍ପୂର୍ଣ୍ଣ ବିଷୟକୁ ପୁଣିଥରେ ଆରମ୍ଭ କରିବେ ? ଏହାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଶିକ୍ଷକ ବଦଳି ଏକ ପ୍ରଶାସନିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ, ଏହାର ପ୍ରଭାବ ସିଧାସଳଖ ଭାବେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ପଡ଼ିବାର ସମ୍ଭାବନା ରହିଛି। ତେଣୁ ଅର୍ଦ୍ଧବାର୍ଷିକ ପରୀକ୍ଷା ପୂର୍ବରୁ ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକ ଶୀଘ୍ର ପୂରଣ କରିବା ସହ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଯେପରି ବ୍ୟାଘାତ ନ ଘଟେ, ସେଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି, ତାହା ସ୍ପଷ୍ଟ କରିବାକୁ ଦାବି ହେଉଛି। ଏବେ ବଡ଼ ପ୍ରଶ୍ନଶିକ୍ଷକଙ୍କ ବଦଳି ସହ ଖାଲି ପଦବୀ ପୂରଣ ହୋଇଛି ତ ? ନା ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଛି ?

- ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ହୋଇଛି କି
- ଅଧାରୁ ପାଠ ପଢ଼ାଇଥିବା ଛାତ୍ରଛାତ୍ରୀଙ୍କ ପଢ଼ା କିପରି ଆଗକୁ ବଢ଼ିବ

ମା' କନକଦୁର୍ଗାଙ୍କ ଷୋଡ଼ଶ ଉପଚାର ପୂଜା



ହିଞ୍ଜିଳିକାଟୁ,୩/୧୦(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳିର ଅଧିଷ୍ଠାତ୍ରୀ ଦେବୀ ମା' କନଦୁର୍ଗାଙ୍କ ପୀଠରେ ଷୋଡଶ ଉପଚାର ପୂଜା ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଛି ।ମନ୍ଦିର ପରିଚାଳନା କମିଟି ପକ୍ଷରୁ ସାଜସଜ୍ଜା ସାଙ୍ଗକୁ ଶ୍ରଦ୍ଧାଳୁ ମାନଙ୍କୁ ଖେଚୁଡ଼ି ଭୋଗ ବିତରଣ କରାଯାଇଥିଲା ସୁନ୍ଦର ମାଧବ ବେଦ କର୍ମକାଣ୍ଡ ଅନୁଷ୍ଠାନର ପଣ୍ଡିତଙ୍କ ଦ୍ୱାରା ପ୍ରତ୍ୟହ ସୂର୍ଯ୍ୟପୂଜା, ସାଲା ପୂଜା, ଘଟପୂଜା,ମଣ୍ଡଳ ପୂଜା,ନୈବେଦ୍ୟ ସଂସ୍କାର,ଷୋଡଶ ଉପଚାର ପୂଜା,ହୋମଯଜ୍ଞ ଓ ଚଣ୍ଡୀପାଠ ହେଉଛି ।ଏହା ଷୋହଳ ଦିନବ୍ୟାପୀ ଚାଲିବ ।ପୂଜା ଆସନ୍ତା ମହାଷ୍ଟମୀରେ ପୂର୍ଣ୍ଣାହୁତି ହେବ ବୋଲି ପଣ୍ଡିତ ଶଙ୍କର୍ଷଣ ପାଠୀ, ଦୀପ୍ତିରଞ୍ଜନ ମହାପାତ୍ର ଓ ପୁରୋହିତ ତପନ କୁମାର ମହାପାତ୍ର କହିଛନ୍ତି ।ସେହିଭଳି ହିଞ୍ଜିଳିକାଟୁ ସହର ନିକଟବର୍ତ୍ତି ନୂଆ ବୁରୁପଡ଼ା ସ୍ଥିତ ମା' ଶ୍ୟାମାଲାଇ ମନ୍ଦିର,ଖରିଡା ସ୍ଥିତ ମା' କରେଇଶୁଣି ସମତେ ବ୍ଲକର ବିଭିନ୍ନ ଦେବୀପୀଠରେ ଷୋଡଶ ଉପଚାର ସହ ନବରାତ୍ର ପୂଜା ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି ।

ଦଳିତ ସମାଜ କଲ୍ୟାଣ ପରିଷଦର ଗାଙ୍ଗପୁର ଠାରେ ଜିଲ୍ଲାସ୍ତରୀୟ ତୃତୀୟ ବାର୍ଷିକ ଉତ୍ସବ

ବେଲଗୁଣ୍ଠା , ୩/୧୦ (ଅକ୍ଷର ଓଡ଼ିଶା): ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ, ଗଞ୍ଜାମ ଜିଲ୍ଲା ଶାଖାର ତୃତୀୟ ବାର୍ଷିକ ଉତ୍ସବ ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁରଠାରେ ଅନୁଷ୍ଠିତ ହୋଇଛି। ଚିନ୍ତାମଣି ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାକୁ ବିଶିଷ୍ଟ ଆଇନଜୀବୀ ବନମାଳୀ ସେଠୀ ଉଦ୍‌ଘାଟନ କରିଥିଲେ। ଛତିଶଗଡ଼ ରାଜ୍ୟ ଦଳିତ ସମାଜ ସଭାପତି ଧ୍ରୁବୀ ସୋନୀ ମୁଖ୍ୟ ଅତିଥି ଏବଂ ଓଡ଼ିଶା ରାଜ୍ୟ ଦଳିତ ସମାଜ ସଭାପତି ଗୋପୀନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଗଞ୍ଜାମ ଜିଲ୍ଲା ଦଳିତ ସମାଜ ସଭାପତି ମନୋରଞ୍ଜନ ନିମାଇଁ, ବ୍ରହ୍ମପୁର ବାର୍ ଆସୋସିଏସନ୍ ସଦସ୍ୟ ପ୍ରଶାନ୍ତ ନାୟକ, ଘୁମୁସର ତାଲୁକା ଦଳିତ ସମାଜ ସଭାପତି ପଞ୍ଚାନନ ନାୟକ, ପାଇଲିପଡ଼ା ମୁଠା ଦଳିତ ସମାଜ ସଭାପତି ପବିତ୍ର ନାୟକ ଓ ସମାଜସେବୀ ଅନୀଲ ନାୟକ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ସୁଧୀର ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରବୀଣ ନାୟକ ଓ କଙ୍ଗରୁ ନାୟକ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ବୈଠକରେ ଦଳିତ ସମାଜର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ୟାଗୁଡ଼ିକୁ ସରକାରଙ୍କ ନିକଟରେ ଦାବି ଆକାରରେ ଉପସ୍ଥାପନ କରିବା ପାଇଁ ସଭାରେ ମତପ୍ରକାଶ ପାଇଥିଲା। ଦଳିତ ଯୁବକଯୁବତୀଙ୍କୁ ମେଡିକାଲ, ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷା କ୍ଷେତ୍ରରେ ମାଗଣା ଶିକ୍ଷାଦାନ ସୁଯୋଗ, ଗୃହହୀନ ଓ ଜମିହୀନଙ୍କୁ ସ୍ଥାୟୀ ପଟ୍ଟା, ଯୋଗ୍ୟତା ଅନୁଯାୟୀ ବେକାର ଯୁବକଯୁବତୀଙ୍କୁ ସରକାରୀ ନିଯୁକ୍ତି ଏବଂ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ନେଇ ଦାବି ଉଠିଥିଲା। ଏଥିସହ ଦଳିତ ସମାଜକୁ ନେଇ କୁତ୍ସିତ ସଂଳାପ ଓ ଆପତ୍ତିଜନକ ନୃତ୍ୟ ପରିବେଷଣ କରୁଥିବା ଲୋକନୃତ୍ୟ/ନାଟ୍ୟ ସଂସ୍ଥା ଗୁଡ଼ିକର ସରକାରୀ ସୀକୃତି ପ୍ରତ୍ୟାହାର ଏବଂ ସମ୍ପୃକ୍ତ କଳାକାରଙ୍କ ଭତ୍ତା ବନ୍ଦ କରିବା ପାଇଁ ସରକାରଙ୍କ ନିକଟରେ ଦାବି ରଖାଯିବାକୁ ସ୍ଥିର ହୋଇଥିଲା। ଶେଷରେ ଘୁମୁସର ସଭାପତି ପଞ୍ଚାନନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

- ଦଳିତ ସମାଜର ବିଭିନ୍ନ ସମସ୍ୟା ଓ ସମାଧାନ ନେଇ ଆଲୋଚନା

ପାରଳା ପୌରପରିଷଦର ସ୍ୱତନ୍ତ୍ର ବୈଠକ




ପାରଳାଖେମୁଣ୍ଡି, ୩/୧୦(ତାରିଣୀ ପ୍ରସାଦ ପଣ୍ଡା): ଆଗାମୀ ଦିନରେ ହେବାକୁ ଥିବା ପୌର ନିର୍ବାଚନ ପୂର୍ବରୁ ପାରଳାଖେମୁଣ୍ଡି ପୌରପରିଷଦର ୱାର୍ଡ ପୁନର୍ଗଠନ ନେଇ ସ୍ୱତନ୍ତ୍ର ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୌରପରିଷଦ ବୈଠକ କକ୍ଷରେ ଅଧକ୍ଷା ନିର୍ମଳା ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ ପାଣିଗ୍ରାହୀ ଯୋଗଦେଇ ୱାର୍ଡ ପୁନର୍ଗଠନ ସମେତ ସହରର ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ୧୬ ଗୋଟି ୱାର୍ଡର ପୁନର୍ଗଠନ ଉପରେ ଆଲୋଚନା ହୋଇଥିଲା। ୱାର୍ଡ ନମ୍ବର ୧, ୭, ୧୨ ଓ ୧୫ରେ ୪ ହଜାରରୁ ଅଧିକ ଭୋଟର ରହିଥିବାରୁ ଜନସଂଖ୍ୟା ଓ ଭୋଟର ସଂଖ୍ୟାର ସନ୍ତୁଳନ ଦୃଷ୍ଟିରୁ ଏହି ୱାର୍ଡ ଗୁଡ଼ିକର ପୁନର୍ବିନ୍ୟାସ କିମ୍ବା ବିଭାଜନ ଆବଶ୍ୟକତା ନେଇ ଆଲୋଚନା ପରେ ଏହାକୁ କାର୍ଯକାରୀ କରିବା ପାଇଁ ବୈଠକରେ ପ୍ରସ୍ତାବ ପାରିତ ହୋଇଛି । ୱାର୍ଡ ଗୁଡ଼ିକରେ ଭୋଟର ସଂଖ୍ୟାର ଅସମାନତା ଦୂର କରିବା ସହ ଭୌଗୋଳିକ ସୀମାକୁ ଦୃଷ୍ଟିରେ ରଖି ପୁନର୍ଗଠନ କରିବା ଉପରେ ଆଲୋଚନା ହୋଇଥିଲା. ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଓ ଉପାଧକ୍ଷଙ୍କ ସମେତ ପ୍ରାୟ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

- ଆଗାମୀ ପୌର ନିର୍ବାଚନରେ ୪ ଗୋଟି ୱାର୍ଡର ପୁର୍ନଗଠନ ପାଇଁ ପ୍ରସ୍ତାବ ପାରିତ

ଏସ୍‌ଆଇଆର୍-୨୦୨୬ ପରେ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ସାମିଲ ପାଇଁ କଳାହାଣ୍ଡିରେ ସ୍ୱତନ୍ତ୍ର ଅଭିଯାନ

କଳାହାଣ୍ଡି, ୦୩ /୧୦(ଅକ୍ଷର ଓଡିଶା) ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଏସ୍‌ଆଇଆର୍-୨୦୨୬ (Special Intensive Revision-2026) ପ୍ରକ୍ରିୟା ସମାପ୍ତ ହୋଇଛି। ଏସ୍‌ଆଇଆର୍-୨୦୨୬ ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରିନଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଭାବେ ଭୋଟ ଦେବାକୁ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାରେ ଏକ ସତନ୍ତ୍ର ଅଭିଯାନ (Special Drive) ଆରମ୍ଭ କରାଯିବ। ଏହି ସତନ୍ତ୍ର ଅଭିଯାନରେ ବୁଥ୍‌ସ୍ତରୀୟ ଅଧିକାରୀ (BLO) ମାନେ ନିଜ ନିଜ ଅଞ୍ଚଳରେ ଘରକୁ ଘର ପରିଦର୍ଶନ (House-to-House Visit) କରି ଏସ୍‌ଆଇଆର୍-୨୦୨୬ ପରେ ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ନାଗରିକମାନଙ୍କୁ ଚିହ୍ନଟ କରିବେ। ବର୍ତ୍ତମାନର ଭୋଟର ତାଲିକାକୁ SIR ପୂର୍ବରୁ ପ୍ରସ୍ତୁତ ନିର୍ବାଚନୀ ରୋଲ୍ ସହ ତୁଳନା କରି ତାଲିକାରେ ନଥିବା ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରାଯିବ।

ଏହି ଅଭିଯାନରେ ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯୋଗ୍ୟ ଯୁବକ-ଯୁବତୀ, ବିଶେଷକରି ୧୮ ବର୍ଷ ବୟସ ପୂରଣ କରିଥିବା ନାଗରିକଙ୍କ ପଞ୍ଜୀକରଣ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯିବ। ଯୋଗ୍ୟ ଭୋଟରମାନଙ୍କୁ ଫର୍ମ-୬ ପୂରଣ ଓ ଦାଖଲ କରିବାରେ BLOମାନେ ଆବଶ୍ୟକ ସହଯୋଗ ପ୍ରଦାନ କରିବେ। ଏଥିସହିତ ସ୍ଥାନାନ୍ତରିତ ବ୍ୟକ୍ତି, ଶ୍ରମିକ, ରାତ୍ରି ଆଶ୍ରୟସ୍ଥଳରେ ରହୁଥିବା ବ୍ୟକ୍ତି, ଗୃହହୀନ ଓ ଅନ୍ୟାନ୍ୟ ଅବହେଳିତ ବର୍ଗର ଯୋଗ୍ୟ ନାଗରିକମାନଙ୍କୁ ଚିହ୍ନଟ କରି ଭୋଟର ତାଲିକାରେ ସାମିଲ କରିବା ପାଇଁ ଆବଶ୍ୟକ ସ୍ଥଳରେ ସତନ୍ତ୍ର ଶିବିର ଆୟୋଜନ କରାଯିବ।



BLOମାନଙ୍କ ଦ୍ୱାରା ପ୍ରସ୍ତୁତ ଯୋଗ୍ୟ ଭୋଟରଙ୍କ ତାଲିକା ଏବଂ ଦାଖଲ ହୋଇଥିବା ଫର୍ମ-୬ ସହ ଆବଶ୍ୟକ ଯାଞ୍ଚ ରିପୋର୍ଟ ସମ୍ପୃକ୍ତ ଞ୍ଜନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯିବ। ଏହା ସହିତ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳମାନଙ୍କ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ସହ ଆବଶ୍ୟକ ତାଲିକା ଅଂଶୀଦାର କରାଯିବ। ଜିଲ୍ଲାରେ ଏହି ସତନ୍ତ୍ର ଅଭିଯାନର ପ୍ରଗତିକୁ ଜିଲ୍ଲା ନିର୍ବାଚନ ଅଧିକାରୀ ଓ EROଙ୍କ ସ୍ତରରେ ନିୟମିତ ଭାବେ ସମୀକ୍ଷା ଓ ନିରୀକ୍ଷଣ କରାଯିବ। ଭୋଟର ତାଲିକାରେ କୌଣସି ଯୋଗ୍ୟ ନାଗରିକ ବାଦ ପଡ଼ିନଯାଆନ୍ତୁ, ଏହା ସୁନିଶ୍ଚିତ କରିବାକୁ BLOମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଯୋଗ୍ୟ ନାଗରିକଙ୍କୁ SIR-୨୦୨୬ ପରେ ପ୍ରକାଶିତ ଭୋଟର ତାଲିକାରେ ନିଜ ନାମ ଯାଞ୍ଚ କରିବାକୁ ଏବଂ ନାମ ନଥିଲେ ନିଜ ଅଞ୍ଚଳର BLOଙ୍କ ସହ ଯୋଗାଯୋଗ କରି ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ କରାଇବାକୁ ଅନୁରୋଧ କରାଯାଇଛି।

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ତରଫରୁ ଜନଶିକ୍ଷଣ କାର୍ଯ୍ୟକ୍ରମ

କଟକ ସଦର, ୦୩/୧୦ (ଅକ୍ଷର ଓଡ଼ିଶା) : ସେବା ସଂକଳ୍ପ ଖଦି ମହୋତ୍ସବ -୨

କେନ୍ଦୁଝର

ରବିବାର ୦୪।୧୦।୨୦୨୬
ଅକ୍ଷୟ
AKHYARA ODISHA ଓଡ଼ିଶା

ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

କେନ୍ଦୁଝର ସଦର ୦୩/୧୦ (ମନୋଜ କୁମାର ପଟେଲ) କେନ୍ଦୁଝର ସହର ଜେଲରୋଡସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡଠାରେ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଉକ୍ତ



ଉତ୍ସବ ପ୍ରାରମ୍ଭରେ ଶିଶୁଙ୍କ ଦ୍ୱାରା ପ୍ରଭାତ ଫେରି କରାଯିବା ସହିତ ବିଦ୍ୟାଳୟରେ ଶିଶୁଙ୍କୁ ନେଇ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା । ବିଦ୍ୟାଳୟରେ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ତତ୍ପରେ ଆୟୋଜିତ ସଭାରେ ଅତିଥି ଭାବରେ ବରିଷ୍ଠ ଆଚାର୍ଯ୍ୟ ଦେବାଶିଷ ସାମଲ, ଧ୍ରୁବ ପ୍ରସାଦ ମହାନ୍ତ, ଚନ୍ଦ୍ରକାନ୍ତ ସାମନ୍ତ ଓ ହୃଷିକେଶ ମହାନ୍ତ ଉପସ୍ଥିତ ରହି ଗାନ୍ଧି ଏବଂ ଶାସ୍ତ୍ରୀଙ୍କ ବିଷୟରେ ଛାତ୍ରମାନଙ୍କୁ ପ୍ରେରଣାପଦ ଓ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରେ ଗାନ୍ଧିଜୀଙ୍କ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶିତ ହେବା ସହିତ ସ୍ୱଚ୍ଛ ଭାରତ ନିମନ୍ତେ ଶିଶୁଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।

ଦୁର୍ଗାପୀଠରେ ଷୋଡ଼ଶ ଦିବସ ବ୍ୟାପି ଶାରଦୀୟ ଦୁର୍ଗାପୂଜା ଆରମ୍ଭ

କେନ୍ଦୁଝର:୦୩/୧୦(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝରଗଡ଼ ସହରର ସରକାରୀ ବସଷ୍ଟାଣ୍ଡ ନିକଟ ଦୁର୍ଗାବଜାରଠାରେ ରହିଥିବା ବହୁ ପ୍ରାଚୀନ ଓ ପ୍ରସିଦ୍ଧ ଦୁର୍ଗାପୀଠରେ ମା' ଦୁର୍ଗତିନାଶିନୀଙ୍କ ଷୋଡଶ ଦ୍ୱିସ ବ୍ୟାପି ଶାରଦୀୟ ଦୁର୍ଗାପୂଜା ପାଇଁ ସମସ୍ତ ପ୍ରସ୍ତୁତିକାର୍ଯ୍ୟ ଶେଷହୋଇ ଆଜି ଶ୍ରୀ ଶ୍ରୀ ଦୁର୍ଗାଦେବ୍ୟୈଃ ଉତଥାପନ, ସହସ୍ର କୁମ୍ଭାଭିଷେକ, ଷୋଡ଼ଶ ଦିନାତ୍ମକ ପୂଜାରମ୍ଭ, ମୂଳାଷ୍ଟମୀ, ଚଣ୍ଡୀପାଠ, ଅଷ୍ଟୋତ୍ତର ଶତନାମ, ଆରତୀ ଏ୍ୱଂ ପୁଷ୍ପାଞ୍ଜଳି ପ୍ରଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଷୋଡ଼ଶ ଦ୍ୱିସ ବ୍ୟାପି ଶାରଦୀୟ ଦୁର୍ଗାପୂଜାରେ କର୍ତ୍ତାଭାବେ କ୍ଷୀରୋଦ କୁମାର ରାଉତ ଏବଂ ତାଙ୍କ ସହଧର୍ମିଣୀ ବୈଜୟନ୍ତୀ ରାଉତ ଦାୟିତ୍ୱ ନିର୍ବାହ କରୁଛନ୍ତି ।କେନ୍ଦୁଝରଗଡ଼ ସହରରେ ମା' ଦୁର୍ଗତିନାଶିନୀଙ୍କ ପୂଜା ମଣ୍ଡପ ଗୁଡିକରେ ଷଷ୍ଠୀ ଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହେଉଥିବା ବେଳେ, ସହରର ଦୁର୍ଗାବଜାରସ୍ଥିତ ଦୁର୍ଗା ମଣ୍ଡପରେ ଷୋଡ଼ଶ ଦିନ ବ୍ୟାପି ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଥାଏ । ସେହିଭଳି ଚଳିତ ବର୍ଷ ଅକ୍ଟୋବର ୩ ତାରିଖ ଠାରୁ ମା'ଙ୍କ ନବରାତ୍ରୀ ଆରମ୍ଭ ହେଉଥିବାରୁ ସହରର ଦୁର୍ଗାପୀଠରେ ଆଜି ଅଧିବାସ ପୂଜା



ଆରମ୍ଭ ହୋଇଯାଇଛି ।ଆଜି ପ୍ରତ୍ୟୁଷରୁ ଅଧିବାସ ପୂଜାରମ୍ଭ ହୋଇଥିବା ବେଳେ ଆସନ୍ତା ୪ ତାରିଖ ରବିବାର ଠାରୁ ବିଧିମତେ ନବରାତ୍ର ପୂଜା ଅନୁଷ୍ଠିତ ହୋଇ ଆଗାମୀ ଅକ୍ଟୋବର ୧୦ ତାରିଖ ବିଜୟା ଦଶମୀରେ କୁମାରୀ ପୂଜା, ଦଶହରା, ଅପରାଜିତା ପୂଜା, ଆୟୁଧ ପୂଜା,ବିଜୟ ପ୍ୱି ଆଦି କର୍ମକାଣ୍ଡ ବିଧିମତେ ଅନୁଷ୍ଠିତ ହୋଇ ଦିନାତ୍ମକ ପୂଜାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବାର ସୂଚନା ଦୁର୍ଗା ମନ୍ଦିର ପରିଚାଳନା କମିଟିର ଉପ ସଭାପତି ଆଚାର୍ଯ୍ୟ ରବୀନ୍ଦ୍ର ନାଥ ନନ୍ଦ ସୂଚନା ଦେଇଛନ୍ତି ।ଏହି ଷୋଡ଼ଶ ଦିବସୀୟ ପୂଜାକାର୍ଯ୍ୟ ପ୍ରଖ୍ୟାତ ଜ୍ୟୋତିର୍ବିଦ, ବାସ୍ତୁବିତ ତଥା ପ୍ରାଚୀନ ବିଦ୍ୟା ଗବେଷକ ପଣ୍ଡିତ ସୁରେନ୍ଦ୍ର ପ୍ରାସାଦ ପାଣି, ପୁସ୍ତକାଚାର୍ଯ୍ୟ ପଣ୍ଡିତ ରାଜ କିଶୋର ମିଶ୍ର, ପଣ୍ଡିତ ଧ୍ରୁଯୋଟି ଦାଶ, ଦୁର୍ଗାପୀଠର ପୂଜକ ପଣ୍ଡିତ ଭାସ୍କର ପଣ୍ଡା, ପୂଜକ ପଣ୍ଡିତ ଉମାକାନ୍ତ ପାତ୍ର, ସହଯୋଗୀ ଦୁର୍ଗା ବାରିକ ଏବଂ ମାଳି ରଞ୍ଜନ କୁମାର ରଣାଙ୍କ ଦ୍ୱାରା ସମ୍ପନ୍ନ ହେବାକୁ ସ୍ଥିରୀକୃତ ହେବାକୁ ଥିବାବେଳେ, ମନ୍ଦିର ପରିଚାଳନା କମିଟିର ସଭାପତି ସୋମନାଥ ଚାଉଡାଙ୍କ ନେତୃତ୍ୱରେ ଉପସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ନନ୍ଦ, ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି, ସହ ସମ୍ପାଦକ ସୁରଥ ଚନ୍ଦ୍ର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଅନିଲ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ଶିବ ପ୍ରାସାଦ ବାରିକ ଏବଂ ମନ୍ଦିର ପରିଚାଳନା କମିଟିର ସଦସ୍ୟବୃନ୍ଦଙ୍କ ଉଦ୍ୟମରେ ସଫଳ ରୂପାୟନ ହେବାର ଶ୍ରୁସ୍ଥା ହୋଇଛି । ଉକ୍ତ ଷୋଡ଼ଶ ଦିବସୀୟ ଶାରଦୀୟ ଦୁର୍ଗାପୂଜାରେ ପ୍ରତହ୍ୟ ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ପ୍ରାସାଦ ବଣ୍ଟନ ବ୍ୟବସ୍ଥା ସହ ପ୍ରତିଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି ।

ମା' ଦୁର୍ଗାଙ୍କ ଆଗମନ ପୂର୍ବରୁ ଯାଞ୍ଚ କଡାକଡି କଲା ବଡ଼ବିଲ ପୋଲିସ



ବଡ଼ବିଲ:୦୩/୧୦(ଦିଲ୍ଲୀପ କୁମାର ସାହୁ) – ଆଗକୁ ଶାରଦୀୟ ଦୁର୍ଗାପୂଜା ଓ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ବଡ଼ବିଲ ପୋଲିସ ପକ୍ଷରୁ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ସହ ଯାନବାହନ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି । ଏହି କ୍ରମରେ ଗତ ଗୁରୁବାର ଦିନ ବଡ଼ବିଲ ଥାନା ଅନ୍ତର୍ଗତ କିରିବୁରୁ ଛକ ନିକଟରେ ଯାତାୟାତ କରୁଥିବା ଯାନବାହନ ଗୁଡ଼ିକର ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳିଛି । ପାର୍ବଣ ସମୟରେ ବଡ଼ବିଲ ସହର ତଥା ଏହାର ଆଖପାଖ ଅଞ୍ଚଳରେ ଲୋକଙ୍କ ଯାତାୟାତ ଓ ଯାନବାହନ ଚଳାଚଳ ବଢ଼ିବାର ସମ୍ଭାବନା ରହିଥାଏ । ଏହାକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ଓ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଲକ୍ଷରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି ।ପ୍ରାପ୍ତ ସୂଚନାନୁଯାୟୀ, ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ଼ବିଲ ପୋଲିସ ପକ୍ଷରୁ କିରିବୁରୁ ଛକ ନିକଟରେ ଯାନବାହନ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ରାସ୍ତା ଦେଇ ଯାତାୟାତ କରୁଥିବା ବିଭିନ୍ନ ଯାନବାହନକୁ ଅଟକାଇ ଆବଶ୍ୟକୀୟ କାଗଜପତ୍ର ଓ ଯାତାୟାତ ନିୟମ ପାଳନ ସମ୍ପର୍କରେ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି । ପାର୍ବଣ ସମୟରେ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାସହ ସାଧାରଣ ଲୋକଙ୍କ ସୁରକ୍ଷିତ ଯାତାୟାତ ନିଶ୍ଚିତ କରିବା ଦିଗରେ ପୋଲିସର ଏଭଳି ଯାଞ୍ଚ ଜାରି ରହିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି । ପାର୍ବଣ ଋତୁରେ ଯାନବାହନ ଚଳାଚଳ ବୃଦ୍ଧି ପୁପାଉଥିବାରୁ ଚାଳକମାନେ ଟ୍ରାଫିକ ନିୟମ ପାଳନ କରିବା ସହ ଆବଶ୍ୟକୀୟ କାଗଜପତ୍ର ସାଙ୍ଗରେ ରଖିବାକୁ ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି । ଆଗାମୀ ଦିନରେ ମଧ୍ୟ ବଡ଼ବିଲ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଏଭଳି ଯାନବାହନ ଯାଞ୍ଚ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

ଜୁଙ୍ଗା ଗ୍ରାମ ପଞ୍ଚାୟତରେ ବିଶେଷ ଗ୍ରାମ ସଭା

VB-G RAM G ଓ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ନେଇ ବିକାଶର ନୂଆ ଦିଗ ଉପରେ ଆଲୋଚନା

ହରିଚନ୍ଦନପୁର, ୦୩/୧୦: (ଶୂନ୍ୟରଞ୍ଜନ ଘଣା)ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜୁଙ୍ଗା ଗ୍ରାମ ପଞ୍ଚାୟତ ସଭାଗୃହରେ ଏକ ବିଶେଷ ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି । ଅଧିନିୟମ-୨୦୨୫, ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ଏବଂ 'ସୁଧାର ଉତ୍ସବ'ଅକୁ ନେଇ ଗ୍ରାମର ବିକାଶ ଓ ରୋଜଗାର ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା ।

ଜୁଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ହେମଲତା ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପିଇଓ ପ୍ରକାଶ ଚନ୍ଦ୍ର ସାହୁ, ଏଡିଇଓ ରସାନନ୍ଦ ମହାନ୍ତ, ଗାଁ ସାଥୀ ସଂଘର ହରିଚନ୍ଦନପୁର ବ୍ଲକ ସଭାପତି ମନୋଜ କୁମାର ପଟେଲ, ଜଙ୍ଗିରା ମଣ୍ଡଳ ସଭାପତି ହୀରାଲାଲ ମହାନ୍ତ, ଏମ୍‌ବିକେ ପୂଜା ବେହେରା, ଆଁଆଁଓ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଜୟ କୁମାର ସାହୁ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସ୍ତୁତି ରଞ୍ଜନ ବେହେରା ଏବଂ ଆସ୍ଥାର୍ଯ୍ୟା ସ୍ୱେଚ୍ଛାସେବୀ ସୁରେଶ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ ।ପ୍ରଥମେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କ ସ୍ମୃତିଚାରଣ କରାଯାଇଥିଲା । ବକ୍ତାମାନେ ଗାନ୍ଧୀଜୀଙ୍କ ସତ୍ୟ, ଅହଂସା, ସ୍ୱଚ୍ଛତା ଓ ଗ୍ରାମ ସ୍ୱରାଜର ଆଦର୍ଶ ସହ ଶାସ୍ତ୍ରୀଜୀଙ୍କ ସରଳତା ଓ ଦେଶସେବାର ଆଦର୍ଶକୁ ମନେ ପକାଇଥିଲେ। ଉପରେ ମନୋଜ କୁମାର ପଟେଲ ସଭାରେ ବିକଶିତ ଭାରତ–ଗ୍ରାମୀଣ ରୋଜଗାର ଏବଂ ଆଜୀବିକା ପାଇଁ



ଗ୍ୟାରେଣ୍ଟି ମିଶନ ଅଧିନିୟମ-୨୦୨୫ ସମ୍ପର୍କରେ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଏହି ଅଧିନିୟମ ଅନୁଯାୟୀ ଯୋଗ୍ୟ ଗ୍ରାମୀଣ ପରିବାର ପାଇଁ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ମଜୁରି ଭିତ୍ତିକ ରୋଜଗାରର ବୈଧାନିକ ଗ୍ୟାରେଣ୍ଟି ରହିଛି । ଏଥିସହ ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି, ଆଜୀବିକା ସମ୍ପତ୍ତି ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବ ହ୍ରାସ ଭଳି କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି ।ଗ୍ରାମ ସଭା ଆଧାରିତ ଯୋଜନା ପ୍ରସ୍ତୁତି, ସ୍ଥାୟୀ ସମ୍ପତ୍ତି ସୃଷ୍ଟି, ଡିଜିଟାଲ ନିରୀକ୍ଷଣ, ପାରଦର୍ଶୀ ଦେୟ ବ୍ୟବସ୍ଥା ଏବଂ ଗ୍ରାମୀଣ ପରିବାରର ଆଜୀବିକା ସୁଦୃଢ଼ୀକରଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଓଡ଼ିଶାରେ ଏହି ଯୋଜନା ୧ ଜୁଲାଇ ୨୦୨୬ରୁ କାର୍ଯ୍ୟକାରୀ ହୋଇଥିବା ସରକାରୀ ସୂଚନାରେ ଉଲ୍ଲେଖ ରହିଛି । ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ଉପରେ ଗୁରୁତ୍ୱଗ୍ରାମର ସମଗ୍ର ବିକାଶ ପାଇଁ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ମାଧ୍ୟମରେ ଗ୍ରାମବାସୀଙ୍କ ମତାମତ ଓ ପ୍ରାଥମିକତାକୁ ଯୋଜନା ପ୍ରସ୍ତୁତିରେ ସାମିଲ କରିବା ଉପରେ ଆଲୋଚନା ହୋଇଥିଲା। ସଡ଼କ, ପାନୀୟ ଜଳ, ସ୍ୱଚ୍ଛତା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ଆବାସ, ଜଳ ସଂରକ୍ଷଣ ଓ ଆଜୀବିକାମୁଖୀ କାର୍ଯ୍ୟ ଆଦିକୁ ଗ୍ରାମର ଆବଶ୍ୟକତା ଅନୁଯାୟୀ ପ୍ରାଥମିକତା ଦେବା ନେଇ ମତ ପ୍ରକାଶ ପାଇଥିଲା। ସରକାରୀ ଢାଞ୍ଚାରେ ଠଏଚଚକୁ ଗ୍ରାମ ପଞ୍ଚାୟତର ଆବଶ୍ୟକତା ଓ ବିଭିନ୍ନ ଯୋଜନାର ଅଭିସରଣ ଆଧାରିତ ଯୋଜନା ସହ ଯୋଡ଼ାଯାଇଛି ।ବିଭିନ୍ନ ପ୍ରକଳ୍ପ ପ୍ରସ୍ତାବ ପାରିତଗ୍ରାମ ସଭାରେ ଅଧୀନରେ ଗ୍ରାମର ଆବଶ୍ୟକତା ଓ ପ୍ରାଥମିକତା ଆଧାରରେ ବିଭିନ୍ନ ପ୍ରକଳ୍ପ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସେଗୁଡ଼ିକୁ ପାରିତ କରାଯାଇଥିଲା। ଗ୍ରାମବାସୀଙ୍କ ସକ୍ରିୟ ଭାଗିଦାରି ମାଧ୍ୟମରେ "ଆମ ଗ୍ରାମ–ଆମର ଯୋଜନା, ସମସ୍ତଙ୍କ ଯୋଜନା–ସମସ୍ତଙ୍କ ବିକାଶ" ଲକ୍ଷ୍ୟ ନେଇ ଆଗକୁ ବଢ଼ିବାକୁ ସଭାରେ ଆହ୍ୱାନ ଦିଆଯାଇଥିଲା। ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ମୁକ୍ତ ପଞ୍ଚାୟତ ଗଠନ ପାଇଁ ସମସ୍ତ ଙ୍କ ର ସହଯୋଗ କାମନା କରିଥିଲେ ।ଶେଷରେ ଗ୍ରାମର ବିକାଶ କାର୍ଯ୍ୟରେ ସମସ୍ତ ଗ୍ରାମବାସୀଙ୍କ ସହଯୋଗ ଓ ଭାଗିଦାରି ରହିଲେ ଏକ ସଶକ୍ତ, ସମୃଦ୍ଧ ଓ ଆତ୍ମନିର୍ଭର ଗ୍ରାମ ଗଠନ ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା।

ଚମ୍ପୁଆର ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ପାଳିତ

ଚମ୍ପୁଆ,୦୩।୧୦: (ରାମକୃଷ୍ଣ ଜିତ):-ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଚମ୍ପୁଆ ଗାନ୍ଧୀ ଛକଠାରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପ୍ରାତଃ ସମୟରେ ଗୁରୁବକ୍ସ ସିଂ ଆହଲୁୱାଲିଆଙ୍କ ନେତୃତ୍ୱରେ ଗାନ୍ଧୀଜୟନ୍ତୀ ପାଳିତ ହୋଇଥିଲା । ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେପରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ବିଦ୍ୟାଳୟ ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ଗାନ୍ଧୀ ଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, କଚେରୀ ଛକ ଆଦି ସ୍ଥାନରେ ଥିବା ମହାପୁରୁଷ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶେଷରେ ବିଦ୍ୟାଳୟ ପରିସରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ବିଦ୍ୟାଳୟ ପରିସରରେ ସଭାକକ୍ଷଠାରେ ଏକ ସାଧାରରଣ ସଭାର ଆୟୋଜନ କରାଯାଇଥିଲା



। ଏଥିରେ ମୁଖ୍ୟଅତିଥି ଭାବେ ଆଚାର୍ଯ୍ୟ ଯୁଧିଷ୍ଠିର ମହାନ୍ତ ଯୋଗଦାନ କରି ଗାନ୍ଧୀଜୀଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟ ପ୍ରଦ୍ୟୁମ୍ନ କୁମାର ସାହୁ ଶାସ୍ତ୍ରୀଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ, ସ୍ୱରୂପ ଚନ୍ଦ୍ର ବାରିକ, ଚିତ୍ତରଞ୍ଜନ ମହାନ୍ତ, ସତ୍ୟଜିତ ପ୍ରଧାନ, ସରୋଜ କୁମାର ପାତ୍ର, ସୁଶାନ୍ତ ଗିରି, ଝାଡେଶ୍ୱର ଆରୁକ, ରବିନ କୁମାର ମହାନ୍ତ, ପ୍ରିୟଦର୍ଶିନୀ ଗିରି, ସାରଳା ପ୍ରଧାନ, ଅନିତା ପାତ୍ର, ନମିତା ଗିରି, ଓମ ପ୍ରଭା ପ୍ରଧାନ, ଲକ୍ଷ୍ମୀକୁମାରୀ ପ୍ରଧାନ, ରଙ୍ଗଲତା କର ପ୍ରମୁଖ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ ।

କଲେଜ ଛାତ୍ରୀଙ୍କୁ ବଳାତ୍କାର ସମ୍ପୃକ୍ତ ଯୁବକ ଅଟକ

ହାଟଡିହି: ୩/୧୦ (ଅମୀୟ ବରାଳ)– କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ଅଞ୍ଚଳରେ ଜଣେ ଯୁକ୍ତ-୩ କଲେଜ ଛାତ୍ରୀଙ୍କୁ ଲଜ୍‌ରେ ବଳାତ୍କାର କରାଯାଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି । ଏହି ମାମଲାରେ ସୋସୋ ଥାନା ରୁଜୁ କରି ମୁଣ୍ଡୁକାଟି ଗ୍ରାମର ଅଭିଯୁକ୍ତ ରଞ୍ଜନ ସେଠୀ (୨୯)ଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି ।ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଯୁବକ ଜଣକ ଅତିରଂଜିତ ବାହାନା କରି, ପୀଡ଼ିତାଙ୍କୁ ଏକ ଲଜକୁ ଡାକିବା ପରେ , ଛାତ୍ରୀଙ୍କ ବିରୋଧ ସତ୍ତ୍ୱେ ତାଙ୍କ ସହ ବଳପୂର୍ବକ ବଳାତ୍କାର କରିଥିଲେ । ଛାତ୍ରୀ ଜଣକ ଆନନ୍ଦପୁର ଶାଳପଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ ବୋଲି ଜଣାପଡ଼ିଛି । ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଘର ପାଖାପାଖି ଅଞ୍ଚଳରେ। ପୋଲିସ ଆଇନଗତ ପ୍ରକ୍ରିୟା ଅନୁଯାୟୀ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ପରେ ଘଟଣାର ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ କରାଯିବ । ଏପରି ଏକ ଲଜ୍ୟାଶୀଳା ପକ୍ଷେ, ଯାହାକି ଯୁବପିଢ଼ୀଙ୍କ ମନରେ ଅନେକ ଆଲୋଚନାର ବିଷୟ ହୋଇଛି ।

କୁଟାରିପୋଷୀରେ 'ଡିଏମଏଫ୍ ଉଦ୍ୟମୀ' ଓ ଏଣ୍ଟରପ୍ରାଇଜେସ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ଉଦ୍ୟୋଗୀତା ସଚେତନତା

ଚମ୍ପୁଆ :- ୩/୧୦(ରାମକୃଷ୍ଣ ଜିତ):- କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ କୁଟାରିପୋଷୀ ଗ୍ରାମ ପଞ୍ଚାୟତ ପରିସର ରେ ଡିଏମଏଫ୍ ଉଦ୍ୟମ 'ଏବଂ ଏଣ୍ଟରପ୍ରାଇଜେସ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ମିଳିତ ପ୍ରସାରରେ ଏକ ବ୍ୟାପକ ଉଦ୍ୟୋଗୀତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳର ଯୁବକ-ଯୁବତୀ, ମହିଳା ଏବଂ ଆଗ୍ରହୀ ଉଦ୍ୟମୀମାନଙ୍କୁ ନିଜସ୍ୱ ବ୍ୟବସାୟ ଆରମ୍ଭ କରିବା, ଆତ୍ମନିର୍ଭରତା ହାସଲ କରିବା ଏବଂ ନିଜ ଅଞ୍ଚଳରେ ରୋଜଗାର ସୃଷ୍ଟି କରିବା ଦିଗରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ କୁଟାରିପୋଷୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଜୟରାମ ଚାଡାର ମୁଖ୍ୟ ଅତିଥି ଭ

ଜଙ୍ଗଲୀ ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ଦେବଗଡ,୩।୧୦(ଅକ୍ଷର ଓଡ଼ିଶା):ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ କୁରଡପୋଷି ଗ୍ରାମରେ ଜଙ୍ଗଲୀ ବାର୍‌ହା ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ କୁରଡପୋଷି ଗ୍ରାମର ପରମେଶ୍ୱର ସାହୁଙ୍କ ପୁଅ କଷ୍ଟୁ ସାହୁ (୪୩) ବୋଲି ଜଣାପଡ଼ିଛି।ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟା ସମୟରେ କଷ୍ଟୁ ସାହୁ ସାଇକେଲ ଯୋଗେ ଗାଁ ମୁଣ୍ଡକୁ ଯାଉଥିବା ବେଳେ ହଠାତ୍ ଏକ ଜଙ୍ଗଲୀ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣରେ ସେ ଗୁରୁତର ଆହତ ହୋଇ ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ନିକଟସ୍ଥ ପଡ଼ୋଶୀମାନେ ଘଟଣାସ୍ଥଳକୁ ଧାଇଁ ଆସିବାରୁ ବାର୍‌ହାଟି ସେଠାରୁ ପଳାଇ ଯାଇଥିଲା।ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ଡାକ୍ତରଖାନାକୁ ନେଇଥିବା ଜଣାପଡ଼ିଛି।

ଛାତ୍ରଛାତ୍ରୀଙ୍କୁ ଦିଆଯାଉଛି ଅତ୍ୟନ୍ତ ଅରୁଚିକର ମଧ୍ୟାହ୍ନଭୋଜନ ଖାଦ୍ୟ
ଅଭିଭାବକ ମହଲରେ ଅସନ୍ତୋଷ

ନିଶ୍ଚିନ୍ତକୋଇଲି ୦୩/୧୦(ଅକ୍ଷର ଓଡ଼ିଶା)- ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅତ୍ୟନ୍ତ ଅରୁଚିକର ଓ ନିମ୍ନମାନର ମଧ୍ୟାହ୍ନ ଭୋଜନ ଖାଦ୍ୟ ଦିଆଯାଉଥିବାର ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଛାତ୍ର ଛାତ୍ରୀ ତଥା ଅଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଜିଗ୍ନିପୁର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ପୋଷଣ ଓ ନବମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି। ଏହି ଯୋଜନାରେ ବିଦ୍ୟାଳୟର ପ୍ରାୟ ୧୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେଉଥିବାର ସରକାରୀ କାଗଜକଲମରେ ଦର୍ଶାଯାଉଛି। ତେବେ ଏହି ବିଦ୍ୟାଳୟରେ ଦୈନନ୍ଦିନ ଜାଳେଣୀ ଗ୍ୟାସ ପରିବର୍ତ୍ତେ ଗୋବର ଘସି ଓ ନଡିଆପତ୍ର ଜାଳେଣୀ ଆକାରରେ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି। ଫଳରେ ବହୁ ସମୟରେ ଖାଦ୍ୟ ଧୂଆଁଳିଆ ଲାଗୁଥିବାର ଅଭିଯୋଗ ହୋଇଛି। ଏଠାରେ ସୂଚନା ଥାଉକି ଗତ ୨୯ତାରିଖ ଦିନ ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ବେପରୁଆ ଭାବେ ପୋଡା ଭାତ ଦିଆଯାଇଥିଲା। ଛାତ୍ରଛାତ୍ରୀମାନେ ଏହାର ପ୍ରତିବାଦ କରିବାରୁ ଛାତ୍ରଛାତ୍ରୀଙ୍କୁ ପୁନର୍ବାର ଅରୁଆ ଚାଉଳ ରୋଷେଇ କରି ଦିଆଯାଇଥିଲା। ତେବେ ନିର୍ଦ୍ଧାରିତ ସମୟର ବହୁ ବିଳମ୍ବରେ ଛାତ୍ର ଛାତ୍ରୀଙ୍କୁ ଏହି ଖାଦ୍ୟ ଦିଆଯିବା କାରଣରୁ ବହୁ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ନଖାଇ ଭୋକଉପାସରେ ଘରକୁ ଫେରିଥିଲେ। ତେବେ ପ୍ରଶାସନର ଜ୍ଞାତସାରରେ ବାରମ୍ବାର ଏହି ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କୁ ଏଭଳି ଅରୁଚିକର ଖାଦ୍ୟ ଦିଆଯାଉଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାତ୍ରାଭିଭାବକମାନେ ପଚାରିବାରୁ ଗୋଟିଏ ଦିନ ଏଭଳି ଭୁଲ ହୋଇଯାଇଥିବାର ମତବ୍ୟକ୍ତ କରିଥିଲେ। ତେବେ ଏଠାରେ ସୂଚନା ଥାଉକି ରୋଷେଇ କାର୍ଯ୍ୟରେ ନିୟୋଜିତ ଥିବା ପାଚିକା ମାନଙ୍କ ମନମାନିରେ ଚାଲିଛି। କେତେବେଳେ ସଠିକ ଭାବେ ବାସନକୁସନ ସଫା କରାଯାଉନାହିଁ ତ କେତେବେଳେ ସଠକ୍ ଢଙ୍ଗରେ ଖାଦ୍ୟ ପ୍ରସ୍ତୁତ କରାଯାଉନାହିଁ। ରୋଷେଇ ଘର ମଧ୍ୟ ସଫାସୁତୁରା ନଥିବା ଅଭିଯୋଗ ହୋଇଛି। ମଧ୍ୟାହ୍ନଭୋଜନ ପ୍ରସ୍ତୁତ ପାଇଁ ସରକାରଙ୍କ ତରଫରୁ ରନ୍ଧନ ଗ୍ୟାସ ଯୋଗାଇ ଦିଆଯାଉଥିଲା ବେଳେ ଏହି ବିଦ୍ୟାଳୟରେ କଣ ପାଇଁ ଗୋବର ଘସି ଓ ନଡିଆପତ୍ରରେ ଅରୁଚିକର ଖାଦ୍ୟ ପ୍ରସ୍ତୁତ କରାଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ଛାତ୍ରାଭିଭାବକ ମହଲରେ ଦାବି ହୋଇଛି।

ତିଗିରିଆ ବାଲି ଚୋରା ଚାଲାଣ ଉପରେ ଉପଜିଲ୍ଲାପାଳଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ



ବାଲି ଘାଟ ପରିଦର୍ଶନ କରି ଯାଞ୍ଚ କରୁଥିବା

ଆଠଗଡ଼,୩/୧୦(ଅକ୍ଷର ଓଡ଼ିଶା)ତିଗିରିଆ ତହସିଲ ଅଞ୍ଚଳରେ ଚାଲିଥିବା ବେଆଇନ ବାଲି ଉତ୍ତୋଳନ, ଚୋରା ଚାଲାଣ ଓ ଗାଡ଼ିଗୁଡ଼ିକର ଓଭରଲୋଡିଂ ଉପରେ ରୋକ୍ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ କରାଯାଇଛି। ଆଠଗଡ଼ ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ତିଗିରିଆ ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ସ୍ଥାନୀୟ ପୁଲିସ୍ ଅଧିକାରୀମାନଙ୍କ ମିଳିତ ସହଯୋଗରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଆକସ୍ମିକ ଯାଞ୍ଚ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବେଆଇନ ଭାବେ ବାଲି ବୋଝେଇ କରି ନେଉଥିବା ୩ଟି ଟ୍ରାକ୍ଟର ଏବଂ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ଚିପ୍ସ ପରିବହନ କରୁଥିବା ୧ଟି ହାଇୱାକୁ ପ୍ରଶାସନିକ ଟିମ୍ ଜବତ କରିଥିଲେ। ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜବତ ସମସ୍ତ ଗାଡ଼ିକୁ ତିଗିରିଆ ଥାନା ହେପାଜତରେ ରଖାଯାଇଛି।ଏହା ସହିତ, ପ୍ରଶାସନିକ ଟିମ୍ ହାଟମାଳା ବାଲି ସୋର୍ସ (ଘାଟ)ରେ ମଧ୍ୟ ଏକ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଚଳାଇଥିଲେ। ତିଗିରିଆ ତହସିଲଦାର, ଅତିରିକ୍ତ ତହସିଲଦାର ଓ ପୁଲିସ୍ ସଚେତନତା, ସାମୁଦାୟିକ ଅଂଶଗ୍ରହଣ ଏବଂ ଜନସେବା ମନୋଭାବକୁ ପ୍ରୋତ୍ସାହିତ କରିବା।ଜଳ ନଷ୍ଟ ନ କରି ଏହାର ସଂରକ୍ଷଣ ନ କଲେ ଆଗାମୀ ଦିନରେ ବଡ଼ ବିପଦର ସମ୍ମୁଖୀନ ହେବା ବୋଲି ଅତିଥିଗଣ ମତ ରଖିଥିଲେ ।ସହକାରୀ ଯନ୍ତ୍ରୀ ପ୍ରସନ୍ନ ଦଳେଇ ଓ ସିପି ଦଣ୍ଡପାଣି ଦାଶଙ୍କ ସମେତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ ।ବିଭିନ୍ନ ବିଦ୍ୟାଳୟର ବିଦ୍ୟାର୍ଥୀ ଉପସ୍ଥିତ ଥିଲେ ।ସୂଚନା ଥାଉ କି, ଗତ ମାର୍ଚ୍ଚ ୧୧ ତାରିଖରେ ବେଲ ଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ ନୂଆଦିଲ୍ଲୀ ବିଜ୍ଞାନ ଭବନ ଠାରେ ଅନୁଷ୍ଠିତ ଜଳ ମହୋତ୍ସବରେ ରାଷ୍ଟ୍ରପତି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ବିଡ଼ିଓ ସାଗରୀକା ଷଡ଼ଙ୍ଗୀଙ୍କ ପୂର୍ଣ୍ଣ ସହଯୋଗରେ ଜଳ ସୁପରିଚାଳନା ଓ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଗଞ୍ଜାମ ଜିଲ୍ଲାରେ ବେଲ ଗାଁ ମନୋନୀତ ହୋଇଥିଲା ।

ଦୀର୍ଘ ୨୦ ବର୍ଷର ଦେଶସେବା ପରେ ଗାଁକୁ ଫେରିଲେ ଦୁଇ ବୀର ଯବାନ



ଯାଜପୁର ୦୩/୧୦(ଅକ୍ଷର ଓଡ଼ିଶା):ଦୀର୍ଘ ଦୁଇ ଦଶନ୍ଧି ଧରି ଭାରତୀୟ ସେନାରେ ଦେଶ ମାତୃକାର ସେବା କରି ଅବସର ପରେ ନିଜ ଜନ୍ମମାଟିକୁ ଫେରିଛନ୍ତି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦୁଇ ବୀର ଯବାନ। ଭାରତୀୟ ସେନାର ବିହାର ରେଜିମେଣ୍ଟର ଯବାନ ବାଲିଗୋଠ ଗ୍ରାମର ଲାଦୁରାମ କାଲୁଣ୍ଡିଆ ଏବଂ ଫୁଲଝର ଗ୍ରାମର ବିକ୍ରମ ପୁର୍ତି ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଉଭୟଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ଓ ଉଚ୍ଛ୍ୱସିତ ସ୍ୱାଗତ ଜଣାଯାଇଛି।ନିଜ ପରିବାର ଓ ସୁଖସ୍ୱାଚ୍ଛନ୍ଦ୍ୟକୁ ପଛରେ ପକାଇ ଦୀର୍ଘ ୨୦ ବର୍ଷ ଧରି ଦେଶର ଦୁର୍ଗମ ସୀମାନ୍ତରେ ପ୍ରହରୀ ସାଜି ନିଃସ୍ୱାର୍ଥପର ଭାବେ କାର୍ଯ୍ୟ ସମ୍ପାଦନ କରିବା ପରେ ଉଭୟ ଯବାନ ନିଜ ମାଟିକୁ ଫେରିବା ସ୍ଥାନୀୟ ଅଞ୍ଚଳ ପାଇଁ ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ ପାଲଟିଛି। ଗ୍ରାମବାସୀ ଏବଂ କଳିଙ୍ଗନଗର ଅଞ୍ଚଳବାସୀ କଳିଙ୍ଗନଗର ସ୍ଥିତ ବୀର ଭୂମିରେ ଏକତ୍ରିତ ହୋଇ ଉଭୟ ବୀର ସନ୍ତାନଙ୍କ ଅତୁଳନୀୟ ତ୍ୟାଗ, ସାହସ ଓ ଦେଶପ୍ରେମକୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ଭବ୍ୟ ଶୋଭାଯାତ୍ରାରେ ଗ୍ରାମକୁ ପାଛୋଟି ନେଇଥିଲେ। ଏହି ଦୁଇ ଯବାନ ସ୍ଥାନୀୟ ଅଞ୍ଚଳ ତଥା ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା ବୋଲି ଉପସ୍ଥିତ ଲୋକେ ମତବ୍ୟକ୍ତ କରିଛନ୍ତି।

ବୋଲଗଡ଼ ଆମ ଆଦମୀ ପାର୍ଟି ପକ୍ଷରୁ ମହାତ୍ମା ଗାନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି



ବୋଲଗଡ ୦୩/୧୦(ଅକ୍ଷର ଓଡିଶା) ବୋଲଗଡ ବ୍ଲକ ଆମ ଆଦମୀ ପାର୍ଟି ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଏବଂ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ଚୁଡା ଗ୍ରାମଠାରେ ଗାନ୍ଧୀ ପାଳିତ ହୋଇଯାଇଅଛି ! ଏହି ଅବସରରେ କଡବ ଗ୍ରାମରେ ଗରିବ ଅସହାୟ ଲୋକମାନଙ୍କୁ ମାସକର ରାସନ ସାମଗ୍ରୀ ବଣ୍ଟନ କରିଥିଲେ ! ଏହି କାର୍ଯ୍ୟକ୍ରମରେ ଆମ ଆଦମୀ ପାର୍ଟିର ରାକେଶ ଜୟ ସିଂହଙ୍କ ଆବାହକତ୍ୱରେ ଖୋର୍ଦ୍ଧା ଜିଲ୍ଲା ଆପ ସଂଯୋଜକ ସୁଭାଶିଷ ସ୍ୱାଇଁ, ପ୍ରମୋଦ ନନ୍ଦ, ବେଗୁନିଆ ବ୍ଲକ ସଂଯୋଜକ କଚ୍ଚତରୁ ପଣ୍ଡା, ବୋଲଗଡ଼ ବ୍ଲକ ସଂଯୋଜକ କିଶୋର ଚନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ଗୁଆଳ,ଏସ କେ ତରଫଦାର, ବିଜୟ କୁମାର ପୃଷ୍ଟି, ଗୌରାଙ୍ଗ ସୁବୁଦ୍ଧି, ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ମୂର୍ତ୍ତିକୁ ଧୌତ କରିବା ସହ ରାମଧୂନ ଗାଇ ମାଲ୍ୟାର୍ପଣ କରିଥିଲେ, ! ୧୯୨୭ମସିହା ୧୨ମାସ ଦଶ ତାରିଖ ଗୁରୁବାର ଦିନ ମହାତ୍ମା ଗାନ୍ଧୀ ଚୁଡ଼ାଠାରେ ଅବସ୍ଥାନ କରିଥିଲେ !ଏଠାରେ ହିନ୍ଦୁ ମୁସଲିମ ମଧ୍ୟରେ ଭାଇଚାରା ଦେଖି ଖୁସି ହୋଇଥିଲେ ! କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଯେ ଚୁଡା ଗ୍ରାମଠାରେ ଗାନ୍ଧୀଙ୍କ ପ୍ରତିମୃତ୍ତି ପରିତ୍ୟକ୍ତ ଓ ଅବହେଳିତ ରହିଥିବାରୁ ବୋଲଗଡ଼ ବ୍ଲକ ଅଞ୍ଚଳ ବୁଦ୍ଧିଜୀବୀ, ସମାଜସେବୀ ଓ ଶିକ୍ଷାବିତମାନେ କ୍ଷୋଭପ୍ରକାଶ କରିଅଛନ୍ତି !

‘ସେବା ସଂକଳ୍ପ ଅଭିଯାନ ଜଳ ଅର୍ପଣ ଦିବସ’ ପାଳିତ



ହିଞ୍ଜିଳିକାଟୁ,୦୩/୧୦(ଅବନି କାନ୍ତ ପଟ୍ଟନାୟକ)ପଂଚାୟତ ସମିତି ହିଞ୍ଜିଳିକାଟୁ ପକ୍ଷରୁ ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଗଣ୍ଡଳା - ବେଲଗାଁ ରେ‘ସେବା ସଂକଳ୍ପ ଅଭିଯାନ ଜଳ ଅର୍ପଣ ଦିବସ’ ପାଳିତ ହୋଇଯାଇଛି ।ବିଡ଼ିଓ ସାଗରୀକା ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧକ୍ଷା ସରସ୍ୱତୀ ସେଠୀ,ବେଲ ଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ,ସାଂସଦ ପ୍ରତିନିଧି ଶିଶିର ମିଶ୍ର,ଉପାଧକ୍ଷ ସୁନୀଲ ଗନ୍ତାୟତ,ଏ. ସୁଦର୍ଶନ,ବେଲ ଗାଁ ଥାନାଧିକାରୀ ସ୍ନିତାଞ୍ଜଳି ପ୍ରଧାନ, ପ୍ରୋବେସନାରୀ ଓଏଏସ ସୋନାଲି ତ୍ରିପାଠୀ, ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା ଓ ଏସଡ଼ିଓ ସୀମାଞ୍ଚଳ ବେହେରା ମଞ୍ଚାସୀନ ଥିଲେ ।ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଳ ସଂରକ୍ଷଣ, ପରିବେଶ ସଚେତନତା, ସାମୁଦାୟିକ ଅଂଶଗ୍ରହଣ ଏବଂ ଜନସେବା ମନୋଭାବକୁ ପ୍ରୋତ୍ସାହିତ କରିବା।ଜଳ ନଷ୍ଟ ନ କରି ଏହାର ସଂରକ୍ଷଣ ନ କଲେ ଆଗାମୀ ଦିନରେ ବଡ଼ ବିପଦର ସମ୍ମୁଖୀନ ହେବା ବୋଲି ଅତିଥିଗଣ ମତ ରଖିଥିଲେ ।ସହକାରୀ ଯନ୍ତ୍ରୀ ପ୍ରସନ୍ନ ଦଳେଇ ଓ ସିପି ଦଣ୍ଡପାଣି ଦାଶଙ୍କ ସମେତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ ।ବିଭିନ୍ନ ବିଦ୍ୟାଳୟର ବିଦ୍ୟାର୍ଥୀ ଉପସ୍ଥିତ ଥିଲେ ।ସୂଚନା ଥାଉ କି, ଗତ ମାର୍ଚ୍ଚ ୧୧ ତାରିଖରେ ବେଲ ଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ ନୂଆଦିଲ୍ଲୀ ବିଜ୍ଞାନ ଭବନ ଠାରେ ଅନୁଷ୍ଠିତ ଜଳ ମହୋତ୍ସବରେ ରାଷ୍ଟ୍ରପତି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ବିଡ଼ିଓ ସାଗରୀକା ଷଡ଼ଙ୍ଗୀଙ୍କ ପୂର୍ଣ୍ଣ ସହଯୋଗରେ ଜଳ ସୁପରିଚାଳନା ଓ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଗଞ୍ଜାମ ଜିଲ୍ଲାରେ ବେଲ ଗାଁ ମନୋନୀତ ହୋଇଥିଲା ।

୭୫ ବର୍ଷ ସ୍କୁଲର ଦୁରବସ୍ଥା

ଓଡ଼ଗାଁ -୦୩/୧୦(ଅକ୍ଷର ଓଡ଼ିଶା) ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କଜଳାଇପଲ୍ଲି ଗ୍ରାମ ପଞ୍ଚାୟତ ଠାରେ ଅବସ୍ଥିତ ସାରସ୍ୱତ ଲୋକ ବିଦ୍ୟାପୀଠ ୧୯୫୧ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।ଦିର୍ଘ ୭୫ ବର୍ଷ ପରେ ମଧ୍ୟ ବିଦ୍ୟାଳୟଟି ନାହିଁ ନଥିବା ଅସୁବିଧା ଦେଇ ଗତି କରୁଛି ।ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ନିର୍ମିତ ଆଜବେଷ୍ଟସ ଘରେ ଷଷ୍ଠ,ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଠ ପଢ଼ାହେଉଛି ।ମାତ୍ର ତାର କାନ୍ଥ ସବୁ ଦୁର୍ବଳ ହେବା ସହିତ ଅ।ଜବେଷ୍ଟରୁ ଟିକିଏ ବର୍ଷା ହେଲେ ପାଣି ଗଳି ଶ୍ରେଣୀ ସାରା ଓଦା ହେଉଛି ଫଳରେ ପଠା ପଢ଼ିବାରେ ପିଲାଙ୍କ ଅସୁବିଧା କହିଲେ ନ ସରେ । ଗତ ଲଘୁ ଚାପ ବର୍ଷାରେ ପଢ଼ିଆର ପାଣି ଓ ସ୍କୁଲ ଭିତର ପାଣି ସବୁ ଶ୍ରେଣୀ ଗୃହରେ ପଶି ପୋଖରୀର ଭ୍ରମ ସୃଷ୍ଟି କରିଥିଲା ।ବର୍ଷା ଛାଡ଼ି ପାଗ ଶୁଖିଲା ହେଲେ ମଧ୍ୟ ଏବେବି ଶ୍ରେଣୀ ଭିତର ପାଣି ଓ କାଦୁଅ ରେ ଭର୍ତ୍ତି ହୋଇ ରହିଛି ।ପ୍ରଶାସନ କୁ ଏହାର ସ୍ଥାୟୀ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିବାର ନାଁ ଗନ୍ଧ ନାହିଁ । ଫାଇବି ଟି ଦ୍ୱାରା ଦୁଇଟି କ୍ଲାସ ରୁମ୍ ,ଗୋଟିଏ କମ୍ପ୍ୟୁଟର ଓ ଲାଇବ୍ରେରୀ ରୁମ୍ ନିର୍ମିତ ହୋଇଛି ଯାହାକି ପୁରୁଣା କାନ୍ଥରେ ଛାତ ପଡି ରଙ୍ଗ ମରାଯାଇଛି ଫଳରେ କାନ୍ଥ ସବୁ ଫାଟି ଆଁ କଲାଣି ।ଏପରି ବିପଦ ସଙ୍କୁଳ ଅବସ୍ଥାରେ ଛାତ୍ରଛାତ୍ରୀ ମାନେ କିପରି ପଠା ପଢ଼ିବେ ତାହା ଘୋର ଚିନ୍ତାର ବିଷୟ। ଏହି ସ୍କୁଲର ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟର ୭୫ ବର୍ଷ ଉପଲକ୍ଷେ ପ୍ଲାଟିନମ୍ ଜୁବୁଲି ପାଳନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବିଦ୍ୟାଳୟର ଥିବା ଅନେକ ଆବଶ୍ୟକୀୟ ଅସୁବିଧା ଗୁଡ଼ିକ ତୁରନ୍ତ ପ୍ରଶାସନ ସମାଧାନ କରିବା ପାଇଁ ଜୁବିଲି କ୍ରିୟାନୁଷ୍ଠାନ କମିଟି ଓ ପୁରାତନ ଛାତ୍ର ଛାତ୍ରୀଙ୍କ ତରଫରୁ ଅନୁରୋଧ ସହିତ ଦୃଢ଼ ଦାବି କରାଯାଇଛି ।

ମା’ ମଙ୍ଗଳା ମନ୍ଦିର ଉନ୍ନତିକରଣ ଅର୍ଥ ପ୍ରଦାନକୁ ନେଇ ବିବାଦ
୩ ଲକ୍ଷ ଟଙ୍କାର କାର୍ଯ୍ୟରେ ଅନିୟମିତତା ଅଭିଯୋଗ, ନିରପେକ୍ଷ ତଦନ୍ତ ଦାବି

ଖୋର୍ଦ୍ଧା, ୦୩/୧୦(ଅକ୍ଷର ଓଡିଶା : ଗ୍ରାମାଂଚଳର ବିକାଶ ସହିତ ଗ୍ରାମର ଧାର୍ମିକ ଓ ସାଂସ୍କୃତିକ ପୀଠଗୁଡ଼ିକର ଉନ୍ନତିକରଣ ଲକ୍ଷ୍ୟରେ ସରକାର ବିଭିନ୍ନ ଯୋଜନାରେ ଅର୍ଥ ମଞ୍ଜୁର କରୁଛନ୍ତି। ତେବେ ଏହି ଅର୍ଥର ବିନିଯୋଗ ଓ ପ୍ରଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ଜରୁରୀ। ଏଭଳି ସ୍ଥିତିରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକମା ପଂଚାୟତର କଅଁରପୁର ବଡ଼ ଆଦିବାସୀ ସାହିସ୍ଥିତ ମା’ ମଙ୍ଗଳା ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ମଞ୍ଜୁର ହୋଇଥିବା ୩ଲକ୍ଷ ଟଙ୍କାର କାର୍ଯ୍ୟକୁ ନେଇ ଏବେ ବିବାଦ ଦେଖାଦେଇଛି। କାର୍ଯ୍ୟଟି ଗ୍ରାମବାସୀଙ୍କ ଦ୍ୱାରା ସମ୍ପାଦିତ ହୋଇଥିବାବେଳେ ଏହାର ବିଲ୍ ବାବଦ ଅର୍ଥ ଅନ୍ୟ ଦୁଇ ଜଣଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ହେବା ପରେ ଅର୍ଥ ପ୍ରଦାନର ଆଧାର ଓ କାର୍ଯ୍ୟ ସମ୍ପାଦନର ପ୍ରକୃତ ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି।ଏହି ଘଟଣାରେ ନିରପେକ୍ଷ ତଦନ୍ତ ଦାବି କରି କେତେକ ଗ୍ରାମବାସୀ ଖୋର୍ଦ୍ଧା ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଖୋର୍ଦ୍ଧା ଦୁର୍ନିତୀ ନିବାରଣ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସରକାରୀ ଅର୍ଥର ବିନିଯୋଗ, କାର୍ଯ୍ୟର ମାନ ଏବଂ ବିଲ୍ ପ୍ରସ୍ତୁତିଠାରୁ ଆରମ୍ଭ କରି ଅର୍ଥ ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାର ଯାଂଚ କରିବାକୁ ସେମାନେ ଦାବି ଜଣାଇଛନ୍ତି । ଅଭିଯୋଗକାରୀଙ୍କ ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନା ଅଧୀନରେ କଅଁରପୁର ବଡ଼ ଆଦିବାସୀ ସାହିର ମା’ ମଙ୍ଗଳା ମନ୍ଦିର ପରିସରର ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମନ୍ଦିରଟି ସ୍ଥାନୀୟ ଅଂଚଳର ଧାର୍ମିକ ଆସ୍ଥା ଓ ଜନସମ୍ପୃକ୍ତିର ଏକ ପ୍ରମୁଖ କେନ୍ଦ୍ର ହୋଇଥିବାରୁ ଏହାର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର ହେବା ଗ୍ରାମବାସୀଙ୍କ ପାଇଁ ଗୁରୁତ୍ୱ ବହନ କରୁଥିଲା । ବୋଲଗଡ଼ ପଂଚାୟତ ସମିତିର ବିଡିଓଙ୍କ ଅନୁମୋଦନକ୍ରମେ ଗ୍ରାମବାସୀମାନେ

ଯଶସ୍ୱୀ ସମାଜସେବୀ ଗବେଷକ ଡ଼.ଅମରେନ୍ଦ୍ର ମହାନ୍ତି



କଟକ ସଦର୦୩/୧୦(ଅକ୍ଷର ଓଡ଼ିଶା) : ନିଜର ମହାନ୍ ମାନବୀୟ କାର୍ଯ୍ୟ ଆଉ ସ୍ୱଭାବ ମଣିଷକୁ ବଡ଼ କରେ ଆଉ ସେ ସବୁଠି ପୂଜା ପାଆନ୍ତି । ଏହି ଭାବନାରେ ମା ମାଟି ପାଇଁ ଅହରହ ସାଧନାରତ ମାହାଙ୍ଗା ମାଟିର କୃତୀ ସନ୍ତାନ ବହୁମୁଖୀ ପ୍ରତିଭା ଡ଼.ଅମରେନ୍ଦ୍ର ମହାନ୍ତି ଏକ ଉଦହରଣୀୟ ବ୍ୟକ୍ତିତ୍ୱ । ପେସାରେ ସଫ୍ଟୱେର ଯନ୍ତ୍ରୀ କିନ୍ତୁ ନିଶା ସମାଜସେବା ।ନିଜ ଅଞ୍ଚଳର ସର୍ବାଙ୍ଗୀଣ ବିକାଶ ପାଇଁ ଡ଼.ମହାନ୍ତି 'ଆମ ମାହାଙ୍ଗା' ନାମରେ ଏକ ସାମାଜିକ ସଂଗଠନ ପ୍ରତିଷ୍ଠା କରିଛନ୍ତି । ସ୍ୱଚ୍ଛ ମାହାଙ୍ଗା,ସବୁଜ ମାହାଙ୍ଗା,ଡିଜିଟାଲ ମାହାଙ୍ଗା ଓ ସାଂସ୍କୃତିକ ମାହାଙ୍ଗା ତାଙ୍କର ଲକ୍ଷ୍ୟ ଉଦ୍ଦେଶ୍ୟ । ସ୍ୱଚ୍ଛ,ସବୁଜ, ସଂସ୍କୃତି,ସ୍ୱାଭିମାନ ଓ ସ୍ୱାବଲମ୍ବନ ଏକ ସୁସ୍ଥ,ସୁନ୍ଦର ଓ ସଶକ୍ତ ସମାଜ ଗଠନର ସଂକଳ୍ପ ବୋଧ । 'ସ୍ୱଚ୍ଛ ଗାଁ - ସୁସ୍ଥ ଗାଁ' ଅଭିଯାନ,ବୃକ୍ଷରୋପଣ,ପରିବେଶ ସୁରକ୍ଷା,ଡଷ୍ଟବିନ୍ ସ୍ଥାପନ,ରକ୍ତଦାନ ଶିବିର,ବହୁବିଧ ସେବା ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜାରୀ ରଖିଛନ୍ତି ।

ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ



ଆସିକା,୦୩/୧୦(ଅକ୍ଷର ଓଡ଼ିଶା): ଆସିକାସ୍ଥିତ ପିଏମ୍ ଶ୍ରୀ ହରିହର ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ଶିକ୍ଷାବର୍ଷର ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି ।ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ପାଇଁ ୧୩୫ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୧୩୦ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହିଥିଲେ । ସେହିପରି ପଞ୍ଚମ ଶ୍ରେଣୀ ପାଇଁ ୧୩୮ ଜଣ ଫର୍ମ ପୂରଣ କରିଥିବା ବେଳେ ୧୩୨ ଜଣ ପରୀକ୍ଷା ଦେଇଥିଲେ ।ପରୀକ୍ଷା ପରିଚାଳନା ସମୟରେ ଭଞ୍ଜ ବେହେରା, ଶିବରାମ ବେହେରା, ପ୍ରଧାନଶିକ୍ଷୟିତ୍ରୀ ରଜନୀରାଣୀ ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ତୃତୀୟ ଓ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

ପାବୁରିଆରେ କଳାକାର ସଙ୍ଘର ବାର୍ଷିକ ନୂଆଁଖାଇ ପରବ



ଫିରିଙ୍ଗିଆ ୦୩/୧୦ (ମନୋଜ ସାହୁ) ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ କଳା ର ପ୍ରଚାର ପ୍ରସାର ଓ କଳାକାର ମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷରେ ଏବେ ଗାଁଗାଁ ରେ କଳାକାର ସମାବେଶ ଅନୁଷ୍ଠିତ ହେଉଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ପାବୁରିଆ ପଞ୍ଚାୟତ ବରସାହି ଠାରେ ମଧ୍ୟ ଏହି କଳାକାର ସମାବେଶ ବା ବାର୍ଷିକ ନୂଆଁଖାଇ ପରବ ପାଳନ ହୋଇଯାଇଛି ଓ ତେବେ ପାବୁରିଆ ଠାରେ ଥିବା ମା ତାରା ସିଂ କଳା ସାଂସ୍କୃତିକ ଦଳ ସିଙ୍ଗାନାଚ,ବରସାହି ଏହାକୁ ଆୟୋଜନ କରିଥିବା ବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ ଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପାରମ୍ପରିକ ଲୋକକଳା ସଙ୍ଘ ର ଜିଲ୍ଲା ସଭାପତି ଅକ୍ଷୟ କୁମାର କର୍ଣ୍ଣ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷ କଚ୍ଚନା କହଁର,ପାବୁରିଆ ସରପଞ୍ଚ ସଞ୍ଜୟ କୁମାର ନାୟକ,ଟିକାବାଲି ସାଂସଦ ପ୍ରତିନିଧି ଲଳିତ ପ୍ରଧାନ,ବୁର୍ବିନାକୁ ସରପଞ୍ଚ ସଲିମା ପ୍ରଧାନ, ରାଇକିଆ କଳାକାର ସଙ୍ଘ ନିର୍ମଳା ଦିଗାଲ, ଖଜୁରୀପଡ଼ା କଳାକାର ସଂଘ ସଭାପତି ନିର୍ବାଚନ କହଁର, ଫିରିଙ୍ଗିଆ କଳାକାର ସନତ ଦିଗାଲ ପ୍ରମୁଖ ସ ଯୋଗ ଦେଇଥିଲେ ଓ କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ସମସ୍ତ କଳାକାର ର ସଦସ୍ୟ ସହଯୋଗ କରିଥିବା ବେଳେ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଟିକାବାଲି ବ୍ଲକ କଳାକାର ସଂଘ ସଭାପତି ଅପସରୀ ଦିଗାଲ ଓ କଳାକାର ସଂଘ ସଭାପତି ଦେବନ୍ତୀ ପ୍ରଧାନ ସଂଘ ସଦସ୍ୟା ରଚନା ପ୍ରଧାନ, ଜହ୍ନିଫୁଲ ପ୍ରଧାନ,ବିଜୁଳି ଦିଗାଲ,ମଞ୍ଜୁଳା ଦିଗାଲ,କାର୍ଯ୍ୟକ୍ରମ ରେ ଜିଲ୍ଲା ର ବିଭିନ୍ନ ସ୍ଥାନ ରୁ ୫୦୦ ଉର୍ଦ୍ଧ କଳାକାର ମାନେ ବାର୍ଷିକ ନୂଆଁଖାଇ ପରବ ପାଳନ ଉତ୍ସବ ଭାଗ ନେଇଥିଲେ । କାର୍ଯ୍ୟକ୍ରମ ର ଶେଷ ଭାଗରେ ବିଭିନ୍ନ ପ୍ରକାର ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅନୁଷ୍ଠାନ ତରଫରୁ କଳାକାର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା ।

ମହୁଲ ପଡ଼ା ଗ୍ରାମ ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ



ବଲାଙ୍ଗିର ୦୩/୧୦(ଦେବେନ୍ଦ୍ର ପୋଡ଼) ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ମହୁଲ ପଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସଭାରେ ମହୁଲ ପଡ଼ା ଗ୍ରାମ ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ଉର୍ବଶୀ ଘି ଭେଳା , ପି ଇ ଓ ଶିବାନୀ ଅଗସ୍ତି , ଏ ଡି ଇ ଓ ଧବଳେଶ୍ୱର ପନିକା , ଜଳ , ଜମି ବିକାଶ ଓ ଜୀବନ ଜୀବିକା ର ବ୍ଲକ କୋ ଅର୍ଡିନେଟର ଜଳନ୍ଧର କୌଶଲ୍ୟା , ନାଏବ ସରପଞ୍ଚ ପୀତାମ୍ବର କଟା , ଶଗଡ଼ ଘାଟ ସାର୍କିଲ ଏ ଆର୍ ଆଇ ମଞ୍ଚାସିନ ରହି ନିଜ ନିଜ ମତ ରଖିଥିଲେ । ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ଫୋଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରି ଦୀପ ଜାଳି ସଭା ଆରମ୍ଭ କରିଥିଲେ । ଉକ୍ତ ସଭାରେ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା ଉପରେ ସମସ୍ତଙ୍କ ପାଇଁ ସମାନ ଭାବରେ ସରକାର ଙ୍କ ଯୋଜନା କୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ହୋଇଥିଲା । ସଭାରେ ଉପସ୍ଥିତ ସମସ୍ତ ଅଙ୍ଗନୱାଡି କର୍ମୀ, ସି ଆର୍ ପି , ଓ ଜନ ସାଧାରଣ ସମସ୍ତେ ଆଗକୁ ଶିଶୁ ଶ୍ରମିକ ନିରୋଧ ପାଇଁ ସଂକଳ୍ପ କରି ଥିଲେ । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ସ୍ଲୋଗାନ ଦେଇ ଏକ ଶୋଭା ଯାତ୍ରା କରି ଥିଲେ । ଭି ବି ଜି ରାମ ଜି ଯୋଜନା ଅଧୀନରେ ଥିବା ସବୁ ପ୍ରକାର ବ୍ୟବସ୍ଥା କୁ ଗାଁ ସାଥୀ ମାନେ ଲୋକ ଙ୍କ ପାଖ କୁ ସୁବିଧା ଯୋଗାଇ ଦେବେ ବୋଲି ମତ ରଖିଥିଲେ । ଏଥିରେ ୩୭୫ ପ୍ରକାର ର କାମ ହେବ ଓ ଆଗକୁ ବିକାଶ ବଢ଼ି ଚାଲିବ ବୋଲି ଅଧିକାରୀ କହିଛନ୍ତି । ଉକ୍ତ ଗ୍ରାମ ସଭାରେ ସମସ୍ତ ଗ୍ରାମ ର ଗାଁ ସାଥୀ ମାନେ ଯୋଗ ଦେଇ ନିଜ ନିଜ ଗାଁ ରେ ଆଗକୁ କେଉଁ କେଉଁ କାମ ସବୁ ହେବ ତାହାର ତାଲିକା ତିଆରି କରି ବିଭାଗୀୟ ଅଧିକାରୀ ଙ୍କୁ ଦେଇଥିଲେ । ଦୁଃଖ ର କଥା ଏହା ଯେ ନାଏବ ସରପଞ୍ଚ ପୀତାମ୍ବର କଟା ଙ୍କୁ ଛାଡି କୌଣସି କାରଣ ବଶତଃ ୱାର୍ଡ ସଭ୍ୟ ମାନେ ଯୋଗ ଦେଇ ନ ଥିଲେ ।

ଆଙ୍ଗନ କା ଉତ୍ସବରେ ମା'ଙ୍କ ସହ ବାପା, ଜେଜେଙ୍କ ଉତ୍ସାହ



ବେଲଗୁଣ୍ଠା, ୦୩/୧୦(ଅକ୍ଷର ଓଡ଼ିଶା): "ଶିଶୁର ପୋଷଣ କେବଳ ମା'ଙ୍କ ଦାୟିତ୍ୱ ନୁହେଁ, ପରିବାରର ସମସ୍ତଙ୍କ ସହଭାଗିତା ହିଁ ଶିଶୁର ସୁସ୍ଥ ବିକାଶର ଆଧାର।" ଏହି ବାର୍ତ୍ତାକୁ ନେଇ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଆଳିଆ ଅଙ୍ଗନୱାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ'ର ତୃତୀୟ ଦିନ ବେଶ ଉତ୍ସାହ ଓ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଉତ୍ସବରେ ମା'ଙ୍କ ସହ ବାପା ଓ ଜେଜେଙ୍କ ବହୁଳ ଭାଗିଦାରୀ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା। ଶିଶୁଙ୍କ ଯତ୍ନ, ପୋଷଣ ଓ ବିକାଶରେ ବାପା ଓ ଜେଜେଙ୍କ ଭୂମିକାକୁ ନେଇ ଏହି ସହଭାଗିତା ଏକ ସୁନ୍ଦର ସନ୍ଦେଶ ଦେଇଥିଲା।ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀ , ଅଙ୍ଗନବାଡ଼ି ସହାୟିକା ଓ ଆଶାକର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଗତ ୨୭ ତାରିଖରେ ବାପା ଓ ଜେଜେଙ୍କ ଦ୍ୱାରା ପ୍ରସ୍ତୁତ ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀଙ୍କୁ ସାର୍ଟିଫିକେଟ୍ ଓ ଫଳ ବାସ୍କେଟ୍ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।ତୃତୀୟ ଦିନରେ ସିଡିପିଓ ନଳିନୀ ମହାରଣା, ଏନଏସି ଉପାଧକ୍ଷା ପ୍ରିୟମ୍ବଦା ସାମଲ,ଯୁବ ସାମ୍ବାଦିକ ଶିବରାମ ଚୌଧୁରୀ ପ୍ରମୁଖ ପରିଦର୍ଶନ କରିଥିଲେ। ଖାଦ୍ୟ ଯାଞ୍ଚ କମିଟି ସଦସ୍ୟ ଗୌରହରି ପାତ୍ର ପ୍ରସ୍ତୁତ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏଠାରେ ବାପା, ମା', କିଶୋରୀ ଓ ଶିଶୁଙ୍କ ଅଂଶଗ୍ରହଣରେ 'ତ୍ରିରଙ୍ଗା ଥାଳି' ପ୍ରସ୍ତୁତ କରାଯାଇ ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ ପ୍ରଦର୍ଶିତ ହୋଇଥିଲା।କାର୍ଯ୍ୟକ୍ରମରେ ସିଡିପିଓ ଶ୍ରୀମତୀ ମହାରଣା, ପୋଷଣ ବିସି, ସମସ୍ତ ପରିଦର୍ଶିକା, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ଯୋଗଦେଇଥିଲେ। ବାପା ଓ ଜେଜେଙ୍କ ଉତ୍ସାହଜନକ ଭାଗିଦାରୀରେ ଅଙ୍ଗନ କା ଉତ୍ସବର ତୃତୀୟ ଦିନ ପରିଣତ ହୋଇଥିଲା ପରିବାରର ସାମୂହିକ ଉତ୍ସବରେ।

ବନ୍ୟଜନ୍ତୁ ଶିକାର ପାଇଁ ବିଛାଯାଉଥିବା ବିଦ୍ୟୁତ ତାର ଜବତ

ଲକ୍ଷ୍ମୀପୁର ୦୩/୧୦(ଅକ୍ଷର ଓଡ଼ିଶା) କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ରେ ବନ୍ୟଜନ୍ତୁ ଶିକାର ପାଇଁ ବେଆଇନ ଭାବେ ବିଛାଯାଉଥିବା ବିଦ୍ୟୁତ ତାର ହଟାଇବାକୁ ଆରମ୍ଭ ହୋଇଛି ଅଭିଯାନ ।ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ବିଦ୍ୟୁତ ତାରକୁ ଦୁର୍ବୃତ୍ତମାନେ ଅପବ୍ୟବହାର କରି ବନ୍ୟଜନ୍ତୁ ଶିକାର କରୁଥିବା ଅଭିଯୋଗ ହୋଇଆସୁଛି । ଏହା ଯୋଗୁଁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ହେବା ସହ ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଜଣାପଡ଼ିଛି ।ଏହି ପରିପ୍ରେକ୍ଷୀରେ ଟାଟା ପାୱାର କର୍ମଚାରୀଙ୍କ ସହ ଲକ୍ଷ୍ମୀପୁର ବନ ବିଭାଗର ଆଠ ଜଣିଆ ଟିମ୍ କୁଟୀଙ୍ଗା ପଞ୍ଚାୟତ ଅନ୍ତର୍ଗତ କାର୍ଲି ଗ୍ରାମ ଜଙ୍ଗଲରେ ଚଢ଼ାଉ କରିଥିଲେ ।ଚଢ଼ାଉ ସମୟରେ ଜଙ୍ଗଲ ଭିତରେ ବନ୍ୟଜନ୍ତୁ ଶିକାର ପାଇଁ ପ୍ରାୟ ଚାରି କିଲୋମିଟର ଦୂର ପର୍ଯ୍ୟନ୍ତ ବିଛାଯାଇଥିବା ଜିଆଇ ତାର ଠାବ କରାଯାଇଥିଲା । ଏହାସହ ଇନସୁଲେଟର ଭାବେ ବ୍ୟବହୃତ ପ୍ଲାଷ୍ଟିକ ପାଇପ୍‌ଗୁଡ଼ିକୁ ମଧ୍ୟ ଜବତ କରିଛି ବନ ବିଭାଗ ଓ ବିଦ୍ୟୁତ ବିଭାଗର ମିଳିତ ଟିମ୍।

ସେବା ସଂକଳ୍ପ ଅଭିଯାନରେ ରକ୍ତଦାନ ଶିବିର ବିଜେପି ପକ୍ଷରୁ ସଂଗ୍ରହ ହେଲା ୭୩ ୟୁନିଟ ରକ୍ତ



କୋକସରା:୩/୧୦(ମଙ୍ଗରାଜ ବେହେରା)କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଧାନସଭା ଅନ୍ତର୍ଗତ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସେବା ସଂକଳ୍ପ ଅଭିଯାନ ଅବସରରେ ଭାରତୀୟ ଜନତା ପାର୍ଟି ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଶିବିରରେ ମୋଟ ୭୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି ।ଏହି ଜୀବନ ବିନ୍ଦୁ ରକ୍ତଦାନ ଶିବିରକୁ ଜିଲ୍ଲା ରକ୍ତଦାନ ଶିବିର ସଂଯୋଜକ ହିମାଂଶୁ ପଣ୍ଡା ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଧର୍ମଗଡ଼ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଭଳି ମହତ୍ କାର୍ଯ୍ୟ ପାଇଁ ରକ୍ତଦାତା ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ ।ଶିବିରରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ତତ୍ତ୍ୱଦର୍ଶୀ ଦାସ, ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଅଭିନାଶ ନନ୍ଦ, କୋକସରା ବ୍ଲକ ସଂଯୋଜକ ତଥା ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ତ୍ରିନାଥ ଶବର, ସହ-ସଂଯୋଜକ ତ୍ରିଲୋକ୍ୟ ବେଶ୍ରା, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ଦୁର୍ଗା ପ୍ରସାଦ ପ୍ରଧାନୀ, ସାରଳା ପ୍ରସାଦ ପ୍ରଧାନୀ ଓ ରଞ୍ଜିତ ପୋଡ଼ଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ରକ୍ତଦାତା ଉପସ୍ଥିତ ଥିଲେ।

ଫୁଲବାଣୀରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ /ସର୍ବଧର୍ମ ପ୍ରାର୍ଥନା ସଭା



ବାଣୁଆ, ଫୁଲବାଣୀ ପୌରପରିଷଦର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଫୁଲବାଣୀ ବିଡିଓ ସୌମ୍ୟରଞ୍ଜନ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଡିଆଇପିଆରଓ ନଳିନୀକାନ୍ତ ସାହୁ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅତିନିଏଲ ନାଇକା ପ୍ରମୁଖ ଉପସ୍ଥିତ ରହି ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମାରୋହର ଅନ୍ୟତମ ଆକର୍ଷଣ ଥିଲା ସର୍ବଧର୍ମ ପ୍ରାର୍ଥନା। ମୋହନଦାସ କରମଚାନ୍ଦ କଳା ନିକେତନ ପକ୍ଷରୁ 'ବୈଷ୍ଣବ ଜନ ତୋ' ଓ 'ରଘୁପତି ରାଘବ ରାଜାରାମ' ଭଜନ ପରିବେଷଣ କରାଯାଇଥିଲା। ଏହାପରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନାରେ ତିନୋଟି ଧର୍ମର ପବିତ୍ର ଧର୍ମଗ୍ରନ୍ଥ ପାଠ କରାଯାଇଥିଲା। ଅନନ୍ତ ଚରଣ ମିଶ୍ର ଭଗବଦ୍‌ଗୀତା, ମହମ୍ମଦ ମୁଜାହିଦ୍ କୋରାନ ଏବଂ ପ୍ରଣବ ମଣ୍ଡଳ ବାଇବେଲ ପାଠ କରିଥିଲେ। ଏମ୍‌କେଏସ୍‌ପିର ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ ପ୍ରାର୍ଥନା ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଡେପୁଟି କଲେକ୍ଟର ପ୍ରଭାକର ଦୀପା ମଧ୍ୟ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଏମ୍‌କେଏସ୍‌ପି ପରିସରରେ 'ଗାନ୍ଧୀ ବିଚାର ଓ ଦର୍ଶନ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାପାଳ ବେଦଭୂଷଣ ଓ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧାପକ ଶୁଭ୍ରଜିତ୍ ରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶ, ଅହିଂସା, ସତ୍ୟ, ତ୍ୟାଗ ଓ ଦେଶପ୍ରେମ ଉପରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ର ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମାରୋହରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନଳିନୀକାନ୍ତ ସାହୁ, ଏମ୍‌କେଏସ୍‌ପିର ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ସାହୁଙ୍କ ସମେତ ପରିଷଦର ସଭ୍ୟସଭ୍ୟା, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଦିନବ୍ୟାପୀ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ସତ୍ୟ, ଅହିଂସା, ତ୍ୟାଗ, ସରଳତା ଓ ଦେଶସେବାର ଆଦର୍ଶକୁ ସ୍ମରଣ କରାଯାଇଥିଲା।

ଗାନ୍ଧୀ ଜୟନ୍ତୀରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍

ପ୍ରଶାସନ ଏକାଦଶ ଚମ୍ପିଆନ୍, ଆଇନଜୀବୀ ଏକାଦଶ ରନର୍ସଅପ୍



ବାଲିଗୁଡା ୨/୧୦(ଅକ୍ଷର ଓଡିଶା)ଗାନ୍ଧୀ ଜୟନ୍ତୀ ଅବସରରେ ଫୁଲବାଣୀରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ପ୍ରଶାସନ ଏକାଦଶ, ବିଚାର ବିଭାଗ ଏକାଦଶ, ଗଣମାଧ୍ୟମ ଏକାଦଶ ଓ ଆଇନଜୀବୀ ଏକାଦଶ ଭାଗ ନେଇଥିଲେ । ପ୍ରଥମ ମ୍ୟାଚ୍‌ରେ ଆଇନଜୀବୀ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ମୁକାବିଲା ହୋଇଥିବା ବେଳେ ଆଇନଜୀବୀ ଏକାଦଶ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ବିଚାର ବିଭାଗ ଏକାଦଶକୁ ପରାସ୍ତ କରି ଜିଲ୍ଲା ପ୍ରଶାସନ ଏକାଦଶ ଫାଇନାଲ୍‌ରେ ପହଞ୍ଚିଥିଲା । ଫାଇନାଲ୍ ମ୍ୟାଚ୍‌ରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ଆଇନଜୀବୀ ଏକାଦଶ ମଧ୍ୟରେ ରୋମାଞ୍ଚକର ମୁକାବିଲା ହୋଇଥିଲା । ଶେଷରେ ଜିଲ୍ଲା ପ୍ରଶାସନ ଏକାଦଶ ବିଜୟୀ ହୋଇ ଚମ୍ପ

ରବିବାର ୦୪।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ୱେଷ୍ଟଇଣ୍ଡିଜ୍‌କୁ ୩୫୨ ରନ୍‌ର ଟାର୍ଗେଟ ଦେଲା ଭାରତ


କେଏଲ୍ ରାହୁଲ ୧୨୯

ଭାରତ ଏବଂ ୱେଷ୍ଟଇଣ୍ଡିଜ ତୃତୀୟ ଦିନିକିଆ
କେଏଲ୍ ରାହୁଲଙ୍କ ଦମ୍‌ଦାର ଶତକ

ନ୍ୟୁ ଚଣ୍ଡିଗଡ଼, ୦୩/୧୦ : ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ତିନି ମ୍ୟାଚ୍‌ର ଦିନିକିଆ ଶୃଙ୍ଖଳାର ତୃତୀୟ ତଥା ଅନ୍ତିମ ମୁକାବିଲା ଜାରି ରହିଛି। ଉଭୟ ଟିମ୍ ମଧ୍ୟରେ ଏହି ମ୍ୟାଚ୍ ନ୍ୟୁ ଚଣ୍ଡିଗଡ଼ର ମହାରାଜ ୟଦବିନ୍ଦ୍ର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଉଛି। ଟସ୍ ଜିଣି ଭାରତୀୟ ଟିମ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। କେଏଲ୍ ରାହୁଲଙ୍କ ଶତକ ଏବଂ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ଭାରତ ୫୦ ଓଭରରେ ୭ଟି ୱିକେଟ୍ ହରାଇ ୩୫୧ ରନ୍ ସଂଗ୍ରହ କରିଛି। ଫଳରେ ଅତିଥି ଦଳକୁ ଏହି ମ୍ୟାଚ୍ ଜିତିବା ପାଇଁ ୩୫୨ ରନ୍‌ର ଲକ୍ଷ୍ୟ ମିଳିଛି। ଭାରତ ପାଇଁ କେଏଲ୍ ରାହୁଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୮୭ଟି ବଲ୍ ସାମ୍ନା କରିଥିଲେ। ଏଥିରୁ ୧୦ଟି ଚୌକା ଏବଂ ୬ଟି ଛକା ବଳରେ ଅପରାଜିତ ୧୨୯ ରନ୍ ସଂଗ୍ରହ କରିଥିଲେ। ସେହିପରି ପ୍ରାରମ୍ଭିକ ବ୍ୟାଟର ରୋହିତ ଶର୍ମା ବ୍ୟକ୍ତିଗତ ଭାବେ ୯୨ ରନ୍ ସଂଗ୍ରହ କରିଥିଲେ। ସେ ୮୫ଟି ବଲ୍ ଖେଳି ୧୦ଟି ଚୌକା ଏବଂ ୩ଟି ଛକା ମାରିଥିଲେ।

ଯୁବ ବ୍ୟାଟର ଋତୁରାଜ ଗାଏକ୍ୱାର୍ଡ ୬୯ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୪ଟି ଛକା ବଳରେ ୫୭ ରନ୍ ସଂଗ୍ରହ କରିଥିଲେ। ନମନ ଧୀରଙ୍କ ବ୍ୟାଟରୁ ୩୦ ରନ୍ ଅମଳ ହୋଇଥିଲା। ସେ ୨୧ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଭାରତ ପାଇଁ ପାଳି ଆରମ୍ଭ କରିଥିଲେ ରୋହିତ ଶର୍ମା ଏବଂ ଅଧିନାୟକ ଶୁଭମନ ଗିଲ୍। ମାତ୍ର ଭାରତକୁ ଆରମ୍ଭରୁ ଝଟକା ଲାଗିଥିଲା। ଦଳ ମାତ୍ର ୩ ରନ୍‌ରେ ଶୁଭମନ ଗିଲ୍‌ଙ୍କୁ ହରାଇଥିଲେ। ୨.୩ ଓଭରରେ ଗିଲ୍ (ଶୂନ୍ୟ ରନ୍) ଆଉଟ୍ ହୋଇଥିଲେ। ବିରାଟ କୋହଲି ମଧ୍ୟ ଭଲ ପ୍ରଦର୍ଶନ କରିପାରି ନଥିଲେ। ଏପରିକି କୋହଲି ଖାତା ଖୋଲିପାରି ନଥିଲେ। ଭାରତ ସ୍କୋର ୩ ରନ୍‌ରେ ଶୁଭମନ ଗିଲ୍ ଏବଂ ୪ ରନ୍‌ରେ କୋହଲିଙ୍କୁ ହରାଇଥିଲା। ଭାରତକୁ ୨ଟି ବଡ଼ ଝଟକା ଲାଗିଲା ପରେ ରୋହିତ ଏବଂ ଗାଏକ୍ୱାର୍ଡ ଚତୁର୍ଥ ୱିକେଟ୍ ପାଇଁ ୧୩୭ ରନ୍‌ର ଭାଗିଦାରୀ କରିଥିଲେ। ଋତୁରାଜ ଆଉଟ୍ ହେଲା ପରେ ପଞ୍ଚମ ୱିକେଟରେ ନମନ ଧୀରଙ୍କ ସହିତ ରୋହିତ ୬୫ ରନ୍ ଭାଗିଦାରୀ କରିଥିଲେ। ଭାରତ ପାଇଁ ନିତିଶ କୁମାର ରେଡ୍ଡୀ ୯ ରନ୍ ଏବଂ ଅଂଶୁଲ କମ୍ବୋଜ ୧୭ ରନ୍ ସଂଗ୍ରହ କରିଥିଲେ।

ଜାତୀୟ ଜୁନିୟର ଥ୍ରୋବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ସ୍ୱର୍ଣ୍ଣ

ରାୟଗଡା , ୦୩/୧୦ (କୈଳାସ ସାଇଁ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ପୋଲମା ବିଦ୍ୟାଳୟ ପାଇଁ ଗୌରବମୟ ମୁହୂର୍ତ୍ତ। ବିଦ୍ୟାଳୟର ଛାତ୍ର

ନାସିକରେ ଗୌରବ ଆଣିଲେ ରାୟଗଡ଼ା ପୁଅ




ସୁଶାନ୍ତ ମାଣ୍ଡିକା ଜାତୀୟ ସ୍ତରରେ ଇତିହାସ ରଚିଛନ୍ତି। ମହାରାଷ୍ଟ୍ର ନାସିକ୍‌ଠାରେ ଅନୁଷ୍ଠିତ ୩୨ତମ ଜାତୀୟ ଜୁନିୟର ଥ୍ରୋବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ବାଳକ ଦଳ ଚାମ୍ପିଅନ୍ ହୋଇଛି। ଏହି ଦଳରେ ପୋଲମା ବିଦ୍ୟାଳୟର ସୁଶାନ୍ତ ମାଣ୍ଡିକା ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେମିଫାଇନାଲ୍‌ରେ ଓଡ଼ିଶା ଦଳ ଆୟୋଜକ ମହାରାଷ୍ଟ୍ରକୁ ୨-୦ ସେଟ୍‌ରେ ପରାସ୍ତ କରିଥିଲା। ଫାଇନାଲ୍‌ରେ ଶକ୍ତିଶାଳୀ କେରଳ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୨-୧ ସେଟ୍‌ରେ ବିଜୟୀ ହୋଇ ଓଡ଼ିଶା ସ୍ୱର୍ଣ୍ଣ ପଦକ ଜିତିଛି। ଏହା ଓଡ଼ିଶା ଥ୍ରୋବଲ୍ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ସୁଶାନ୍ତଙ୍କ ସଫଳତା ପାଇଁ ଖେଳ ଶିକ୍ଷକ ବାବୁଲା ମେଲେକା, ରାୟଗଡ଼ା ବ୍ଲକ୍ ଉପାଧ୍ୟକ୍ଷ ହରପ୍ରସାଦ ହେପୁରୁକା, ସମାଜସେବୀ ଚନ୍ଦ୍ରଶେଖର ଖୋଶେଲିବଂଶ, ଗୋବିନ୍ଦ ଉଲ୍ଲାକା, ବିଜୟ କୁମାର ମେଲେକା, କାମେଶ୍ୱର ବିଡ଼ିକା ଓ ରାଜେଶ ହିମିରିକା ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟର ଶିକ୍ଷକ, ସହପାଠୀ ଓ ଗ୍ରାମବାସୀ ଆନନ୍ଦ ପ୍ରକାଶ କରିଛନ୍ତି।

ନେତ୍ରା କୁମାନନ୍‌ଙ୍କୁ କାଂସ୍ୟ



ଆଇଚି, ୦୩/୧୦ : ଭାରତର ନେତ୍ରା କୁମାନନ୍ ଚଳିତ ଏସୀୟ କ୍ରୀଡ଼ାରେ ଶୁକ୍ରବାର ମହିଳା ପାଲଟଣା ନୌଚାଳନା ଡିନ୍‌ଘିରେ କାଂସ୍ୟ ପଦକ ଜିତିଛନ୍ତି। ଚତୁର୍ଥ ଥର ପାଇଁ ଏସୀୟ କ୍ରୀଡ଼ାରେ ଭାଗ ନେଇଥିବା ନେତ୍ରା ପ୍ରଥମଥର ପୋଡ଼ିୟମ ଦଖଲ କରିଛନ୍ତି। ଚେନ୍ନାଇର ୨୯ ବର୍ଷୀୟ ନେତ୍ରା ୭ ଫାଇନାଲରୁ ୭ ଓ ଯୋଗ୍ୟତା ରେସ୍‌ରୁ ୭ ପଏଣ୍ଟ ସହ ମୋଟ୍ ୧୪ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଥାଇଲାଣ୍ଡର ସୋଫିଆ ମୋଣ୍ଟଗୋମେରି ସ୍ୱର୍ଣ୍ଣ ଓ ସିଙ୍ଗାପୁରର ଜାନିଆ ଆଙ୍ଗ ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ବର୍ଗରେ ଅଲିମ୍ପିଆନ ତଥା ଗତ ସଂସ୍କରଣର କାଂସ୍ୟ ପଦକ ବିଜେତା ବିଷ୍ଣୁ ସରବାନନ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ଗୁରୁବାର ପାଲଟଣା ନୌଚାଳନାରେ ଭାରତକୁ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ମିଳିଥିଲା। ପୁରୁଷ ସ୍କିଫରେ ମନୁ ଫ୍ରାନ୍‌ସିସ ଓ ପ୍ରିନ୍ସ ନୋବେଲ ରୌପ୍ୟ, ମହିଳାରେ ହର୍ଷିତା ତୋମର, ଶୀତଲ ବର୍ମା କାଂସ୍ୟ ପଦକ ଜିତିଥିଲେ।

ତୀରନ୍ଦାଜିର ନୂଆ ନାୟିକା କୁମ୍‌କୁମ୍‌ଙ୍କୁ ଐତିହାସିକ ସ୍ୱର୍ଣ୍ଣ



ନାଗୋୟା, ୦୩/୧୦ : ଚଳିତଏସୀୟ କ୍ରୀଡ଼ାରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ୩ ପଦକ ଜିତି ଭାରତୀୟ ତୀରନ୍ଦାଜିରେ ନୂଆ ନାୟିକା ଭାବେ ଉଭା ହୋଇଛନ୍ତି ୧୭ ବର୍ଷୀୟା କୁମ୍‌କୁମ୍ ଅନିଲ ମୋହୋଦ। ଶନିବାର ମହିଳା ରିକର୍ଭ ବ୍ୟକ୍ତିଗତ ବର୍ଗରେ ଏହି ଭାରତୀୟ ତୀରନ୍ଦାଜ ସ୍ୱର୍ଣ୍ଣ ଜିତି ଇତିହାସ ରଚିଛନ୍ତି। ଏଥିସହ ପ୍ରଥମ ଭାରତୀୟ ଭାବେ ସେ ଏସୀୟ କ୍ରୀଡ଼ା ତୀରନ୍ଦାଜି ରିକର୍ଭ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଛନ୍ତି ଏବଂ ୨୦୨୮ ଲସ୍‌ଏଞ୍ଜେଲସ ଅଲିମ୍ପିକ୍ସ ଟିକେଟ୍ ମଧ୍ୟ କରାୟତ କରିଛନ୍ତି। ପୂର୍ବରୁ ଭାରତୀୟ ମହିଳା ଦଳ (ଅଙ୍କିତା ଭକତ, କୀର୍ତ୍ତି ଶର୍ମା) ସହ କୁମ୍‌କୁମ୍ ସ୍ୱର୍ଣ୍ଣ ଜିତିଥିଲା ବେଳେ ମିଶ୍ରିତ ଯୁଗଳରେ ଧୀରଜ ବୋମ୍ମାଦେବାରାଙ୍କ ସହ ଐତିହାସିକ ରୌପ୍ୟ ପାଇଥିଲେ। ଶନିବାର କଡ଼ା ସଂଘର୍ଷ ପୂର୍ଣ୍ଣ ଫାଇନାଲ୍‌ରେ କୁମ୍‌କୁମ୍ ସୁଟ୍‌ଆଉଟ୍ (୬-୫)ରେ ଦକ୍ଷିଣ କୋରିଆର ଓ ୟେଜିନ୍‌ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ର ପ୍ରଥମ ଗେମ୍‌ରେ କୁମ୍‌କୁମ୍ ୦-୨ରେ ପଛରେ ପଡ଼ିଲା ପରେ ଦ୍ୱିତୀୟଟି ୧-୧ରେ ସରିଥିଲା। ତୃତୀୟକୁ କୁମ୍‌କୁମ୍ ୨-୦ରେ ଜିତି ସ୍ଥିତି ସମାନ କରିଥିଲେ। ଚତୁର୍ଥ ଗେମ୍‌କୁ ୟେଜିନ୍ ଓ ପଞ୍ଚମକୁ କୁମ୍‌କୁମ୍ ଜିତିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ଶେଷରେ ଫଳାଫଳ ଲାଗି ମ୍ୟାଚ୍ ସୁଟ୍‌ଆଉଟ୍‌କୁ ଯାଇଥିଲା। ଏଥିରେ କୁମ୍‌କୁମ୍ ନିଜ ତୀର ୧୦ ରିଙ୍ଗ୍‌ରେ ପହଞ୍ଚିଥିଲା ବେଳେ ୟେଜିନ୍ ୮ ରିଙ୍ଗ୍‌ରେ ବଜାଇ ପରାଜୟ ବରଣ କରିଥିଲେ। ପୂର୍ବରୁ ସେମିଫାଇନାଲ୍‌ରେ କୁମ୍‌କୁମ୍ ବିଶ୍ୱର ପୂର୍ବତନ ୧ ନମ୍ବର ବିଶ୍ୱ ରୌପ୍ୟ ବିଜେତା ଚୀନ୍‌ର ଜିଙ୍ଗୟି ଝୁଙ୍କୁ ଏବଂ କ୍ୱାର୍ଟରଫାଇନାଲ୍‌ରେ ବିଶ୍ୱ ବିଜେତା ଦକ୍ଷିଣ କୋରିଆ ଖେଳାଳି କାଙ୍ଗ ଚାଏୟଙ୍ଗ୍‌ଙ୍କୁ ସମାନ ୬-୪, ୬-୪ ବ୍ୟବଧାନରେ ହରାଇ ସ୍ୱର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲେ। ଦୁଇ ଚୀନ୍ ଖେଳାଳିଙ୍କ ମଧ୍ୟରେ ହୋଇଥିବା କାଂସ୍ୟ ଲଢ଼େଇରେ ୟୁୟୋଇ ୬-୪ରେ ହୁଙ୍ଗ ଜିଙ୍ଗୟିଙ୍କୁ ହରାଇଥିଲେ। ପୁରୁଷ ବ୍ୟକ୍ତିଗତ ବର୍ଗରେ ଦୁଇ ଭାରତୀୟ ମଧ୍ୟରେ ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ନୀରଜ ଚୌହାନ ୬-୪ରେ ଧୀରଜଙ୍କୁ ହରାଇ କାଂସ୍ୟ ଜିତିଛନ୍ତି। ସେମିଫାଇନାଲ୍‌ରେ ନୀରଜ ୧-୬ରେ ଜାପାନର ଜୁନ୍ୟା ନାକାନିଶିଙ୍କଠୁ ଏବଂ ଧୀରଜ ୩-୬ରେ ଦକ୍ଷିଣ କୋରିଆର ଉସିଓକ୍ ଲି'ଙ୍କଠୁ ହାରି କାଂସ୍ୟ ପାଇଁ ଲଢ଼ିଥିଲେ। ପୂର୍ବରୁ କ୍ୱାର୍ଟରରେ ନୀରଜ ୬-୧ରେ ଭୁଟାନର ଲାମ ଦୋର୍‌ଜିଙ୍କୁ ଏବଂ ଧୀରଜ ୬-୨ରେ ଉଜ୍‌ବେକିସ୍ତାନର ଆମିରଖୋନ ସାଦିକୋଭ୍‌ଙ୍କୁ ପରାସ୍ତ କରିଥିଲେ। ଲି ୬-୨ରେ ନାକାନିଶିଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ।

କୁସ୍ତିରେ ସ୍ୱର୍ଣ୍ଣ ଜିତିଲେ ସୁଜିତ




ନାଗୋୟା, ୦୩/୧୦ : ଚଳିତ ଏସୀୟ କ୍ରୀଡ଼ାରେ କୁସ୍ତିରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତାଇଛନ୍ତି ସୁଜିତ କାଲ୍‌କଲ। ଶୁକ୍ରବାର ପୁରୁଷ ୬୫ କିଗ୍ରା ଫ୍ରିଷ୍ଟାଇଲ୍ କୁସ୍ତି ଫାଇନାଲରେ ସୁଜିତ କାଜକିସ୍ତାନର ଅବୁଲମାଜିଦ୍ କୁଦିୟେଭଙ୍କୁ ପରାସ୍ତକରି ଏହି ସଫଳତା ହାସଲ କରିଛନ୍ତି। ଏକ ରୋମାଞ୍ଚକର ଫାଇନାଲରେ ସୁଜିତ ୧୦-୯ ପଏଣ୍ଟରେ କୁଦିୟେଭଙ୍କୁ ପରାସ୍ତ କରିଥିଲେ। ପ୍ରଥମ ରାଉଣ୍ଡରେ ୨-୯ ପଏଣ୍ଟରେ ପଛୁଆ ରହିବା ପରେ ସୁଜିତଙ୍କ ପରାଜୟ ନିଶ୍ଚିତ ଲାଗୁଥିଲା। ହେଲେ ୨ୟ ରାଉଣ୍ଡରେ ସୁଜିତଙ୍କର ଏକ ନୂଆ ରୂପ ଦେଖିବାକୁ ମିଳିଥିଲା। ସୁଜିତ କାଲ୍‌କଲ ୨ୟ ରାଉଣ୍ଡରେ ପ୍ରତିପକ୍ଷ କୁଦିୟେଭଙ୍କୁ କୌଣସି ପଏଣ୍ଟ ନ ଦେଇ କ୍ରମାଗତ ୮ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲେ। ଭାରତୀୟ ମଲ୍ଲଯୋଦ୍ଧା ସୁଜିତ ଏହି ସ୍ୱର୍ଣ୍ଣ ପଦକକୁ ତାଙ୍କ ସଫଳ ପଦକ ତାଲିକାରେ ଯୋଡ଼ିଛନ୍ତି। ଯେଉଁଥିରେ ପୂର୍ବରୁ ଏସୀୟ ଚାମ୍ପିଅନ୍‌ସିପ୍ ସ୍ୱର୍ଣ୍ଣ ଏବଂ ବିଶ୍ୱ ୨୩ ବର୍ଷରୁ କମ୍ ଚାମ୍ପିଅନ୍‌ସିପ୍ ସ୍ୱର୍ଣ୍ଣ ସାମିଲ ଅଛି। ଶୁକ୍ରବାର ଫାଇନାଲରେ ସୁଜିତ ୨-୯ରେ ପଛୁଆ ରହିବା ପରେ ପ୍ରତ୍ୟାକ୍ରମ କରି ପଏଣ୍ଟ ପରେ ପଏଣ୍ଟ ହାସଲ କରି ଚାଲିଥିଲେ। ଫଳରେ କ୍ରମାଗତ ୬ ପଏଣ୍ଟ ହାସଲକରି ସୁଜିତ ସ୍କୋର୍‌କୁ ୮-୯ ପଏଣ୍ଟ କରି ପାରିଥିଲେ। ଲଢ଼େଇ ସରିବାକୁ ଶେଷ ୧୦ ସେକେଣ୍ଡ ବାକି ଥିବାବେଳେ ସୁଜିତ କୁଦିୟେଭଙ୍କ ଡିଫେନ୍‌ସକୁ ଭାଙ୍ଗିବାରେ ସଫଳ ହୋଇଥିଲେ। ପ୍ରଥମ ରାଉଣ୍ଡରେ ୨-୯ ପଏଣ୍ଟରେ ପଛୁଆ ରହିବା ପରେ ସୁଜିତଙ୍କ ପରାଜୟ ଏକ ଟେକ୍‌ଡାଉନ୍ ଜରିଆରେ ୨ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲେ।

ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ



ପଦ୍ମପୁର, ୩/୧୦ (ଅକ୍ଷର ଓଡ଼ିଶା): ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ପରମେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ମହା ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟର ବିଜ୍ଞାନ ଓ କଳା ବିଭାଗର ଛାତ୍ରଛାତ୍ରୀମାନେ ନବାଗତ ଛାତ୍ରଛାତ୍ରୀଙ୍କୁ ଉତ୍ସାହ ଓ ଶ୍ରଦ୍ଧାର ସହ ସ୍ୱାଗତ ଜଣାଇଥିଲେ। ଅଧ୍ୟକ୍ଷ ପରମେଶ୍ୱର ସାହୁ ବିଦ୍ୟାଳୟର ନୀତି, ନିୟମ ଓ ଶୃଙ୍ଖଳା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ପ୍ରାଧାପକ ତେଜରାଜ ସାହୁ ଛାତ୍ରଛାତ୍ରୀମାନେ ପଥଭ୍ରଷ୍ଟ ନହୋଇ ଉଚିତ ପଥରେ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ। ପ୍ରାଧାପକ ବୈବସ୍ୱତ ପ୍ରଧାନ ଶୃଙ୍ଖଳିତ ଜୀବନଯାପନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାଧାପିକା ଜୟଶ୍ରୀ ମେହେର ମାନବ ଜୀବନରେ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ନିଜର ମତ ରଖିଥିଲେ। ଅଧ୍ୟାପକ ତୁଳାରାମ ନିରନ୍ତର ଶିକ୍ଷା ଗ୍ରହଣ କରି ଜୀବନର ଲକ୍ଷ୍ୟ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଏହି ସମାରୋହରେ ଅଧ୍ୟାପକ ଓ ଅଧ୍ୟାପିକା ପିଙ୍କୁ ନାୟକ, ନଉକାଧର ମେହେର, ବର୍ଷାରାଣୀ ସାହୁ, ପ୍ରିତି ବୋଇ, ପ୍ରେମ କୁମାର ସାହୁ, ସହିଦ ମହମ୍ମଦ ଚିପନ ସାହୁ, ଜୟଶ୍ରୀ ମେହେର, ତୁଳାରାମ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ଅନୁଭବାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମଗ୍ର ସଭା ପରିଚାଳନାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ସକ୍ରିୟ ଭାବେ ସହଯୋଗ କରିଥିଲେ।

କୁସ୍ତି ଫାଇନାଲରେ ଅମନ ସେହରାୱତ ବିଜୟ



ନୂଆଦିଲ୍ଲୀ, ୦୩/୧୦ : ଏସୀୟ କ୍ରୀଡ଼ାର ୧୪ତମ ଦିନ ଭାରତ ପାଇଁ ଏକ ଉଲ୍ଲେଖନୀୟ ଦିନ। ଅମନ ସେହରାୱତ ପୁରୁଷ ଫ୍ରିଷ୍ଟାଇଲ୍ ୫୭ କିଲୋଗ୍ରାମ ଫାଇନାଲରେ ବିଜୟୀ ହୋଇ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଛନ୍ତି। ସେ ଭାରତର ୨୦ତମ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଛନ୍ତି। ଅମନ ସମ୍ପୂର୍ଣ୍ଣ ମୁକାବିଲାରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ସେ ପ୍ରାରମ୍ଭରେ ଅଗ୍ରଣୀ ନେଇଥିଲେ, କିନ୍ତୁ ମୁକାବିଲାର ମଧ୍ୟଭାଗରେ ତାଙ୍କର ଗତି ସାମାନ୍ୟ ହ୍ରାସ ପାଇଥିଲା, କିନ୍ତୁ ଉତ୍ତର କୋରିଆର ଖେଳାଳି ଏହାକୁ ପୁରଣ କରିପାରି ନଥିଲେ।

ଭାରତ ଜିତିଲା ୨୦ତମ ସ୍ୱର୍ଣ୍ଣ ପଦକ

ଅମନ ଶେଷରେ ୧୧-୭ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସୁଜିତ କାଲକାଲଙ୍କ ପରେ ଏହା ଭାରତର ଦ୍ୱିତୀୟ କୁସ୍ତି ସ୍ୱର୍ଣ୍ଣ ପଦକ। ୨୦୨୨ ଏସୀୟ କ୍ରୀଡ଼ାରେ ଅମନଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା, କିନ୍ତୁ ଏଥର ସେ ଏହାର ପୂରଣ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅମନ ପ୍ରାରମ୍ଭରେ ୨-୦ରେ ଅଗ୍ରଣୀ ନେଇଥିଲେ ଏବଂ କୋରିଆନ୍ ଖେଳାଳିଙ୍କ ଉପରେ ଚାପ ପକାଇଥିଲେ। ବିଶ୍ୱ ନମ୍ବର ୧ କୋରିଆନ୍ ଖେଳାଳି ଚୋଙ୍ଗ୍ ସୋଙ୍ଗ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଅମନଙ୍କୁ ସହଜରେ ଜିତିବାକୁ ଦେଇ ନଥିଲେ। ମ୍ୟାଚ୍ ଶେଷ ହେବାକୁ ଆଉ ମାତ୍ର ଗୋଟିଏ ମିନିଟ୍ ବାକି ଥିଲା। ଚଙ୍ଗ୍ ସୋଙ୍ଗ୍ ୭-୬ରେ ଆଗୁଆ ଥିଲେ। ସେ ତାଙ୍କର ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ମନେ ହେଉଥିଲା ଯେ ଅମନ ପଛରେ ପଡ଼ିଯିବେ, କିନ୍ତୁ ତାହା ହୋଇନଥିଲା। ଅମନ ପ୍ରତିଆକ୍ରମଣ କରିଥିଲେ ଏବଂ ଦୁଇଟି ପଏଣ୍ଟ ଅର୍ଜନ କରିଥିଲେ। ଶେଷରେ ଅମନ ୧୧-୭ରେ କୋରିଆନ୍ ଖେଳାଳିଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତ ଏପର୍ଯ୍ୟନ୍ତ ୨୦ଟି ସ୍ୱର୍ଣ୍ଣ, ୨୬ଟି ରୌପ୍ୟ ଏବଂ ୩୬ଟି କାଂସ୍ୟ ପଦକ ଜିତିଛି।

ଇତିହାସ ରଚିଲେ ପ୍ରଣବୀ

ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ମହିଳା ଗଲ୍‌ଫର



ନାଗୋୟା, ୦୩/୧୦ : ମହିଳା ଗଲ୍‌ଫରେ ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣ ଜିତିଛନ୍ତି ୨୩ ବର୍ଷୀୟା ପ୍ରଣବୀ ଉର୍ସା। ଶନିବାର ଅନ୍ତିମ ରାଉଣ୍ଡରେ ମାତ୍ର ଗୋଟିଏ ଷ୍ଟ୍ରୋକ୍‌ର ଅଗ୍ରଣୀ ବଜାୟ ରଖି ସେ ଏସୀୟ କ୍ରୀଡ଼ାରେ ପ୍ରଥମ ଭାରତୀୟ ମହିଳା ଗଲ୍‌ଫର ଭାବେ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଛନ୍ତି। ପ୍ରଣବୀଙ୍କ ଏହି ସଫଳତା ବଳରେ ଭାରତୀୟ ମହିଳା ଦଳ ରୌପ୍ୟ ଜିତିବାକୁ ସକ୍ଷମ ହୋଇଛି। ତୃତୀୟ ହୋଲ୍‌ରେ ଟ୍ରିପଲ୍ ବୋଗି କରି ପ୍ରଣବୀ ରାତିରୁ ରହିଥିବା ତିନି ଷ୍ଟ୍ରୋକ୍‌ର ଅଗ୍ରଣୀ ହରାଇଥିଲେ। ତେବେ ଚାପରେ ଭାଙ୍ଗି ନ ପଡ଼ି ସେ ୩ଟି ବର୍ଡି କରି ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଅନ୍ତିମ ରାଉଣ୍ଡରେ ପ୍ରଣବୀ ପାର୍-ସ୍କୋର ୭୦ କରିଥିଲେ। ୪ଦିନିଆ ଏହି ମ୍ୟାଚ୍‌ରେ ସେ ମୋଟ ୧୫-ଅଣ୍ଡର-ପାର୍ ୨୬୫ ସ୍କୋର୍ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୨୦୦୨ରେ ଶିବ କପୁର (ପୁରୁଷ ବ୍ୟକ୍ତିଗତ)ଙ୍କ ପରେ ଏହା ଗଲ୍‌ଫରେ ଭାରତର ପ୍ରଥମ ସ୍ୱର୍ଣ୍ଣ। ପ୍ରଣବୀଙ୍କ ପଛକୁ ଚୀନ୍‌ର ୟିନ୍ ରୁଓନିଙ୍ଗ ଓ ସିଙ୍ଗାପୁରର ସାନନ୍ ଟାନ୍ ସମାନ ୬୬ ସ୍କୋର୍ କରି ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପାଇଥିଲେ। ଅଲିମ୍ପିଆନ୍ ଅଦିତି ଅଶୋକ (୨୮୨) ୧୪ତମ ଓ